


ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର



ବର୍ଷା-୨୦୧୩




ସଂପାଦକ

**ଦାଶ ବେନହୁର୍**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

**ଓଡ଼ିଶା ସରକାର**

ବର୍ଷା-୨୦୧୩

ସଂପାଦକ : ଦାଶ ବେନହୁର

ସଂପାଦନା ମଣ୍ଡଳୀ : ସନ୍ତୋଷ ଷଡ଼ଙ୍ଗୀ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ୍

© ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର



## ସଂପାଦକଙ୍କ କଲମରୁ...

ସ୍କୁଲ ଜୀବନରେ ମୂଳକଥାଟି ହେଲା ପାଠ ପଢ଼ା ।

ଅନେକ ଭାବନ୍ତି ପାଠ ପଢ଼ା ଅର୍ଥ କେବଳ ପାଠ୍ୟକ୍ରମରେ ଦିଆଯାଇଥିବା ବିଷୟବସ୍ତୁ ସମ୍ପର୍କରେ ଜ୍ଞାନ ଆହରଣ କରିବା । ବିଜ୍ଞାନ, ଗଣିତ, ସାହିତ୍ୟ, ସାମାଜିକ ପାଠ ଭଳି ବିଷୟଗୁଡ଼ିକ ସେଥିପାଇଁ ଶ୍ରେଣୀ ଅନୁସାରେ ବଣ୍ଟାଯାଇଥାଏ । ହେଲେ ଆମେ ଭାବିବା ଉଚିତ୍ ଯେ ପାଠ କ'ଣ କେବଳ ବହିକଥା ? ବହିରେ ତଥ୍ୟଥାଏ, ବର୍ଣ୍ଣନାଥାଏ, ମାତ୍ର ସେଥିରେ ଭାବନା କେଉଁଠୁ ଆସିବ ? ଭାବନା ଥାଏ ମନରେ । ବହିରେ ସବୁ ଛାତ୍ରଛାତ୍ରୀଙ୍କ ପାଇଁ ସମାନ କଥା ଥାଏ । ସମସ୍ତେ ସେଇ ଏକା କଥା ପଢ଼ନ୍ତି ବହିରୁ । କିନ୍ତୁ ପଢ଼ିଲାବେଳେ ପ୍ରତ୍ୟେକ ଛାତ୍ରୀ ବା ଛାତ୍ରଙ୍କର ଭାବନା ଭିନ୍ନ ଭିନ୍ନ ହୋଇଥାଏ । ଏଇ ଭାବନା ହିଁ ମଣିଷକୁ ନୂଆ କଥା ଚିନ୍ତା କରିବାଲାଗି ଖୋରାକ ଯୋଗାଇଥାଏ । ମଣିଷ ମାତ୍ରେ ଭାବୁକ ।

ତେଣୁ ଯେଉଁ ପାଠ ଆମକୁ ଅଧିକରୁ ଅଧିକ ଭାବିବାଲାଗି ପ୍ରେରଣା ଦିଏ ନାହିଁ, ତାହା ଠିକ୍ ପାଠ ନୁହେଁ । ପାଠ ସହିତ ଭାବନା, କଳ୍ପନା, କୌତୂହଳ ଆଦି ମିଶିବା ନିହାତି ଆବଶ୍ୟକ । ସେଥିପାଇଁ ସ୍କୁଲମାନଙ୍କରେ ପାଠପଢ଼ା ସହିତ ଆହୁରି ଅନେକ କଥା ଯୋଡ଼ାଯାଏ । ଖେଳକୁଦ, ନାଚଗୀତ, ଚିତ୍ରାଙ୍କନ, ତର୍କବିତର୍କ, ଅଭିନୟ ଓ ଗଳ୍ପଗୀତ ଲିଖନ ଆଦି ପାଠ୍ୟକ୍ରମସହ ମିଶେଇବାକୁ ହୁଏ । ଅବଶ୍ୟ ଏବେ ସେ ସବୁକୁ ମଧ୍ୟ ଭିନ୍ନ ଭିନ୍ନ ସ୍ତରରେ ପାଠ୍ୟକ୍ରମ ଭଳି ପଢ଼େଇବାର ବ୍ୟବସ୍ଥା ହେଲାଣି ।

ସ୍କୁଲପାଠ ସମୟରେ ଅସଲ କାମ କିନ୍ତୁ ନିଜର ଭାବନା ଓ କଳ୍ପନାକୁ ଶାଣିତ କରିବା । ସେଭଳି କରିବା ଲାଗି ନିଜେ ନିଜେ କିଛି ମୌଳିକ ସୃଷ୍ଟି କରିବା ନିହାତି ଜରୁରି । ଏଇ ଯେମିତି ଛବି ଆଙ୍କିବା, ଗୀତ ରଚନା କରିବା, ଗପ ଲେଖିବା, ପ୍ରବନ୍ଧ ଲେଖିବା ଇତ୍ୟାଦି । ଏହାଦ୍ୱାରା ନୂଆ ବିଷୟ ଚିନ୍ତା କରିବାକୁ ସୁଯୋଗ ମିଳେ ଓ ମନରେ ଗୋଟାଏ ମୁକୁଳା ଅନୁଭବ ଆସେ ।

ସଂଖ୍ୟା ପରେ ସଂଖ୍ୟା ବାହାରୁଥିବା ଏ ସର୍‌ଗିଫୁଲ୍ ପତ୍ରିକାଟି ସେଇ ଉଦ୍ଦେଶ୍ୟ ନେଇ ପ୍ରକାଶିତ ହେଉଛି । ପାଠ ସହ ପିଲାମାନେ ନୂଆ ଭାବନାରେ ମାତନ୍ତୁ, ଚିନ୍ତା କରନ୍ତୁ, ସୃଷ୍ଟି କରନ୍ତୁ ସେଇକଥା ଏ ପତ୍ରିକା ଚାହେଁ । ଆମ ଭାବନା ଯେତେ ସୁନ୍ଦର ଓ ମାର୍ଜିତ ହେବ, ଜୀବନ ମଧ୍ୟ ସେତେ ସୁନ୍ଦର ଓ ସଫଳ ହେବ ।

**ଦାଶ ବେନହୁର**
ସଂପାଦକ



# ସର୍‌ଗିଫୁଲ ପ୍ରକାଶନ ଅବସରରେ..........

ଦେଖିବା, ଉପଲବ୍ଧି କରିବା ଏବଂ ତାକୁ ଲେଖନୀ ମୁନରେ ବା ତୂଳୀରେ ସାକାର ରୂପ ଦେବା ପରସ୍ପର ସମ୍ବନ୍ଧିତ । ଆମ ବିଭାଗର ପିଲାମାନେ ପ୍ରକୃତି ଭିତରୁ ଆସିଛନ୍ତି । ପ୍ରକୃତିକୁ ଉପଲବ୍ଧି କରିଛନ୍ତି । ତାଙ୍କ ମନରେ ବି ଅଜସ୍ର ଇଚ୍ଛା ଅଛି ସଂସ୍କୃତି ଓ ପ୍ରକୃତିର ଉପଲବ୍ଧିକୁ କିପରି କଲମରେ ବା ତୂଳୀରେ ରୂପ ଦେବେ । ବେଳେ ବେଳେ ସେମାନେ ଶଂକାଗ୍ରସ୍ତ ହୋଇଛନ୍ତି ତାଙ୍କ ସୃଜନ କେତେ ଉପଯୋଗୀ ହେବ ? ବେଳେ ବେଳେ ହତୋତ୍ସାହିତ ହୋଇଛନ୍ତି । ତାଙ୍କ ଲେଖା ପ୍ରକାଶନ ସୁଯୋଗ ପାଇ ଯଥାଯୁକ୍ତ ସମାଦର ପାଇନି । ଏହି ସବୁ ଦ୍ୱିଧା ଓ ଶଂକାକୁ ଦୂରେଇ ସୃଜନ କଳାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସର୍‌ଗିଫୁଲର ପରିକଳ୍ପନା । ଏ ମାଧ୍ୟମରେ ସେମାନେ ପ୍ରଶସ୍ତ ସୁଯୋଗ ପାଉଛନ୍ତି । ତାଙ୍କରି ଭାଷାରେ ତାଙ୍କ ପରିକଳ୍ପନାକୁ ସେମାନେ ରୂପ ଦେଉଛନ୍ତି । ସେମାନଙ୍କ ଶ୍ରଦ୍ଧା ଆମକୁ ଉତ୍ସାହିତ କରିଛି । ସେମାନଙ୍କର ସ୍ୱପ୍ନସମୂହକୁ ଆମେ ସାକାର କରିବା ପାଇଁ ଚେଷ୍ଟିତ । ସେମାନେ ଆହୁରି କୁସୁମିତ ହୁଅନ୍ତୁ ଏବଂ ଅଦୂର ଭବିଷ୍ୟତରେ କଳା, ସାହିତ୍ୟରେ ସେମାନଙ୍କର ସ୍ୱାକ୍ଷର ସୁନିଶ୍ଚିତ କରନ୍ତୁ ସର୍‌ଗିଫୁଲ ପ୍ରକାଶନ ଅବସରରେ ଆମ ବିଭାଗର ସବୁ ପିଲାମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ।

**ସନ୍ତୋଷ କୁମାର ଷଡ଼ଙ୍ଗୀ**
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ



# ପଦୁଟିଏ

ପିଲା ବୟସ ଏକ ପ୍ରମତ୍ତ ବାଛୁରୀ ପରି । ମନ ତା'ର ପ୍ରଫୁଲ୍ଲିତ ଓ ସହସ୍ର ଜିଜ୍ଞାସାରେ ଭରପୂର । ଅସୁମାରୀ ସ୍ୱପ୍ନକୁ ସାଉଁଟି ସେ ଚ୍ୱହେଁ କିଛି ଗୋଟେ ସମ୍ଭବ କରିବ । ଏହି କିଛି କରିବାର ଓ ସାଉଁଟିବାର ଇଚ୍ଛା ଶକ୍ତିକୁ ସେ ଅନେକ ସମୟରେ ରୂପାୟିତ କରେ କଲମ ମୁନରେ । ଅସଜଡ଼ା ଶବ୍ଦକୁ ସାଉଁଟିବାର ଚେଷ୍ଟା କରୁ କରୁ ସେ ସୃଜନ ବିମୁଗ୍ଧ ହୁଏ । ଆଉ ଯଦି ମଞ୍ଚଟାଏ ପାଇଗଲା ତା'ହେଲେ ସେଇ ସ୍ୱପ୍ନ ସବୁ ଉଦ୍‌ଭାସିତ ହୁଏ ନୂତନ ରୂପରେ, ଛନ୍ଦରେ । ସୃଜନ ଶକ୍ତି ଆହୁରି ପ୍ରସ୍ଫୁଟିତ ହେବାରେ ଲାଗେ । ଆମ ବିଭାଗର ପିଲାମାନେ ସେହିପରି ସଫଳ ମଞ୍ଚଟିଏ ପାଇବା ପାଇଁ ତାଙ୍କ କଳ୍ପନାକୁ ସାକାର କରିବା ପାଇଁ ସେମାନେ ବ୍ୟଗ୍ର । ତାଙ୍କର ଆଶାକୁ ଜାଣିବା  ଓ ପାରିବା ପଣିଆକୁ ସଫଳ କରିବା ପାଇଁ ସର୍‌ଗିଫୁଲର ପରିକଳ୍ପନା । ସୁପ୍ତ ପ୍ରତିଭା ସମୂହ ସର୍‌ଗିଫୁଲ ମାଧ୍ୟମରେ ଉତ୍ସାହିତ ହୋଇଛି । ଆମ ବିଭାଗର ପ୍ରତ୍ୟେକ ପିଲାମାନଙ୍କ ପାଖକୁ ଏହି ଜାଗ୍ରତ ବାର୍ତ୍ତା ପ୍ରସାରିତ ହୋଇପାରିଛି । ସର୍‌ଗିଫୁଲ ଉତ୍ସବ ଆୟୋଜନର ସଫଳତାରୁ ଏହା ପ୍ରମାଣିତ । ଏହି ବାର୍ତ୍ତାକୁ ସୁଦୂର ପ୍ରସାରୀ କରିବା ଏବଂ ସେମାନଙ୍କ ସାମର୍ଥ୍ୟକୁ ପ୍ରଶଂସନୀୟ କରି ଗଢ଼ି ତୋଳିବାରେ ସର୍‌ଗିଫୁଲ ପତ୍ରିକାର ଅବଦାନ ମଧ୍ୟ ନିଶ୍ଚିତ; ପିଲାମାନେ ଆମ ପାଖକୁ ଅଜସ୍ର ଲେଖା ପଠାଇ ଏହା ପ୍ରମାଣିତ କରିସାରିଛନ୍ତି । ପିଲାମାନଙ୍କ ସେହି ପ୍ରତିଭାକୁ ଆହୁରି ବିକଶିତ କରିବାରେ ଓ ସେମାନଙ୍କୁ ଉତ୍ସାହିତ କରିବାରେ ଆମେ ସଚେଷ୍ଟ । ଏହି ପ୍ରକାଶନ ସେମାନଙ୍କ ସୃଜନୀ ପ୍ରତିଭାକୁ ଆହୁରି ଉଦ୍‌ଭାସିତ କରୁ ଓ ସେମାନେ ଅନେକ ଅନେକ ଲୁକ୍‌କାୟୀତ ପ୍ରତିଭାକୁ ଏ ମାଧ୍ୟମରେ ଆମ ପାଖରେ ପହଞ୍ଚାଇବାରେ ସମ୍ଭାବନା ସୃଷ୍ଟି କରନ୍ତୁ ପତ୍ରିକା ପ୍ରକାଶନ ଅବସରରେ ଏତିକି କାମନା ।

ଅଖିଳ ବିହାରୀ ଓତା
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ



# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ପରିଶ୍ରମର ଫଳ | ୧ |
| ମୁଁ ଗୋଟିଏ ସୁନା ପିଲା | ୩ |
| ପାଠ | ୩ |
| କେହି ସାନ ନୁହେଁ | ୪ |
| ପଉରି ଆସେ | ୫ |
| ପୁଣ୍ୟ ଏ ଆମ ଜନ୍ମଭୂମି | ୬ |
| ଟିକି ଚଢ଼େଇ | ୬ |
| ଭାରି ଭଲ ଲାଗେ | ୭ |
| ଅଜା ଆଈର ପିଠା ଖିଆ | ୮ |
| ଶାସ୍ତି | ୯ |
| ନିଶା | ୧୦ |
| ଦେଶାତ୍ମକ ବନ୍ଦନା | ୧୦ |
| ହସ କଥା | ୧୧ |
| ଗଛ | ୧୨ |
| ଖଡ଼ି ଗଲା ଗଡ଼ି ଗଡ଼ି | ୧୨ |
| ଶିକ୍ଷା | ୧୩ |
| ଗାଁରେ ଶୀତ | ୧୪ |
| ବିଲରେ ହସେ ସୁନାଫସଲ | ୧୪ |
| ପ୍ରକୃତିର ଦାନ | ୧୫ |
| ବରଷା | ୧୬ |
| ଗଢ଼ିବା ସୁନ୍ଦର ପରିବେଶ | ୧୬ |
| ଆଦର୍ଶ ମାଆ | ୧୭ |
| ଆମ ଜୀବନକୁ ଗଢ଼ିବା | ୧୯ |
| ପାଠ ନ ପଢ଼ିଲେ ? | ୨୦ |
| ଜୀବସାର | ୨୧ |
| ମାଆର ମମତା | ୨୧ |
| ଶୁଦ୍ଧ ଉପାର୍ଜନ | ୨୨ |
| ଆମ ପରିବେଶ ଓ ଆମ ପ୍ରଭୁ | ୨୩ |
| ସରଗୀ ଫୁଲ | ୨୭ |
| ପ୍ରେମିକ ପକ୍ଷୀ | ୨୮ |
| ପ୍ରଭୁ | ୨୯ |
| ହୁଁ-ହାଁ କରି ଚଳେ ସେ ଡେଇଁ | ୨୯ |
| ବିଦ୍ୟା | ୩୦ |
| ଢଗ | ୩୧ |
| ଉଡ଼ାଇବୁ ଜାତିର ପତାକା | ୩୧ |
| ମାଆ | ୩୨ |




| | |
|---|---|
| କାଠୁରିଆ ତା'ର ଭୁଲ ବୁଝିପାରିଲା | ୩୩ |
| ସାହାଯ୍ୟର ସୁଫଳ | ୩୫ |
| 'ସରଗୀ ଫୁଲ' | ୩୬ |
| 'ଆସ ପାଠ ପଢ଼ିବା' | ୩୬ |
| ବିପଦର ବନ୍ଧୁହିଁ ପ୍ରକୃତ ବନ୍ଧୁ | ୩୭ |
| ପୁଅ ପରି ଝିଅଟିଏ | ୩୮ |
| ସେହି ଦିନର ଅଲିଭା ସ୍ମୃତି | ୩୯ |
| ହସ କଥା | ୪୦ |
| ଠକାମିର ପରିଣାମ | ୪୨ |
| ଢ଼ଗ | ୪୩ |
| ଯକ୍ଷପୁର | ୪୩ |
| ହଳଦୀବସନ୍ତ ଓ ଠେକୁଆ | ୪୪ |
| କଷ୍ଟ କଲେ କୃଷ୍ଣ ମିଳେ | ୪୪ |
| ତିନି ସଙ୍ଗାତ | ୪୫ |
| ବୁଦ୍ଧି ଥିଲେ ଉପାୟ ଆସେ | ୪୭ |
| ଜହ୍ନମାମୁଁର ଚିଠି | ୪୮ |
| ନିଜ ଗୁଣର ବିକାଶ | ୫୦ |
| କୁକୁର ଲାଙ୍ଗୁଡ଼ ବଙ୍କା | ୫୨ |
| ରାଜୁ ବାବୁର ନିଜ କଥା | ୫୩ |
| ଚିନି ଓ ଲୁଣ | ୫୪ |
| ପିଲାଟିର କେଡେ଼ ସାହାସ | ୫୫ |
| ସାଙ୍ଗ ହେବ ତ ଏମିତି | ୫୭ |
| ବୋକା | ୫୮ |
| ଆନନ୍ଦରେ ନାଚିଲେ ଗାଇଲେ | ୫୯ |
| ମେଷପାଳକର କନ୍ୟା | ୬୧ |
| ଜଙ୍ଗଲ ଜଗିଛି କମ୍ପୁଟର ବାଘ | ୬୩ |
| ପ୍ରଜାପତି ଓ ମହୁମାଛିର ଝଗଡ଼ା | ୬୪ |
| ଗୁରୁଙ୍କ ଆଶିର୍ବାଦ | ୬୫ |
| ପ୍ରକୃତ ବନ୍ଧୁ | ୬୬ |
| ତିନିଭାଇ ଓ ଯାଦୁଗର | ୬୭ |


**ଜନଜାତି ଭାଷା ବିଭାଗ**



| | |
|---|---|
| ସାଉଁତି ସେରେଙ୍ଗ | ୬୯ |
| ଜେଗେବ୍ ଉତ୍ନାଉ (ଜଗତ ଉଦ୍ଧାର ହେଉ) | ୬୯ |
| କାଳ କୁଇଲି | ୭୦ |
| ଜାନାମ୍ ଆୟ ବାବା | ୭୦ |
| ବଡ଼ବାହାଳିରିଆ ରାଂସାଜୀବନ | ୭୧ |
| ସାନ୍ଦ୍ରା ସେରେଙ୍ଗ | ୭୨ |
| ଗାଡେ କୁଲି | ୭୨ |




# ପରିଶ୍ରମର ଫଳ

ଗୋଟିଏ ଗ୍ରାମରେ ଜଣେ କୃଷକ ଥାଏ । ତା'ର ନାମ ଗୋପାଳ । ତା'ର ଦୁଇପୁଅ ଥାଆନ୍ତି । ବଡ଼ ପୁଅର ନାମ ରାମ ଓ ସାନଟିର ନାମ ଚନ୍ଦ୍ର । ସେମାନଙ୍କ ମା' ପୂର୍ବରୁ ମରିଯାଇଥାନ୍ତି । ରାମ ଅଳସୁଆ,କାମ କରେ ନାହିଁ । ଚନ୍ଦ୍ର ପରିଶ୍ରମୀ । ସେମାନେ ଭାରି ଗରିବ ଥିଲେ । ଗୋପାଳର ଧନ ନ ଥାଏ । ଖଣ୍ଡେ ଜମି ଓ କିଛି ଧାନ ଥାଏ । ଗୋପାଳ ଦିନେ ରୋଗରେ ପଡ଼ି ମରିଗଲା । ରାମ ଏହି ସୁଯୋଗକୁ ଛାଡ଼ିବାକୁ ଚାହୁଁ ନଥିଲା । ସେ ସମସ୍ତ ଧନ ଓ ଜମିବାଡ଼ି ନେଇ ସାନ ଭାଇ ଚନ୍ଦ୍ରକୁ ବାହାରକୁ ବାହାର କରି ଦେଲା । ଚନ୍ଦ୍ର ସରଳ ଓ ଭାତୃସ୍ନେହୀ ଥିଲା । ତେଣୁ ସେ କିଛି ନ କହି ବାହାରିଗଲା । ସେ ଚାହୁଁ ଥିଲା ଯେ ସେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବ । ସେ ସମସ୍ତଙ୍କ ବିଲ ବାଡ଼ିରେ କାମ କଲା, ମୂଲ ଲାଗିଲା ।

ଦିନେ ସେ ଜଣଙ୍କ ଜମିରେ ଚାଷ କଲା ବେଳେ ଗୋଟିଏ ଛୋଟ ମାଠିଆରେ କିଛି ଧନ ଥିବାର ଦେଖିଲା । ସେ ଭାବିଲା ଏହାକୁ ମୁଁ ଠାକୁରଙ୍କୁ ଦାନ କରି ଦେବି । ତା'ପର ଦିନ ସେହି ଧନରେ ଠାକୁରଙ୍କ ପାଖରେ ଭୋଗ କରି ଗରିବମାନଙ୍କୁ ଭୋଗ ଦେଲା । ସେଥିରେ ଧନ ଖର୍ଚ୍ଚ ହେବା ପରେ ଯେତେ




ରହିଲା ତାହାକୁ ଠାକୁରଙ୍କୁ ଦାନ କଲା । ସେଇ ଦିନରାତିରେ ସେ ସ୍ୱପ୍ନ ଦେଖିଲା, ଭଗବାନ ଆସି ତାକୁ କହୁଛନ୍ତି ଯେ ତା'ର ପୂଜାରେ ସନ୍ତୁଷ୍ଟ । ତେଣୁ ଚନ୍ଦ୍ର ତାଙ୍କୁ ଗୋଟିଏ ବର ମାଗୁ । ଚନ୍ଦ୍ର ମାଗିଲା, ହେ ପ୍ରଭୁ ମୁଁ ଚାହୁଁଛି ଯେ ନିଜେ ପରିଶ୍ରମ କରି ରୋଜଗାର କରିବାକୁ । ଯଦି ଆପଣ ବର ଦେବାକୁ ଚାହୁଁଛନ୍ତି, ତା' ହେଲେ ମତେ ଶକ୍ତି ଦିଅନ୍ତୁ । ଭଗବାନ କହିଲେ ତଥାସ୍ତୁ । ତା'ର ସ୍ୱପ୍ନ ଭାଙ୍ଗିବାପରେ ସେ ଉଠିଲା ଓ ଦେଖିଲା ତା'ର ବହୁଶକ୍ତି ଆସିଛି । ସେ ଭାବିଲା, ସ୍ୱପ୍ନଟି ସତ ହେଲା । ତା'ର ବଳରେ ସେ ବହୁତ ଧନ ରୋଜଗାର କଲା ।

ଦିନେ ସେ ଦେଖିଲା ତା'ର ପାଖରେ ବହୁ ଧନ ଅଛି । ସେହି ଧନରେ ସେ ଖଣ୍ଡେ ଜମି କିଣି ସେଥିରେ ଚାଷ କଲା । ସେ ବର୍ଷ ବହୁତ ଧାନ ହେଲା । ତା' ଭାଗ୍ୟ ବଦଳିଗଲା । ସେ ଦିନେ ଧନୀ ଲୋକରେ ପରିଣତ ହେଲା । ସେ ଦିନେ ତା' ଭାଇ ଅବସ୍ଥା ଦେଖିବାକୁ ଗଲା । ଦେଖିଲା ରାମ ଗୋଟିଏ ଭିକାରି ଭଳି ଚଳୁଛି । ଚନ୍ଦ୍ର ରାମକୁ ତା'ର ଘରକୁ ନେଇ ଆସିଲା । ରାମକୁ ପରିଶ୍ରମ କରିବା ପାଇଁ ଚନ୍ଦ୍ର କହିଲା । ରାମ ତାହା ହିଁ କଲା । କିଛି ଦିନ ଗଲା ପରେ ରାମ ଭାବିଲା, "ଚନ୍ଦ୍ର ପାଖରେ ବହୁତ ଧନ ଅଛି । ଚୋରାଇ ନେଲେ ତ ସେ ରାଜା ହୋଇଯିବ । ପରିଶ୍ରମ କରିବା କ'ଣ ଆବଶ୍ୟକ ?" ଏହା ଭାବି ସେ ତା'ର ଧନ ଚୋରି କରିବାରେ ଲାଗିଲା । ଦିନେ ସେ ଧନ ଚୋରାଇଲା ବେଳେ ଧରା ପଡ଼ିଲା । ଚନ୍ଦ୍ର କହିଲା, "ଭାଇ ତମେ ଶେଷରେ ଏପରି ହୀନକାର୍ଯ୍ୟ କରିପାରିଲ ? ମୁଁ କହିଥିଲି ପରିଶ୍ରମ କରିବା ପାଇଁ । ମାତ୍ର ତମେ ଚୋରିକଲ ?" ରାମ କାନ୍ଦି କାନ୍ଦି ଚନ୍ଦ୍ରକୁ କହିଲେ 'ମୁଁ ପରିଶ୍ରମ କରିବି', ଆଉ ଚୋରି କରିବି ନାହିଁ ।

ଶେଷରେ ରାମ ପରିଶ୍ରମ କରି ଧନୀ ଲୋକରେ ପରିଣତ ହେଲା । ଦୁଇ ଭାଇ ପରିଶ୍ରମ କରି ଖୁସିରେ ରହିଲେ ।

**ରେଶ୍ମା ସୋରେନ୍**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ



**କୁମାରୀ ରେଣୁକା ମିଶ୍ର**
ଚକ୍ରପାଣି ଆଶ୍ରମ ସ୍କୁଲ, ରାଇରଙ୍ଗପୁର, ମୟୂରଭଞ୍ଜ

## ମୁଁ ଗୋଟିଏ ସୁନା ପିଲା

ମୁଁ ଗୋଟିଏ ସୁନା ପିଲା
ମନରେ ଅଛି ଭକ୍ତି,
କେବେ ହେଲେ ବି କାହା ସାଥିରେ
କରଇ ନାହିଁ ଯୁକ୍ତି ।
ପିତା ମାତାଙ୍କୁ କରଇ ଭକ୍ତି
କରେନା କେବେ ଭୟ,
ଛୋଟ କଥାରେ ମାତେ ନା ଦିନେ
ପଢ଼ାରେ ରଖେ ଲୟ ।
ମୋତେ କୁହନ୍ତି ସୁଧାର ପିଲା
ବଚନ ମୋର ଧୀର,
କାମ ପଡ଼ିଲେ ବାହାରି ପଡ଼େ
ଆଗୁଆ ହୋଇ ବୀର ।
ପଢ଼ାଟି ସାରି ଖେଳଇ ମୁହିଁ
ଗୁରୁଙ୍କ କଥା ମାନି,
ତୁଚ୍ଛା କଥାରେ କାହାର କେବେ
କରଇ ନାହିଁ ହାନି ।

ଜ୍ୟୋତିରଂଜନ ଭୋଇ୍
ସରକାରୀ ଉଚ୍ଚ ବିଦ୍ୟାଳୟ, ତାରେଣୀପଣି, ବାଟଗାଁ, ସୁନ୍ଦରଗଡ



ଜଗନ୍ନାଥ ହାଁସଦା
ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର

## ପାଠ

ଅ ଆ ରୁ ପାଠ ଆରମ୍ଭ
ପଢ଼ିବା ମନ ଦେଇ,
ମନ ଲଗାଇ ପାଠ ପଢ଼ିଲେ
ହାରିବା ନାହିଁ କେହି ।
ପାଠ ଆମର ଅମୂଲ୍ୟଧନ
କେବେ ଭୁଲିବା ନାହିଁ,
ଆସ ସଙ୍ଗାତ ଆସରେ ମିତ
ପଢ଼ିବା ପାଠ ଯାଇ ।
ଗୁରୁଜୀ ଆମ ପଢ଼ାଇ ଦେବେ
ଜ୍ଞାନ ବିଜ୍ଞାନ ପାଠ,
ପାଠ ପଢ଼ିଲେ ସବୁ ଜାଣିବା
ହୋଇବା ଭଲ ଚାଟ ।
ଚାଲରେ ଚାଲ ପାଠଶାଳାକୁ
ଚଗଲା ହେବା ନାହିଁ,
ପାଠ ପଢ଼ିବା ବଡ଼ ହୋଇବା
ଆମେ ଭଉଣୀ ଭାଇ ।
ଗୁରୁମା ଆମ ବହୁତ ଭଲ
ବୁଝାଇ ଦେବେ ବସି,
ପାଠରେ ଆମ ମନ ଲାଗିବ
ପଢ଼ିବା ହସି ହସି ।
ଶିଶୁ ମନ୍ଦିର ବଡ଼ ଆଦର
କୁନି ପିଲାଙ୍କ ପାଇଁ,
ହସି ହସିକା ଖେଳି ଖେଳିକା
ପାଠ ପଢ଼ିବା ଯାଇଁ ।

କୁମାର ସୁମିତ୍ରା ସୋରେନ୍
ରାସ ଗୋବିନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

# କେହି ସାନ ନୁହେଁ

ଦିନକର କଥା । ଗୋଟିଏ ଗ୍ରାମରେ ସୁଧାକର ନାମରେ ଜଣେ ଲୋକ ଥିଲା । ତା'ର ବାଡ଼ିରେ ଅନେକ ପ୍ରକାର ଫୁଲ ହୋଇଥାଏ । ଫୁଲ ଗଛ ମୂଳରେ ପଥରଗୁଡ଼ିକ ପଡ଼ିରହିଥାଏ । ଅନେକ ଲୋକ ଫୁଲ ନେବାପାଇଁ ଆସନ୍ତି । ସବୁ ଲୋକ ସେହି ଫୁଲ ଗଛ ମୂଳରେ ଥିବା ପଥରରେ ଚଢ଼ି ଫୁଲ ତୋଳନ୍ତି । ସେଥିରୁ ଫୁଲ ବହୁତ ଗର୍ବ ଅନୁଭବ କଲା । ପଥରକୁ କହିଲା "ଆଲୋ ପଥର ଦେଖୁଛୁ ମତେ ନେବାପାଇଁ କେତେ ଲୋକ ଆସୁଛନ୍ତି, ହେଲେ ସବୁ ଲୋକ ତୋ ଉପରେ ଚଢ଼ି ମତେ ନେଉଛନ୍ତି । ତୁ ମୋ ପାଦ ତଳେ ସବୁଦିନ ପାଇଁ ରହିଗଲୁ । ଏହା କହି ଫୁଲ ଗଛଟି ଠୋ ଠୋ କରି ହସିଲା । ସେଥିରୁ ସେ ପଥର କିଛି କହିଲା ନାହିଁ, ନିରବରେ ସବୁ ଶୁଣିଲା । ଏମିତି କିଛି ଦିନ ବିତିଗଲା । କିଛି ଦିନ ପରେ ଗୋଟିଏ କାରିଗର ଆସିଲା । ସେହି ପଥରଟିକୁ ସୁଧାକରଠାରୁ ନେଇଗଲା । ସେହି ପଥରରେ ସୁନ୍ଦର ମୂର୍ତ୍ତି ଗଢ଼ିଦେଲା ଲୋକେ ମୂର୍ତ୍ତିଟିକୁ ଏବେ ପୂଜା କଲେ । ଫୁଲ ତୋଳି ଠାକୁରଙ୍କ ପାଦ ତଳେ ରଖିଲେ । ସେତେ ବେଳେ ପଥର ବହୁତ ହସିଲା । ଫୁଲ ପଚାରିବାରୁ କହିଲା ତୁ ମତେ ଦିନେ କହିଥିଲୁ ନାଁ ମୁଁ ତୋ ପାଦତଳେ ରହିବି । ଆଜି ଦେଖ୍ ତୁ ମୋ ପାଦ ତଳେ ପଡ଼ିରହିଛୁ । ଭଗବାନ ସମସ୍ତଙ୍କର । ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ତେଣୁ କାହାକୁ ହେୟ ମନେ କରିବା ଠିକ୍ ନୁହେଁ । ଫୁଲ ଏସବୁ ଶୁଣି ଲଜ୍ଜା ଦୟା ବୋଧ କଲା ଓ ମୁଣ୍ଡ ତଳକୁ କରି ନିରବରେ ରହିଲା ।

**କୁମାରୀ ରଶ୍ମିତା ସିଂ**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଳଦା



# ପଗ୍ରରି ଆସେ

ଛୋଟା ଲୋକଟିଏ ଥିଲା । ଗରିବ ଥିବାରୁ ବାଡ଼ି ଖଣ୍ଡେ ଧରି ବୁଲି ବୁଲି ଭିକ ମାଗୁଥିଲା । ସନ୍ଧ୍ୟା ବେଳକୁ ଘରକୁ ଫେରିଲେ ଯାହା ଆଣୁଥିଲା ସେଥିରେ ସ୍ୱାମୀ ସ୍ତ୍ରୀ ଦୁଃଖ ସୁଖରେ ଚଳୁଥିଲେ । ଦିନେ ଛୋଟା ଫେରୁ ଫେରୁ ବାଟରେ ଏକ ମନ୍ଦିର ଦେଖିଲା । ସେ ମନ୍ଦିରରେ ଜଣେ ଥିଲେ ଦେବୀ । ଛୋଟା ସେଠି ନିଜ ଗୁହାରି ରଖିବାରୁ ଦେବୀଙ୍କର ଦୟା ହେଲା । ସେ ପ୍ରସନ୍ନ ହୋଇ କହିଲେ - ତୁ ସତରେ ଦୁଃଖୀ । କ'ଣ ବର ମାଗୁଛ ମାଗ ? ଛୋଟା ଖୁସି ହୋଇ ଭାବିଲା ପାଞ୍ଚ ମହଲାଘରଟିଏ ମାଗିବ ଓ ଦଶ ଏକର ଜମି ମାଗିବ । ଯିବା ଆସିବା ପାଇଁ ଘୋଡ଼ା ମାଗିବ । ପୁଣି ତା' ମନକୁ ଆସିଲା ଛୋଟା ଗୋଡ଼ରେ ପାଞ୍ଚ ମହଲା ଚଢ଼ିବ କେମିତି ? ଜମି ଚଷିବ କେମିତି ? ଆଉ ଘୋଡ଼ା ଉପରେ ଚଢ଼ିବ କେମିତି ? ବହୁତ ଧନ ମାଗିଲେ ଚୋରମାନେ ତାକୁ ନେଇ ଯିବେ, ସେ ଚୋରଙ୍କ ସହିତ ଲଢ଼ି ପାରିବ ନାହିଁ । ତେଣୁ କହିଲା, ମା', ମୁଁ କ'ଣ ମାଗିବି, ମୋ ସ୍ତ୍ରୀକୁ ପଗ୍ରରି ଆସେ । ଦେବୀ କହିଲେ- ହଉ ଯାଅ । ଛୋଟା ଘରକୁ ଆସି ଦେବୀ ପ୍ରସନ୍ନ ହୋଇ ବର ଯାଚନା କରିଛନ୍ତି ବୋଲି ସ୍ତ୍ରୀକୁ କହିଲା । ସ୍ତ୍ରୀ ମଧ୍ୟ ଖୁସି ହୋଇ ଭାବିଲା - କି ବର ମଗାଯିବ ? ଭାବି ଭାବି ଶେଷରେ କହିଲା - ତମର ଗୋଟେ ଗୋଡ଼ ଛୋଟା ହୋଇ ଯାଇଥିବାରୁ ଦିନକୁ ପଗ୍ଶ ଟଙ୍କା ଭିକ ମିଳୁଛି । ଯଦି ତମର ଦି' ଟା ଯାକ ଗୋଡ଼ଛୋଟା ହୋଇଯାଏ ତେବେ ଆମକୁ ଦିନକୁ ଶହେ ଟଙ୍କା ମିଳିଯିବ । ତମେ ମା'ଙ୍କୁ ଆଉ ଗୋଟେ ଗୋଡ଼ ଛୋଟା କରିଦେବା ପାଇଁ କୁହ । ଛୋଟା ଭାବିଲା - ସତ କଥା ସେ ମନ୍ଦିରରେ ପହଞ୍ଚିଲା । ଦେବୀ କହିଲେ - ତୋ ସ୍ତ୍ରୀ କ'ଣ କହିଛି, ମାଗ୍ । ଛୋଟା କହିଲା - ଆର ଗୋଡ଼କୁ ଛୋଟା କରିଦିଅ । ଦେବୀ ତଥାସ୍ତୁ କହି ଅନ୍ତର୍ଦ୍ଧ୍ୟାନ ହୋଇଗଲେ । ସଙ୍ଗେ ସଙ୍ଗେ ଛୋଟାର ଭଲ ଗୋଡ଼ଟା ଛୋଟା ହୋଇଗଲା । ଏବେ ତା'ର ଦୁଇଟା ଯାକ ଗୋଡ଼ ଛୋଟା । ବିଚରା ଭଲରେ ଚଳିବ କ'ଣ, ସେଇଠୁ ଉଠି ପାରିଲା ନାହିଁ ।

**କୁମାରୀ ସାଗରିକା ଟୁଡୁ**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଳଦା



# ପୁଣ୍ୟ ଏ ଆମ ଜନ୍ମଭୂମି


ପୁଣ୍ୟ ଏ ଆମ ଜନ୍ମଭୂମି
ସ୍ୱାଧୀନ ଏ ଆମ ଦେଶ
ଏଇ ଦେଶର ପାଣି ପବନେ
ଗଢ଼ା ମୋର ରକ୍ତମାଂସ..............।୨।
ଏହି ଦେଶର ବନ ପାହାଡ଼
ଝରଣା ପଥ ଦେଇ
ମନ୍ଦ ମଳୟ ବହିରେ ଯାଏ
ଆମରି ଦେହ ଛୁଇଁ ।
ଭରା ସାଗର ବିଅଇ ଧୋଇ
ମୋ ମାଆ ପଦ ଦୁଇ...................।୨।
ଭିକାରୁଣୀ ତ ନୁହେଁ ମୋ ମାଆ
ରାଜରାଣୀଟି ସେଇ
କୁମାରିକାରୁ ହିମାଚଳ ତା
ଅଟଇ ଆମ ବାସ
ଲଙ୍ଗଳ ମୁନେ ତା' ବକ୍ଷଚିରି
ଫଳାଉ ଆମେ ଶସ୍ୟ ।

**କୁମାରୀ ସନାମଣି ହାଁସଦାଃ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଦୁଣିଆ,
ବିଶୋଇ, ରାଇରଙ୍ଗପୁର

# ଟିକି ଚଢ଼େଇ

ଟିକି ଚଢ଼େଇରେ ଟିକି ଚଢ଼େଇ
କୁଆଡ଼େ ଯାଉଛୁ ଡେଣା ମେଲାଇ
ଆରେ ଆ' ପାଖକୁ ମୋର
ବାପା ଆଣିଦେବେ ଲଡୁ ମିଠେଇ ।
ଡେଣା ଯୋଡ଼ିକ ତୋ କଅଁଳ କେତେ
ଭାରି ମନଲୋଭା ଲାଗଇ ସତେ
ଖେଳିବା ଖୁସିରେ ମନ ହରଷେ
ଟିକି ଚଢ଼େଇରେ ପାଖକୁ ଆସେ ।
ପିଞ୍ଜରାରେ ତୋତେ ରଖିବି ନାଇଁ
ତୋଟା କି ବଣରେ ଛାଡ଼ିବି ନେଇ
ଉଡ଼ିଯିବୁ ତୁହି ବହୁତ ଦୂର
ରଖିବି ନାହିଁ ପାଖରେ ମୋର ।

**କୁମାରୀ ଚଞ୍ଚଳା ମୁଦୁଲି**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା




ବୋଲା ପରଜା
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

# ଭାରି ଭଲ ଲାଗେ

ଭଲ ଲାଗେ ମିଳିଗଲେ ମୁଢ଼ି ସାଥେ ନଡ଼ିଆ
ହେଲେ ବେଶି ଭଲ ଲାଗେ ପାଗ ଥିଲେ ଝଡ଼ିଆ ।
ଜହ୍ନ ବି ତ ଭଲ ଲାଗେ ତାକୁ ଦେଲେ ଅନେଇ
ହେଲେ ବେଶି ଭଲ ଲାଗେ ହୋଇଥିଲେ ପୁନେଇ ।
ଦେଖିବାକୁ ଭଲ ଲାଗେ ଫୁଲଟିଏ ଫୁଟିଲେ
ହେଲେ ବେଶି ଭଲ ଲାଗେ ବାସ ତା'ର ଛୁଟିଲେ ।
ଭଲ ଲାଗେ ସତେ ମତେ ଆମ ବାରି ଗାଡ଼ିଆ
ହେଲେ କଇଁଫୁଟି ଥିଲେ ବିଶେ ଭାରି ବଢ଼ିଆ ।
କୁକୁର ତ ଭଲ ଲାଗେ ପଛେ ଥିଲେ ଗୋଡ଼େଇ
ହେଲେ ବେଶି ଭଲ ଲାଗେ ଚୋର ଦେଲେ ଅଡ଼େଇ ।
ଭଲ ଲାଗେ ସବୁରିକୁ ଶୁଣି ପାସ୍ ଖବର
ହେଲେ ଫାଷ୍ଟ ହୋଇଥିଲେ ଖୁସି ଲାଗେ ଜବର ।
ଭଲ ଲାଗେ ଶିଶୁଟିଏ ଖେଳୁଥିଲେ ଖଟରେ
ହେଲେ ବେଶି ଭଲ ଲାଗେ ହସ ଥିଲେ ଓଠରେ ।

**କୁମାରୀ ସନ୍ତୋଷୀ ଶାନ୍ତ୍**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ. ବାଲିଗାଁ, ବୈପାରୀଗୁଡ଼ା



**ନିର୍ମଳା ନାୟକ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ. ବାଲିଗାଁ, ବୈପାରୀଗୁଡ଼ା

# ଅଜା ଆଈର ପିଠା ଖିଆ

ଦିନେ ଅଜା ଆଈ ପିଠା ଖାଇବାକୁ ମନ କଲେ । ଚାଉଳ ଚୂନା କରି ପିଠା ତିଆରି କଲେ । ପିଠା ଗଣି ଦେଖିଲେ ସାତଟି । ଅଜା କହିଲେ ମୁଁ ଖାଇବି ଚାରୋଟି, ଆଈ କହିଲା ମୁଁ ଖାଇବି ଚାରୋଟି । ଏପରି ଦୁହେଁ ପିଠା ପାଇଁ କଳି ଲାଗିଲେ । ଏହି ସମୟରେ ନାତି ଟୋକା ରଘୁ ସେଠାକୁ ଆସିଲା ଏବଂ କହିଲା ତୁମେ ଦୁହେଁ କଳି କର ନାହିଁ, ମୁଁ ସମାନ ଭାଗ କରି ଦେବି । ସେଥିରେ ଅଜା ଆଈ ରାଜି ହୋଇଗଲେ । ରଘୁ କହିଲା, ହଁ ଆଖି ବୁଜି ଦିଅ ମୁଁ ପିଠା ଭାଗ କରିବି । ଦୁହେଁ ଆଖି ବୁଜି ରହିଲେ । ରଘୁ ଗୋଟିଏ ପିଠା, ପାଟିରେ ପୂରାଇଲା । ତାକୁ ବଢ଼ିଆ ଲାଗିଲା । ଧୀରେ ଧୀରେ ସେ ସବୁ ସବୁ ପିଠା ଖାଇଦେଲା । ଆଖି ଖୋଲି ଅଜା ଆଈ ଦେଖିଲାବେଳକୁ ଆଉ ପିଠା ନାହିଁ । ଅଜା ତାଙ୍କ ବାଡ଼ି ଧରି ରଘୁକୁ ଗୋଡ଼ାଇଲେ । ରଘୁ ହସି ହସି ଦୌଡ଼ି ଗଲେ । ଅଜା ଆଈ ଦୁହେଁ ମୁହଁ ଶୁଖାଇ ବସି ରହିଲେ । ଗପ ମୋର ସରିଲା, ଫୁଲ ଗଛଟି ମରିଲା ।

**କୁମାରୀ ମିତୁଲା ମାଝୀ**
ସରକାରୀ ଆଶ୍ରମ ସ୍କୁଲ, ଉମୁରୀ



# ଶାସ୍ତି

ଗୋଟିଏ ରାଜ୍ୟରେ ଜଣେ ଦୟାବାନ ଓ କ୍ଷମାଶୀଳ ଜମିଦାର ଥିଲେ । କୌଣସି କୃଷକଙ୍କ ପ୍ରତି ସେ ଅନ୍ୟାୟ ଆଚରଣ କରୁନଥିଲେ । ଚ଼ାଷୀଙ୍କର ଅଭାବ ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରୁଥିଲେ । ଏକଦା ଧାନ ଅମଳ ମାସରେ ଜମିଦାର ତୀର୍ଥ କରିବା ପାଇଁ ସପରିବାର ଚାଲିଗଲେ । ଅମଳ ଶସ୍ୟର ଦାୟିତ୍ୱ ଗୁମାସ୍ତାଙ୍କୁ ଦେଇଗଲେ । ଦିନେ ଧାନ ବେଙ୍ଗଳା ପରେ ବେତା ବେଳେ ଦେଖାଗଲା, ଖଳାରେ ବନ୍ଧା ହୋଇଥିବା ବଳଦ ଭିତରୁ ଗୋଟିଏ ହସୁଛି ।

ଦି' ସପ୍ତାହ ପରେ ଜମିଦାର ଫେରି ଆସିଲେ । ଗୁମାସ୍ତା ଜମିଦାରଙ୍କୁ ଅମଳ ଧାନର ହିସାବ ଦେଲା ବେଳେ କହିଲେ - ଆଜ୍ଞା, ଏଇ ଯେଉଁ ବଳଦଟି ସେଠି ବନ୍ଧା ହୋଇଛି, ସେ ମଣିଷ ପରି ହସୁଛି । ସେଦିନ ରାତିର ପ୍ରଥମ ପ୍ରହରରେ ଜମିଦାର ଚିନ୍ତା କଲେ - ଗୁମାସ୍ତା ତ ମିଛ କହିବେନି । ତେବେ କ'ଣ କେହି ମହାତ୍ମା ମୋ ଘରେ ବଳଦ ହୋଇ ରହିଛନ୍ତି ? ବାଡିପଟ କବାଟ ଖୋଲି ଧୀରେ ଧୀରେ ସେ ଗୁହାଳ ଘର ଖୋଲିଲେ । ସେହି ବଳଦ ପାଖକୁ ଯାଇ ଆଣ୍ଠୁ ମାଡ଼ି କହିଲେ - ଯଦି ମୋ ଗୁମାସ୍ତାଙ୍କ କଥା ସତ, ତେବେ ଆପଣ କ'ଣ ଜଣେ ମହାପୁରୁଷ ?



ଜମିଦାରଙ୍କ ବାରମ୍ବାର ଅନୁରୋଧକୁ ଏଡ଼ି ନପାରି ବଳଦ କହିଲା - ତୁମ ଅନୁମାନ କେତେକାଂଶରେ ସତ । ମୁଁ ପୂର୍ବରୁ ଜଣେ ଋଷି ଥିଲି । ତୁମେ ସେ ଅଞ୍ଚଳର ଜମିଦାର ଥିଲ । ଏବକା ପରି ନ୍ୟାୟବନ୍ତ ଓ ଧାର୍ମିକ । ପ୍ରତିଦିନ ଗୋଟିଏ ଘର ଭିକ୍ଷା କରି ମୁଁ ବଞ୍ଚୁଥିଲି । ସେଦିନ ତୁମ ଘର ପାଳିଥାଏ । ତୁମେ କିନ୍ତୁ ଘରେ ନ ଥିଲ । ଚିନ୍ତା କଲି, ମୁଁ ସିନା ଉପାସ ରହିଯିବି, ହେଲେ ମୋର ଆରାଧ୍ୟ ଦେବତା ? ତେଣୁ ମୁଁ ଫେରିବା ବାଟରେ ତୁମ ଧାନବିଲରୁ କେଣ୍ଡାଟିଏ ପାଚିଲା ଧାନ ଟାଣି ଆଣିଲି । ସେଥିରେ ପନ୍ଦରଟି ଧାନ ଥିଲା । ତୁମ ପରି ଜଣେ ସଚ୍ଚୋଟ ବ୍ୟକ୍ତିଙ୍କ ଘରୁ ୧୫ଟି ଧାନ ଚୋରି କରିବାରୁ ମତେ ୧୫ ବର୍ଷ ତୁମ ଘରେ ବଳଦ ହୋଇ ଖଟିବାକୁ ପଡ଼ିଲା । ତୁମ ଗୁମାସ୍ତା ତୁମ ଅନୁପସ୍ଥିତିରେ ବେତା ବେତା ଧାନ ଚୋରି କରୁଥିଲେ । ତାହା ଦେଖି ମୁଁ ଭାବିଲି - ଏହାର ଦଣ୍ଡ କ'ଣ ନ ହେବ ସତେ ! ସେଥିପାଇଁ ମୁଁ ହସିଦେଲି ।

**କୁମାରୀ ସାଗତିକା ଟୁଡୁ**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଳଦା

## ନିଶା

ଖାଅନା ପିଲେ ନିଶା,
ରାତିଠୁ ବଳି କଳା ତ ସିଏ
ମିଠା ଜହର ମିଶା (୧)
ମଦ ଅଫିମ ସଲପ ଗଞ୍ଜା,
ପଡ଼ିଲେ ଜଣା ହୋଇବ ବଣା
କେଡ଼େ ଯେ ଲୋକ ହସା (୨)
ପାନ ବିଡ଼ି କି ଖଇନି ନାସ
କରନା କେବେ ଜମା ଅଭ୍ୟାସ
ଛୋଟିଆ ନିଶା ଟାଣେ ପଇସା
ଦେହରେ ରୋଗ ବସା (୩)
ସବୁ ପଇସା ଯିବ ତ ସରି
ବାପା, ମା, ବନ୍ଧୁ ହେବେ ଭଗାରି
ଦେବେନି ଅଣା କରିବେ ଘୃଣା
ଆସିବ ମନେ ହିଂସା (୪)
ଧନ ସମ୍ମାନ ବଳ ଓ ବୁଦ୍ଧି
ଥିଲେ ବି ପାଖେ କୋଟିଏ ନିଧି
ଯେ ନିଶା ଖୋର ସବୁ ଅସାର
ବୋଲେ ଖରାପ ଭାଷା (୫)
ଗୁଣକୁ କରେ ସେ ଅବିଗୁଣ
ନିଶାର ନାହିଁ ଭଲ ଲକ୍ଷଣ
ନ ରହେ ଟାଣ ହରାଏ ପ୍ରାଣ (୬)
ବଢ଼ାଉ ଥାଏ ତୃଷା,
ଖସିଲେ ଗୋଡ଼ ନରକ ଗାଡ଼
ଶରୀର ସହ ଭାଙ୍ଗିବ ହାଡ଼
କ୍ଷଣିକ ସୁଖ ଅଶେଷ ଦୁଃଖ
ତୁଚ୍ଛା ଫସର ଫସା (୭) ।

**କୁମାରୀ ସୁଦୟା ମାଝୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

## ଦେଶାତ୍ମକ ବନ୍ଦନା

ଫର ଫର ଉଡ଼େ ମୋ ଦେଶ ପତାକା (୨ଥର)
ମୁକ୍ତିର ସାହାନାଇ
ମୁକ୍ତ ଭାରତ ଭୂଇଁ
ଗଗନ ପବନ କରି କମ୍ପିତ
କୋଟି ଲୋକ କଣ୍ଠେ ଜୟ ମା ଭାରତ (୨ଥର)
ବାଜି ଉଠେ ଆଜି ଚଉଦିଗ ଲାଗି (୨ଥର)
କଦାପି ଭୁଲିବୁ ନାହିଁ .....
ମୁକ୍ତ ଭାରତ ଭୂଇଁ
ହିନ୍ଦୁ, ମୁସଲମାନ ଜୈନ ଖ୍ରୀଷ୍ଟିଆନ
ଆମେ ତ ଗୋଟିଏ ମା'ର ସନ୍ତାନ (୨ଥର)
ରଖିଯିବା ଆମେ ଏ ଦେଶର ଟେକ
କଦାପି ଭୁଲିବୁ ନାହିଁ ...
ମୁକ୍ତ ଭାରତ ଭୂଇଁ ..........

**ସନ୍ତୋଷୀ ଶାନ୍ତା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା



**ସନ୍ତୋଷୀ ଶାନ୍ତା**
ସରକାରୀ (ଆ.ବ.ଉ) ବାଳିକା ଉଚ୍ଚ ବିଦ୍ୟାଳୟ,
ବାଲିଗାଁ, ବୈପାରୀଗୁଡ଼ା



# ହସ କଥା



ପାର୍ବତୀ : ପତିଦେବ ତୁମେ ବ୍ୟସ୍ତ ହୋଇ କ'ଣ ଖୋଜୁଛ ?

ଶିବ : ପାର୍ବତୀ, ତୁମେ ମୋର ତ୍ରିଶୂଳ ଦେଖିଛ କି ?

ପାର୍ବତୀ : ହଁ ! ସେଇଟା ପରା ଗଣେଶ ନେଇଛି ।

ଶିବ : ତ୍ରିଶୂଳକୁ ଗଣେଶ କ'ଣ କରୁଛି ?

ପାର୍ବତୀ : ଗଣେଶ ପରା ସେଇଟାକୁ କଣ୍ଟା ଚାମଚ କରି 'ମାଗି' ଖାଉଛି ।

---

ରାହୁଲ : ସାର୍ ................

ଇଂରାଜୀ ଶିକ୍ଷକ : ଇଂଲିଶ୍‌ରେ କୁହ ।

ରାହୁଲ : କାର୍ ପଶିଂ ଇନ୍ କାଦୁଅ । ନୋ ହଲିଂ ନୋ ଡୁଲିଂ, ଓନ୍‌ଲି ଘିଂ ଘିଂ କରିଙ୍ଗ୍ ।

---

ଶିକ୍ଷକ : ମଣ୍ଟୁ ଆଜି କାହିଁକି ମୁଣ୍ଡ କୁଣ୍ଡାଇ ସ୍କୁଲକୁ ଆସିନ ?

ମଣ୍ଟୁ : ସାର୍ ! ମୋର ପାନିଆ ନାହିଁ ।

ଶିକ୍ଷକ : ତୁମ ଘରେ ତୁମେ ଓ ତୁମ ବାପା ରହୁଛ । ତୁମ ବାପାଙ୍କ ପାନିଆରେ ମୁଣ୍ଡ କୁଣ୍ଡାଇଲ ନି ?

ମଣ୍ଟୁ : ସାର୍ ! ମୋ ବାପାଙ୍କର ଚୁଟି ନାହିଁ ।

**କୁମାରୀ ଜାସ୍ମିନ୍ ଟୁଡୁ**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣିଦା





## ଗଛ

କମି କମି ଯାଏ ସବୁଜ ଜଙ୍ଗଲ
କାରଖାନା ଯାଏ ବଢ଼ି,
ଝର ଝର ଆଉ ଝରୁ ନାହିଁ ପାଣି
ବେଙ୍ଗ ଯେତେ କଲେ ରଡ଼ି ।
ସୁଲୁ ସୁଲୁ ବାଆ ବହୁ ନାହିଁ ଆଉ
ଗରମ ପବନ ବହେ,
ଖିଲି ଖିଲି ଆଉ ହସୁନାହିଁ ଗଛ
ଫୁଲଟିଏ ନାହିଁ ଦେଲେ ।
ସେଦିନର କଥା ନାହିଁ ଆଉ ଭାଇ
ଫୁଟୁ ନାହିଁ ଗେଣ୍ଡୁ, ଚମ୍ପା
ଜଙ୍ଗଲ ଭିତରେ ଝରୁନି ଝରଣା
ମନ ତାର ବେଶି ଫମ୍ପା ।
ନେହୁରା ହୋଇ ମୁଁ କହୁଛି
ତୁମକୁ ସୁସ୍ଥ ପରିବେଶ ପାଇଁ
ଗଛଟିଏ ଆମର କେତେ ଦରକାର
ଗଛଟିଏ ଲଗାଅ ସଭିଁଏ ଭାଇ ।

**କୁମାରୀ ସୁଦୟା ମାଝୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

## ଖଡ଼ି ଗଲା ଗଡ଼ି ଗଡ଼ି

ଗଡ଼ି ଗଡ଼ି ଗଲା ଖଡ଼ି,
ଗୁରୁଣ୍ଡି ଗୁରୁଣ୍ଡି ଆସୁ ଆସୁ କୁନା
ମୁହଁ ମାଡ଼ି ଗଲା ପଡ଼ି । (୧)
ଛାଡ଼େ ଚିର୍‌ଚିରା ରଡ଼ି
ରଡ଼ି ଶୁଣି ମାଆ ଆସିଲେ ଦଉଡ଼ି
କାମଦାମ ସବୁ ଛାଡ଼ି
ଧୂଳି ଦେଲେ ଦେହୁ ଛାଡ଼ି (୨)
ଗୋଟାଇ ଭୂଇଁରୁ ଖଡ଼ି
କହିଲେ, - "ଖଡ଼ିରେ ଲେଖି ଲେଖି
କୁନା ଧୀରେ ଯିବ ବଢ଼ି । (୪)
ବଡ଼ ମଣିଷଟେ ହେବ ଦିନେ ସିଏ
ସବୁଠାରୁ ଭଲ ପଢ଼ି ।
ଏତିକି କହି ମା' ଲୁହ ପୋଛିଦେଇ
କୋଳକୁ ନେଲେ ସେ ଭିଡି ।

**କୁମାରୀ ଫୁଲମତୀ ମାଝିଆ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ. ବାଲିଗାଁ, ବୈପାରୀଗୁଡ଼ା

# ଶିକ୍ଷା

ଗୋଟିଏ ଗ୍ରାମରେ ଏକ ଗରିବ ପରିବାର ଥାଆନ୍ତି । ତାଙ୍କର ଗୋଟିଏ ପୁଅ । ସେ ପୁଅକୁ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାଉଥାନ୍ତି । କିନ୍ତୁ ସେ ନିଜ ଶ୍ରେଣୀର ସବୁ ପିଲାମାନଙ୍କଠାରୁ ପଛରେ ବସେ । ପାଠ ନ ଜାଣି ପଛରେ ଥାଏ । ସବୁ ବେଳେ ସେ ପିଲାକୁ ଶିକ୍ଷକ, ଶିକ୍ଷୟତ୍ରୀମାନେ ଗାଳି କରନ୍ତି ।

ତେଣୁ ତାକୁ କିଛି ଭଲ ଲାଗିଲା ନାହିଁ । ଘରେ ଗଲେ ମଧ୍ୟ ମୁହଁ ଶୁଖାଇ ଦେଇ ବସେ ।


ଦିନେ ସେ ବିଦ୍ୟାଳୟକୁ ନ ଯାଇ ଗୋଟିଏ ବଣ ଭିତରକୁ ଚାଲିଯାଇଥାଏ । ମୁଁ ମରି ଯିବି, ମୁଁ ବଞ୍ଚିଥିଲେ କ'ଣ ହେବ ମୋର ପିତାମାତାଙ୍କର ଏତେ କଷ୍ଟ । ଏମିତି କହି ସେ ମରିବାକୁ ଗଲା । ଜଣେ ଋଷି ସେଠାରେ ଯଜ୍ଞ କରୁଥାନ୍ତି । ସେ ପୁଅକୁ ଋଷି କହିଲେ କ'ଣ ପାଇଁ ଆସିଛ ? ସେ ପୁଅ ସବୁ ଜଣାଇଲା । ଋଷି ପୁଅକୁ କହିଲେ ମୁଁ ଗୋଟିଏ ଶିକ୍ଷା ଦେବି ତୁ ସେ ଶିକ୍ଷା ପାଳନ କରିବୁ । ସେ ବାଳକ ଖୁସିର ସହିତ କହିଲା ହଁ ମୁଁ ପାଳନ କରିବି । ଋଷି କହିଲେ ସକାଳୁ ଉଠି ଓଁ କାର, ଭ୍ରମରୀ ପ୍ରାଣାୟମ କରିବୁ ତାହା ହେଲେ ତୋର ମନେ ରଖିବା ଶକ୍ତି ବଢ଼ିବ । ଋଷି ସବୁ ଶିକ୍ଷା ଦେଇ ଘରକୁ ପଠାଇ ଦେଲେ । ସେ ଦିନଠୁ ପୁଅଟି ପାଠରେ ସବୁଥିରେ ପ୍ରଥମ ହେଲା । ଛୋଟ ପିଲା ଓଁକାର ଭ୍ରମରୀ ପ୍ରାଣାୟମ କରିବା ଦେଖି ତାର ପିତା ମାତା ମଧ୍ୟ ଶିକ୍ଷା ନେଲେ । ସେ ପୁଅକୁ ପଚାରିଲେ ଏସବୁ କେଉଁଠୁ ଶିକ୍ଷା କଲୁ । ପୁଅଟି ସବୁକଥା  କହିଦେଲା । ସେ ଦିନଠାରୁ ଘର ଲୋକମାନେ ଋଷିଙ୍କ ପାଖକୁ ଶିକ୍ଷା କରିବାକୁ ଗଲେ । ମନ ଖୁସିରେ ଦିନ କାଟିଲେ । ତାଙ୍କ ସହିତ ଗାଁ ଲୋକମାନଙ୍କୁ ମଧ୍ୟ ଶିକ୍ଷାଲାଭ କଲେ । ସେ ଦିନଠୁ ଗୁରୁ କୃଳଯାଇ ସମସ୍ତେ ଖୁସି ଜୀବନ ବିତାଇଲେ ।

୧) କୌଣସି କାର୍ଯ୍ୟକୁ ଆଗ୍ରହ ସହିତ କଲେ ତାହା ସଫଳ ହୁଏ ।

୨) ସବୁବେଳେ ଆଗକୁ ଯିବା ପାଇ ଚେଷ୍ଟା କରିବା ଉଚିତ୍ ।

୩) ନିଜେ ଶିଖିଥିବା ଶିକ୍ଷାକୁ ଅନ୍ୟମାନଙ୍କୁ ଶିଖାଇ ଦେବା ଆବଶ୍ୟକ ।

**ସୂର୍ଯ୍ୟ ଗେମେଲ୍ଲ**
ଉମୁରୀ ଆଶ୍ରମ ବିଦ୍ୟାଳୟ



## ଗାଁରେ ଶୀତ


ଦୂର ପରବତ ନଈନାଳ ଡେଇଁ
ଡେଇଁକି ଆସିଛି ଶୀତ,
ବିଲ ଗହଳରେ ସୁନା ହଳଦିଆ
ସୋରିଷ ଫୁଲର କ୍ଷେତ ।
ସକାଳୁ ସକାଳୁ କୁହୁଡ଼ି ବିଛେଇ
ଗାଁକୁ ଆସିଛି ଶୀତ,
କମଳ ଘୋଡ଼େଇ ଆଈକୋଳେ ଶୋଇ
ଟୁନା ଗାଉଅଛି ଗୀତ ।
ଆସିଗଲା ଯେବେ ଧାନ କଟାକଟି
ଖୁସି ଚାଷୀ ଭାଇ ମନ,
ବେଙ୍ଗଳା ପକାଇ ଅମଳ କରଇ
ବରଷକ ପାଇଁ ଧାନ ।
ନଈ ଆର ପାରି ପଳାଶ ଗଛରେ
କପୋତୀ ଗାଉଛି ଗୀତ,
ସେରକ ପୂରିଲା ମାଣକ ପୂରିଲା
ଉଠରେ ଉଠରେ ପୁତ ।
ଶୀତ ଆଣିଥାଏ ଗରିବଙ୍କ ପାଇଁ
ଦୁଃଖ ଠୁ ଅଧିକ ସୁଖ,
ସୁଖ ଦୁଃଖ ଦୁଇ ସାଥିରେ ଧରିକି
ଗାଁକୁ ଆସଇ ଶୀତ ।

**କୁମାରୀ ସୁଭଦ୍ରା ଭୂମିଆ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

## ବିଲରେ ହସେ ସୁନାଫସଲ

ମେଘ ଟିକିଏ ହସିଲା ଯେବେ
ବରଷି ଦେବ ପାଣି,
ସେଇ ପାଣିରେ ଭିଜଇ ମାଟି
ହସେ ଧରଣୀ ରାଣୀ ।
ଧରଣୀ ରାଣୀ ହସିଲା ଯେବେ
ମଞ୍ଜିରୁ ହେବ ଗଜା,
ଗଜାରୁ ହେବ ବଡ଼ ଗଛଟେ
ଫୁଲ ଫଳରେ ସଜା ।
ବିଲରେ ହସେ ସୁନା ଫସଲ
ପବନେ ଝୁଲି ଝୁଲି,
ଫସଲ ଦେଖି ହସଇ ଚାଷୀ
ଆନନ୍ଦେ ଫୁଲି ଫୁଲି ।

**କୁମାରୀ ଜାନକୀ ଜାନୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା



**କୁମାରୀ ତୁଳାବତୀ ନାୟକ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

# ପ୍ରକୃତିର ଦାନ

ଦିନେ ଗୋଟିଏ ଠେକୁଆ ଛୁଆ ବୁଦା ମୂଳରେ ଖେଳୁଥାଏ । ଦେଖିଲା ଚଢ଼େଇଟିଏ ମନ ଖୁସିରେ ଉଡ଼ି ଆସି ପାଖ ଗଛ ଡାଳରେ ବସିଲା । ଚଢ଼େଇଟିକୁ ଦେଖି ଠେକୁଆର ଭାରି ଇଚ୍ଛା ହେଲା ଉଡ଼ିବା ପାଇଁ । ସେ ଚଢ଼େଇକୁ କହିଲା, ଭାଇ ତୁମେ କେତେ ଭାଗ୍ୟବାନ ଆକାଶର ଉଡ଼ି ପାରୁଛ । ମୋତେ ଟିକେ ଉଡ଼ା ଶିଖାଇ ଦିଅନ୍ତ । ଚଢ଼େଇ କହିଲା, ମୋର ଡେଣା ଅଛି ବୋଲି ଉଡ଼ୁଛି । ଚଢ଼େଇ ଠେକୁଆକୁ ପୁଣି କହିଲା, ତୁମର ତ ଡେଣା ନାହିଁ ତୁମେ କେମିତି ଉଡ଼ିବ ? ଭଗବାନ ଯାହାକୁ ଯାହା ଦେଇଛନ୍ତି ସେ ସେପରି ହେଉଛି । କିନ୍ତୁ ଠେକୁଆ ଛୁଆ ବାଧ କଲା । ଚଢ଼େଇ ଯେତେ ବୁଝାଇଲେ ବି ଠେକୁଆ କିଛି ବୁଝିଲା ନାହିଁ । ଶେଷରେ ଚଢ଼େଇଟି ଠେକୁଆ ଛୁଆକୁ ନିଜ ଥଣ୍ଟରେ ଧରି ଆକାଶକୁ ଉଠିଲା । ଠେକୁଆ ଛୁଆ ଖୁସିରେ କହିଲା, ଚଢ଼େଇ ଭାଇ ମୋତେ ଏଥର ଛାଡ଼ି ଦିଅ, ମୁଁ ନିଜେ ଉଡ଼ିବି । ଏହା କହି ଚଢ଼େଇ ଥଣ୍ଟରୁ ସେ ନିଜକୁ ଖସାଇ ନେଲା । ମାତ୍ର ଉଡ଼ିବ କ'ଣ ସେ ସିଧା ତଳକୁ ଖସି ଆସି ମାଟିରେ ପିଟି ହୋଇ ଖଣ୍ଡିଆ ଖାବରା ହୋଇଗଲା । ଏଥର ଠେକୁଆ ଛୁଆ ନିଜର ଭୁଲ୍ ବୁଝିପାରିଲା । କହିଲା, ଚଢ଼େଇ ଭାଇ ତୁମେ ଯାହା କହୁଥିଲ ଠିକ୍ କଥା । ପ୍ରକୃତି ଯାହାକୁ ଯାହା କରିଛି ସେ ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ।


**ଶ୍ରୀ ମଧୁସୂଦନ ହାଁସଦାଃ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର



## ବରଷା

ଦେଖରେ ଆକାଶେ ଘୋଟିଲା ମେଘ
ଗ୍ରୀଷ୍ମ କଥା ମନେ ପଡ଼ିଲା ଆଗ,
ଗ୍ରୀଷ୍ମାର ମନରେ କେତେଯେ ସୁଖ
ହସିଲା ଧରଣୀ ଦେଖରେ ଦେଖ ।
ବାଟ ଯାକ କେତେ କାଦୁଅ ପଙ୍କ
ପାଦେ ଲାଗିଯାଏ କାଦୁଅ ଯାକ,
ବୁଢ଼ା ମଉସା କାଦୁଏ ଚାଲେ
ପାଦ ଖସିଯାଏ ପୁଣି ସେ ଚାଲେ ।
ସାରୁ ବୁଦା ତଳେ ବେଙ୍ଗୁଲୀ ରଡ଼େ
କାଗଜଡଙ୍ଗାକୁ ପାଣିରେ ଭିଡ଼େ,
ମୁନାମୁନୀ ମନ ପାଣିରେ ଗଡ଼େ
ଖୁସିରେ ମନଟା ଆକାଶେ ଉଡ଼େ ।

**କୁମାରୀ ବତୀ ଦେଓଗାମ୍**
ଧନିଆନାଳୀ ସେବାଶ୍ରମ, ଢେଙ୍କାନାଳ



**ସନ୍ତୋଷୀ ଶାନ୍ତା**
ସରକାରୀ (ଆ.ହ.ଉ) ବାଳିକା ଉଚ୍ଚ ବିଦ୍ୟାଳୟ,
ବାଲିଗାଁ, ବୈପାରୀଗୁଡ଼ା

## ଗଢ଼ିବା ସୁନ୍ଦର ପରିବେଶ

ଆସରେ ପିଲା ଗଢ଼ିବା ଆମେ
ସୁନ୍ଦର ପରିବେଶ,
ହସିବା ଯେତେ ଜଗତବାସୀ
ହସିବ ଆମ ଦେଶ ।
ବାଡ଼ି, ବଗିଚା, ରାସ୍ତା କଡ଼ରେ
ଲଗାଇ ଦେବା ଗଛ,
ଆଗେଇ ଯିବା ଭାଇ ଭଉଣୀ
ସବୁ କାମ କରି ପଛ ।
ଶୋଷି ନେବ ସେ ଅଙ୍ଗାର କାମ୍ଳ
ଛାଡ଼ିବ ଅମ୍ଳଜାନ,
ଯା' ବଳରେ ହେବାରେ ଆମେ
ଆହୁରି ବଳିୟାନ ।
ବରଷା ବିନ୍ଦୁ ପଡ଼ିବ ଖସି
ଗଛପତର ଦେଖି,
ଫୁଲ ଫଳରେ ପୂରି ଉଠିବ
ଚାଷୀ ମନଯିବ ଲାଖି ।
ଦୂରେଇ ଯିବ ରୋଗ ଯନ୍ତ୍ରଣା
ନ ହେବ ଅଂଶୁଘାତ,
ଏକ ସ୍ୱରେ ଗାଇବା ଆମେ
ପରିବେଶ ଆମ ମିତ ।

**କୁମାରୀ ସୁନାମଣି ଜାମୁଦା**
ବାଲିଆପାଳ ଆଶ୍ରମ ସ୍କୁଲ, ଯାଜପୁର

# ଆଦର୍ଶ ମାଆ

କୌଣସି ଗ୍ରାମରେ ମୁସଲମାନ ଘରେ ଗୋଟିଏ ଶିଶୁ ଜନ୍ମ ହେଲା । ଶିଶୁ ଜନ୍ମ ହେଲା ପରେ ପରେ ତା'ର ମାଆ ମରିଗଲା । ମୁସଲମାନ ଜଣକ ଦୁଃଖରେ ବ୍ୟସ୍ତ ହୋଇ ପଡ଼ିଲା । ପ୍ରଥମତଃ ସ୍ତ୍ରୀ ମରିବାର ଦୁଃଖ । ତା ସାଙ୍ଗକୁ ଶିଶୁର ଲାଳନପାଳନ କରିବାର ଚିନ୍ତାକୁ ନେଇ ଦୁଃଖ । ପଡିଶାଘରେ ଜଣେ ଗଉଡ଼ ରହୁଥିଲା । ତା'ର ମଧ ଦୁଇ ତିନି ଦିନର ଗୋଟିଏ ଶିଶୁ ଜନ୍ମ ହୋଇଥାଏ । ତା ପତ୍ନୀକୁ ଏ ଘଟଣା ଜଣା ପଡ଼ିବାରୁ ସେ ତା' ସ୍ୱାମୀକୁ କହିଲା - "ତୁମେ ସେହି ପିଲାଟିକୁ ନେଇ ଆସ, ମୁଁ ତା'ର ପାଳନ ପୋଷଣ କରିବି । ଗଉଡ଼ ଜଣକ ମୁସଲମାନର ପିଲାଟିକୁ ନିଜ ଘରକୁ ନେଇ ଆସିଲା । ଗଉଡ଼ର ପତ୍ନୀ ପିଲାଟିକୁ ସ୍ତନ୍ୟପାନ କରାଇ ଅତି ସ୍ନେହ ଓ ପ୍ରେମର ସହିତ ପାଳନ କଲା । ତା' ମନରେ ନିଜ ପିଲା ଓ ସେହି ମୁସଲମାନର ପିଲା ପ୍ରତି ଭେଦଭାବ ନଥିଲା । ପିଲାଟି ଟିକେ ବଡ଼ ହୋଇ ପଢ଼ିବା ପାଇଁ ଯୋଗ୍ୟ ହୋଇ ଯିବାରୁ ଗଉଡ଼ ଜଣକ ମୁସଲମାନକୁ ଡାକି କହିଲା - ଏବେ ତୁମେ ତୁମ ପୁଅକୁ ନେଇପାର ଏବଂ ପାଠ ପଢ଼ାଇ ନିଜ ଇଚ୍ଛାନୁସାରେ ବଡ଼ ମଣିଷ କରିପାର । ସେ ପିଲାଟିକୁ ନେଇ ପାଠ ପଢ଼ାଇଲା । ଶିକ୍ଷିତ ହୋଇ ପିଲାଟି କୌଣସି ଡାକ୍ତରଖାନାରେ କମ୍ପାଉଣ୍ଡର ଭାବରେ ନିଯୁକ୍ତି ପାଇଲା । ଏପଟେ ଦୈବାତ୍ ଗଉଡ଼ର ପତ୍ନୀର ଛାତିରେ କିଛି ରୋଗ ହେଲା । ତା' ଛାତି ଭିତରେ ଘାଆ ହୋଇଯାଇଥିଲା । ଚିକିତ୍ସା ପାଇଁ ତାକୁ ଡାକ୍ତରଖାନାକୁ ନିଆଗଲା । ଡାକ୍ତର ରୋଗ ଚିହ୍ନି ରୋଗୀକୁ ରକ୍ତ ଦିଆଗଲେ ରୋଗ ଭଲ ହୋଇଯିବ ବୋଲି କହିଲା । କାହାର ରକ୍ତରେ ରୋଗୀର ରକ୍ତ ସହିତ ମିଶି ପାରିବ - ଏଥି ନେଇ ପରୀକ୍ଷା କରାଗଲା । ଦୈବ ଯୋଗେ ମୁସଲମାନର ଯେଉଁ ପିଲାଟି ସେହି ଡାକ୍ତରଖାନାରେ କମ୍ପାଉଣ୍ଡର ହୋଇଥିଲା, ତା' ରକ୍ତ ମିଶିଲା । ଗଉଡ଼ର ପତ୍ନୀ ତ ସେହି ପିଲାଟିକୁ ଚିହ୍ନି ପାରୁନଥିଲା । କିନ୍ତୁ ପିଲାଟି ବେଶ୍



ଜାଣିପାରିଥିଲା ଯେ ଏ ତା'ର ପାଳନକାରିଣୀ ମାଆ । ପିଲାବେଳେ ସେ ତା'ଠାରୁ କ୍ଷୀର ପିଇ ବଢ଼ି ଥିବାରୁ ରକ୍ତ ସହିତ ରକ୍ତ ମିଶି ପାରିଛି ବୋଲି ସେ ଭାବିଲା । ଡାକ୍ତର ଜଣକ ତାକୁ ଦୁଇ ଶହ ଟଙ୍କା ଦେଲେ । ସେ ଆବଶ୍ୟକତା ଅନୁସାରେ ରକ୍ତ ଦେଲା । ରୋଗୀକୁ ରକ୍ତ ଦିଆଯିବାରୁ ତା'ର ଦେହ ଭଲ ହୋଇଗଲା ଏବଂ ସେ ଘରକୁ ଚାଲିଗଲା । କିଛିଦିନ ପରେ କମ୍ପାଉଣ୍ଡର ପିଲାଟି ଗଉଡ଼ ଘରକୁ ଯାଇ ହଜାରେ ଦୁଇ ହଜାର ଟଙ୍କା ମାଆ ଚରଣରେ ସମର୍ପିତ କରି କହିଲା - "ତୁମେ ମୋର ମାଆ । ମୁଁ ତୁମର ସନ୍ତାନ । ତୁମେ ମୋତେ ପାଳନ କରିଥିଲ । ଏହି ଟଙ୍କା ଗ୍ରହଣ କର । ସେ ମନା କରିବାରୁ ପିଲାଟି ବାଧ୍ୟ କରି କହିଲା ଯେ ତୁମକୁ ଏହା ନେବାକୁ ପଡ଼ିବ । ସେ ଡାକ୍ତରଖାନାର ସମସ୍ତ ଘଟଣା ମନେ ପକାଇ କହିଲା - ମୁଁ ସେତେବେଳେ ଏଇଥି ପାଇଁ ଟଙ୍କା ନେଇଥିଲି  ଯେ ତୁମେ ତ ସେମିତି ରକ୍ତ ନେଇନଥାନ୍ତ । ଏଣେ ରକ୍ତ ନ ନେଇଥିଲେ ତୁମେ ବଞ୍ଚି ପାରିନଥାନ୍ତ । ପ୍ରକୃତରେ ଏ ରକ୍ତ ମଧ୍ୟ ତୁମର । ତୁମ ଠାରୁ କ୍ଷୀର ପିଇ ମୁଁ ବଢ଼ିଛି  ତେଣୁ ମୋର ଏହି ଶରୀର ଏସବୁ କିଛି ତୁମର । ମୋର ଟଙ୍କା ଶୁଦ୍ଧ ଉପାର୍ଜନ । ତୁମ ଦୟାରୁ ମୁଁ ଆମିଷ ମଧ୍ୟ ଖାଏ ନାହିଁ । ଅପବିତ୍ର ଓ ଅଶୁଦ୍ଧ ଖାଦ୍ୟ ପ୍ରତି ମୋର ଅରୁଚି ହୋଇଯାଇଛି । ତେଣୁ ଏହିଟଙ୍କା ନେବାକୁ ତୁମେ ବାଧ । ଏପରି କହି ସେ ଟଙ୍କା ଦେଇ ଦେଲା । ଗଉଡର ପତ୍ନୀ ଶୁଦ୍ଧଭାବ ସପନ୍ନ ହୋଇଥିବାରୁ ତା କ୍ଷୀରର ଏତେ ପ୍ରଭାବ ଥିଲା । ଆପଣମାନେ ବିଗ୍ଭର କରନ୍ତୁ । ମାଆମାନେ ସମସ୍ତେ ନିଜ ନିଜର ସନ୍ତାନମାନଙ୍କୁ ପାଳନ କରନ୍ତି । ଆମ୍ଭମାନଙ୍କର ଲାଳନ ପାଳନ ମଧ୍ୟ ମାଆ ଭଉଣୀମାନଙ୍କ ଦ୍ୱାରା ହୋଇଛି । ମାତ୍ର ସେମାନଙ୍କ ଯଶ କଥା କେହି କହି ନାହାନ୍ତି । ସେ ବିଷୟରେ କେହି ଆଲୋଚନା କରୁନାହାନ୍ତି । ମୁସଲମାନର ପିଲାଟିକୁ ପାଳନ କରିଥିବା ଗଉଡର କଥା ଆମେ ଚର୍ଚ୍ଚା କରୁଛେ । ଆମ ଉପରେ ସେକଥାର ପ୍ରଭାବ ପଡୁଛି ଯେ ସତରେ ତା ହୃଦୟରେ କେତେ ଦୟା ପରିପୂର୍ଣ୍ଣ ହୋଇଥିଲା । ! ତା' ମନରେ ଏପରି ଭେଦଭାବ ନଥିଲା ଯେ "ଅନ୍ୟର ପିଲାକୁ ମୁଁ କାହିଁକି ପାଳନ କରିବି" ? ତେଣୁ ଆମ୍ଭେମାନେ ଆଜି ତା'ର ଗୁଣ ଗାଉଛେ ଯେ ବାସ୍ତବରେ ସେହି ମାଆ କେତେ ଶ୍ରେଷ୍ଠ, ଯିଏ ପିଲାଟିକୁ ଲାଳନ ପାଳନ କରି ତା' ନିଜ ବାପାକୁ ଫେରାଇ ଦେଲା ।

**ଶ୍ରୀ ମାଣିକ ବବରା**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

# ଆମ ଜୀବନକୁ ଗଢ଼ିବା

ବଗିଗ୍ଭରେ ଫୁଟେ ଭଳି ଭଳି ଫୁଲ
ହେଲେ ସବୁ ଫୁଲ ବାସେନା,
ଯେଉଁ ଫୁଲଟିର ବାସନା ନଥାଏ
ଭଅଁର ତା ପାଖେ ଆସେନା ।
ଦୁନିଆ ବଗିଚା ଭିତରେ ସେମିତି
ଜୀବନ ଫୁଲଟି ଆମର,
ମନଭୁଲା ମିଠା ମହକ ନ ଥିଲେ
କୁହ ତାହା କେଉଁ କାମର ?
ସତ୍ୟ, ଦୟା, କ୍ଷମା,ଆଦର ମମତା
ଜୀବନ ଫୁଲର ପାଖୁଡ଼ା,
ଜୀବନଟା ଧନ୍ୟ ହୁଏ ଝରିଗଲେ
ଫୁଲର ବାସନା ଟୁକୁଡ଼ା ।
ଫୁଟି ଫୁଲ ସଞ୍ଜେ ସଞ୍ଜେ ଝରିଥାଏ
ଏ ତ ବିଧାତାଙ୍କ ରଚନା
ଫୁଲର ନ ଥାଏ ମଉଳିବା ଦୁଃଖ
ରାଗରୋଷ ଅବା ଶୋଚନା ।

ହସି ହସି ଝୁଲି ଝୁଲି ଶେଷଯାଏ
ବାଣ୍ଟେ ସେ ମଧୁର ମହକ,
ପାହାନ୍ତି ପରଶ ଶୀତ କେବେ ସହେ
କେବେ ଗୀରିଷମ ଜହକ ।
ଦିନଟିଏ ଫୁଟି ଲୋଟିଯିବାରେ ତା
ମନେ ଅସରନ୍ତି ହରଷ,
ଯାଏ ଆସେ ନାହିଁ ପାଉକି ନ ପାଉ
ବିଭୁଙ୍କର ପାଦ ପରଶ ।
ଆମେ ସବୁ ପିଲା ଫୁଲ ପରି ଆସ
ଆମ ଜୀବନକୁ ଗଢ଼ିବା,
ମଉଳି ଭୂଇଁରେ ଲୋଟିବା ପରେ ବି
ସଭିଁଙ୍କର ମନେ ପଡ଼ିବା ।

**କୁମାରୀ ଲିମା ହାଇବ୍ରୁ**
ବାଲିଆପାଳ ଆଶ୍ରମ ସ୍କୁଲ, ଯାଜପୁର



**ରାଧିକା ହନ୍ତାଳ**
ସରକାରୀ (ଆ.ହ.ଉ) ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରୀଗୁଡ଼ା

# ପାଠ ନ ପଢ଼ିଲେ ?

ବିମ୍ବ, ଚିମ୍ବ ଦୁଇ ଭାଇ । ବିମ୍ବ ବଡ଼ ଭାଇ ଓ ଚିମ୍ବ ସାନ ଭାଇ । ପ୍ରତିଦିନ ପାଠ ପଢ଼ିବାକୁ ସ୍କୁଲକୁ ଯାଆନ୍ତି । ହେଲେ ଚିମ୍ବ ସ୍କୁଲକୁ ଯାଏ ଏବଂ ବିମ୍ବ କ'ଣ କରେ ? ଚଗଲା ପିଲାମାନଙ୍କ ସହିତ ପଡ଼ି ଜମା ସ୍କୁଲକୁ ଯାଏ ନାହିଁ । ଖାଲି ଖେଳା ବୁଲାରେ ଦିନ କଟେଇ ଦିଏ । ଚିମ୍ବ ଯେତେ ଡାକିଲେ ବି ବିମ୍ବ ଜମା ସ୍କୁଲକୁ ଯାଏ ନାହିଁ । ସାନ ଭାଇ ଚିମ୍ବ ଦିନେ କହିଲା, "ବିମ୍ବ ଭାଇ ତୁମେ ପାଠ ପଢ଼ିବାକୁ ଘରୁ ଆସୁଛ । ହେଲେ ଅଧା ବାଟରେ ରହିଯାଇ ସ୍କୁଲକୁ ଯାଉ ନାହଁ । ଏକଥା ଆଜି ବାପାଙ୍କ ପାଖରେ ମୁଁ କହିବି" । ଏକଥା ଶୁଣି ବିମ୍ବ କହିଲା, "ନାହିଁ ସାନ ଭାଇ ଚିମ୍ବ । ମୁଁ ତୋ ପାଇଁ ଗୋଟିଏ ଭଲ ପେନ୍ କିଣି ଦେବି । ଏକଥା ବାପାଙ୍କୁ ଜମା କହିବୁ ନାହିଁ ।" ଚିମ୍ବ ତ ଛୋଟ ପିଲା । ବିମ୍ବ ଯାହା କହେ, ଚିମ୍ବ ସବୁ ମାନି ଯାଏ । ବିମ୍ବର ଏହି ବୁଦ୍ଧି କିନ୍ତୁ ସବୁଦିନ ପାଇଁ ରହିଗଲା । ଯେତେ ସାଙ୍ଗ ସାଥୀମାନେ ତାକୁ ପାଠ ପଢ଼ିବା ପାଇଁ କହିଲେ । ବିମ୍ବ କହିଲା, "ହଁ କିଏ ଯାଉଛି ପାଠ ପଢ଼ିବାକୁ ପାଠ ମୋର କ'ଣ ହେବ ?" । ଏହିପରି ଗୁଣ ବିମ୍ବର ବଡ଼ ହେଲା ପର୍ଯ୍ୟନ୍ତ ଛାଡ଼ିଲା ନାହିଁ ।

ଚିମ୍ବ ପାଠପଢ଼ି ବଡ଼ ଇଞ୍ଜିନିୟର ଚାକିରି କଲା । ବିମ୍ବ, ଚିମ୍ବକୁ ବାପା ବୋଉ ବିଭାଘର କରିଦେଲେ । ହେଲେ ଚିମ୍ବ ବଡ଼ ଘରେ ବାହା ହେଲା । କିନ୍ତୁ ବିମ୍ବ ଗୋଟିଏ ମୂଲିଆ ଘରର ଝିଅକୁ ବାହା ହେଲା । ଦୁଇ ଭାଇ ଅଲଗା ହେଲେ । ଚିମ୍ବ ଆରାମରେ ରହିଲା । କିନ୍ତୁ ବିମ୍ବ ତ ପାଠ ପଢ଼ି ନାହିଁ । ତେଣୁ ବହୁତ ଦୁଃଖ ପାଇଲା । ବିମ୍ବର ପୁଅ ଝିଅ ହୋଇ ପାଞ୍ଚଟା । କିନ୍ତୁ ଚିମ୍ବର ଗୋଟିଏ ଝିଅ ମାତ୍ର । ଚିମ୍ବର ଝିଅ ଭଲ ଭାବରେ ପଢ଼ି ପାରିଲା । କିନ୍ତୁ ବିମ୍ବର ପୁଅଝିଅମାନେ ଭଲରେ ପାଠ ପଢ଼ି ପାରିଲେ ନାହିଁ । କାରଣ ପିଲାମାନଙ୍କର ପାଠ୍ୟ ଉପକରଣ ବିମ୍ବ ଯୋଗାଇ ପାରିଲା ନାହିଁ । ସରକାରୀ ଆଇନ୍ ହୋଇଛି ଯେ ଗୋଟିଏ ସୁସନ୍ତାନ ଜନ୍ମ ଦେଇ ତାକୁ ଉନ୍ନତ ପ୍ରଣାଳୀରେ ବଢ଼ାଇବା ଉଚିତ୍ ।

ଚିମ୍ବ ପାଠ ପଢ଼ି ସବୁ କଥା ଜାଣିଛି । ସେଥିପାଇଁ ଚିମ୍ବର ମାତ୍ର ଝିଅଟିଏ । କିନ୍ତୁ ବଡ଼ ଭାଇ ବିମ୍ବର ପୁଅ ଝିଅ ପାଞ୍ଚଟା । ଖାଇବା ପିଇବା ପଢ଼ିବାରେ ମଧ୍ୟ ଅସୁବିଧା । ଶେଷରେ ବିମ୍ବ ବହୁତ ଦୁଃଖ ପାଇଲା । ଦିନକର ଘଟଣା, ବିମ୍ବର ପୁଅ ଚିଣ୍ଟୁକୁ ଜ୍ୱର ହେଲା । ବିମ୍ବ ଡାକ୍ତରଖାନାକୁ ଯାଇ ଔଷଧ ଆଣିଲା । ଡାକ୍ତର ବିମ୍ବକୁ କହିଲେ, "ଏଥିରେ ଲେଖା ହୋଇଛି, ସେହି ଅନୁସାରେ ପୁଅକୁ ଖାଇବାକୁ ଦେବ" । ଏହି ବଡ଼ ବଟିକାରୁ ରାତିରେ ୩ଟା ଖାଇବାକୁ ଦେବ । ଧଳା ବଟିକାରୁ ଦିନରେ ୨ଟା ଅଧା ଖାଇବାକୁ ଦେବ । ପାଣି ଔଷଧକୁ ଲେଖା ଅନୁସାରେ ଖାଇବାକୁ ଦେବ । ବିଚରା ବିମ୍ବ ଡାକ୍ତରଖାନାରୁ ଫେରିଲା, ହେଲେ ପାଠ ତ ପଢ଼ି ନାହିଁ କ'ଣ କରିବ ? ଡାକ୍ତର କହିବା ଅନୁସାରେ ଖାଇବାକୁ ଦେଇ ନ ପାରିବାରୁ ଶେଷରେ ଅଦଳ ବଦଳ କରି ଔଷଧ ଖାଇବାରୁ ବିମ୍ବର ପୁଅ ମୃତ୍ୟୁ ମୁଖରେ ପଡ଼ିଲା । ବିମ୍ବ ମନେ ମନେ କହିଲା, "ମୁଁ ପାଠ ପଢ଼ି ନ ଥିବାରୁ ସିନା ଆଜି ଏହି ଦୁଃଖ ପାଇଲି । ମୁଁ ପାଠ ପଢ଼ିଥିଲେ କ'ଣ ଏହି ଦୁଃଖରେ ପଡ଼ିଥାନ୍ତି ?"

**ଶ୍ରୀ ବିମଳ ପ୍ରସାଦ କହଁରୁ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

## ଜୀବସାର

'କ' ଅଭାବରେ ଅନ୍ଧାରକଣା ଯେ
'ଖ' ପାଇଁ ବେରି ବେରି,
ରକ୍ତହୀନତା, ତୁଣ୍ଡଘା' ସଙ୍ଗେ
ଜଳଖିଆ ଆଦି କରି ।
'ଗ' ପାଇଁ ମାଢ଼ି ନରମ ହୁଅଇ
ପଡ଼ଇ ସେଥିରୁ ରକ୍ତ,
ଦାନ୍ତ ହଲେ, ଦେହୁ ଘାଆ ଶୁଖେ ନାହିଁ
ହୋଇଥାଏ ଯେବେ କ୍ଷତ ।
'ଘ' ପାଇଁ ବାଙ୍କେ ଗୋଡ଼ ମେରୁଦଣ୍ଡ
ଅସ୍ଥି ହୁଏ ନାହିଁ ଗଢ଼ି,
କହନ୍ତି ଏହାକୁ ରିକେଟସ୍ ରୋଗ
ପିଲେ ନ ପାରନ୍ତି ବଢ଼ି ।
'ଇ' ଅଭାବରେ ହୁଏ ବନ୍ଧ୍ୟା ଦୋଷ
ନାରୀ ପାଉଥାଏ କଷ୍ଟ,
ଯେବେ ହୋଇଥାଏ 'କେ' ର ଅଭାବ
ଜମାଟ ନ ବାନ୍ଧେ ରକ୍ତ ।

**ଦୁର୍ଯ୍ୟୋଧନ ସିଂ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର

## ମାଆର ମମତା

ଜନମ ହୋଇ ଛୁଇଁଲି ଯେବେ,
ମାଟି ମାଆର କୋଳ
ମୋ ବାପା ମାଆ ଗଢ଼ି ତୋଳିଲେ
ଛୋଟରୁ କରି ବଡ଼ ।୧।
କେତେ ଶରଧା ଆଦର ପାଇ,
ସମାଜେ ହେଲି ଠିଆ,
ମୋ ପରି କୁନି ପିଲାଙ୍କ ସାଥେ
ମାରିଲି କେତେ ଡ଼ିଆଁ ।୨।
ଶିଖିଲି କଥା ପ୍ରଥମ କରି
ମାଆ କୋଳରେ ଥାଇ,
ପ୍ରଥମ କରି ଆଖି ଖୋଲିଲେ
ମୋ ଗୁରୁ ବାପା ହୋଇ ।୩।
ରାତି ପାହିଲେ ପଡଇ ଶୋଇ
ମା'କୋଳେ ରଖି ମଥା,
ମାଆ କୁହନ୍ତି ମଥା ଆଉଁସି
ମହତ ଜନ କଥା ।୪।
ଶୁଣି ସେ କଥା ଘୂରଇ ମଥା
ପଢ଼ାରେ ଦେଲି ମନ,
ପାଠପଢ଼ି ମୁଁ ରଖିବି ଦିନେ
ମୋ ଦେଶ ସନମାନ ।୫।

**କୁମାରୀ ପୂଜା ସୁତାରୀ**
ଝୁମୁଡ଼ିଆ ସେବାଶ୍ରମ

# ଶୁଦ୍ଧ ଉପାର୍ଜନ

ଶୁଦ୍ଧ ଉପାର୍ଜନର ଅର୍ଥ ଅନ୍ୟର ସ୍ୱତ୍ୱ ଗ୍ରହଣ କରିବା ନାହିଁ । ଚୋରି, ଡକାୟତି, ଆଦି ଦୂରର କଥା ଅନ୍ୟମାନଙ୍କ ସତ୍ୱ ଯେପରି ନିଜ ପାଖକୁ ନ ଆସେ ସେଥିପ୍ରତି ବିଶେଷ ସାବଧାନ ରହିବା ଉଚିତ୍ । ନିଜ ଶୁଦ୍ଧ ଉପାର୍ଜନର ଅନ୍ନ ଗ୍ରହଣ କଲେ ଅନ୍ତଃ କରଣ ନିର୍ମଳ ହେବ ଏବଂ ଚୋରି, ଠକାମି, ବିଶ୍ୱାସ ଘାତକତା, ଅନ୍ୟାୟ ପ୍ରଭୃତିରୁ ଉପାର୍ଜନର ଅନ୍ନ ଗ୍ରହଣ କଲେ ଅନ୍ତଃକରଣ ବହୁତ ଅଶୁଦ୍ଧ ହୋଇଯିବ ।

ଜଣେ ସନ୍ଥ କହୁଥିଲେ - ଶୁଦ୍ଧ ଉପାର୍ଜନର ଧନରୁ ଅତ୍ୟନ୍ତ ପବିତ୍ରତା ଆସେ । ତାଙ୍କ ପାଖକୁ ଜଣେ ରାଜା ଆସୁଥିଲେ । ଥରେ ରାଜା ପଚ୍ଚରିଲେ ଆଜ୍ଞା ଆପଣଙ୍କ ପାଖକୁ ବହୁତ ଲୋକ ଆସୁଛନ୍ତି ଏବଂ ଆପଣ ମଧ କେତେକ ଲୋକଙ୍କ ଘରକୁ ଭିକ୍ଷା କରିବା ପାଇଁ ଯାଉଛନ୍ତି । ଆପଣଙ୍କ ଦୃଷ୍ଟିରେ ଏପରି କେହି ଅଛନ୍ତି କି, ଯାହାର ଅନ୍ନ ଶୁଦ୍ଧ ଉପାର୍ଜନ ମାଧ୍ୟମରେ ହୋଇଥିବ ? ଯଦି ଆପଣଙ୍କ ଦୃଷ୍ଟିରେ ଏପରି କେହି ଥାଆନ୍ତି ତେବେ ଦୟାକରି ମୋତେ କହିବେ । ସନ୍ଥ କହିଲେ - ଅମୁକ ଜାଗାରେ ଜଣେ ବୁଢୀ ଅଛି, ତା'ର ଘରର ଅନ୍ନ ଅତ୍ୟନ୍ତ ଶୁଦ୍ଧ । ସେ ସୂତା କାଟି ଚଳୁଛି । ତା' ପାଖରେ ଧନ ନାହିଁ । ସାଧାରଣ ଚାଳ ଘର ଟିଏ । କିନ୍ତୁ ସେ ଅନ୍ୟର ସ୍ୱତ୍ୱ ଗ୍ରହଣ କରେ ନାହିଁ । ଏହା ଶୁଣି ରାଜା ମନେ ମନେ ଭାବିଲେ ଯେ କୌଣସି ପ୍ରକାରେ ତାଙ୍କ ଘରର ଅନ୍ନ ମିଳିଗଲେ ବହୁତ ଭଲ ହୁଅନ୍ତା ।

ରାଜା ନିଜେ ଭିକାରି ବେଶ ଧରି ସେହି ବୁଢ଼ୀ ଘରେ ପହଞ୍ଚିଲେ ଏବଂ କହିଲେ "ମାଆ' କିଛି ଭିକ୍ଷା ମିଳୁ । ବୁଢ଼ୀ ଘରୁ ଚାଉଳ ମୁଠାଏ ଆଣିଲା ଏବଂ କହିଲା ପୁଅରେ ଏଇ ନିଅ ତୁମ ଭିକ୍ଷା ।- ରାଜା ପଚ୍ଚରିଲେ ମାଆ ଗୋଟିଏ କଥା ପଚାରିବି ; ଏ ଭିକ୍ଷା ଶୁଦ୍ଧ ତ ? ଏଥିରେ କାହାରି ସ୍ୱତ୍ୱ ନାହିଁ ତ ? ବୁଢ଼ୀ କହିଲା - ପୁଅରେ ଏହା ପୂରାପୂରି ଶୁଦ୍ଧ ନୁହେଁ ଏଥିରେ କିଛିଟା ଅନ୍ୟର ସ୍ୱତ୍ୱ ରହିଛି । ଦିନେ ରାତିରେ ବର ଯାତ୍ରୀମାନେ ଯାଉଥିଲେ ସେମାନେ ପେଟ୍ରୋମାକ୍ସ ଲାଇଟ ଧରି ଯାଉଥିଲେ ସେହି ଆଲୋକରେ ମୁଁ ସୂତା କାଟୁଥିଲି । କେବଳ ଏତିକି ମାତ୍ର ଅନ୍ୟର ସ୍ୱତ୍ୱ ରହିଯାଇଛି । ଏହା ଛଡ଼ା ମୋ ଉପାର୍ଜନରେ ଅନ୍ୟ କୌଣସି ଦୋଷ ନାହିଁ । ରାଜା ହୃଦୟଙ୍ଗମ କଲେ ଯେ ଏତିକି ଦୋଷ ପ୍ରତି ବି ବୁଢ଼ୀର ଲକ୍ଷ ରହିଛି ।



ଶ୍ରୀ ନାନେ ସୋରେନ୍
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

# ଆମ ପରିବେଶ ଓ ଆମ ପ୍ରଭୁ

ପରିବେଶ କହିଲେ ଆମ ଚାରିପଟେ ଥିବା କେବଳ ଗଛଲତାକୁ ବୁଝାଏ ନାହିଁ । ମଣିଷ ଚାରିପାଖରେ ଘେରି ରହିଥିବା ସମସ୍ତ ଜୈବ ଓ ଅଜୈବ ପ୍ରାକୃତିକ ସଂପଦକୁ ଆମ ପରିବେଶ କୁହାଯାଏ । ଅନ୍ୟ ପକ୍ଷରେ ବିଶ୍ୱାସ କରୁଥିବା ଭଗବାନ ବା ଈଶ୍ୱରଙ୍କୁ ଆମେ "ପ୍ରଭୁ" ବୋଲି ସମ୍ବୋଧନ କରିଥାଉ । ପରିବେଶକୁ ଆମେ ନିଜ ଆଖିରେ ଦେଖିପାରୁଥିବା ବେଳେ ପ୍ରଭୁଙ୍କୁ ଦେଖିବା ଅସମ୍ଭବ ମନେ ହୁଏ । ପ୍ରଭୁଙ୍କୁ ଆମେ ନିତିପ୍ରତି ସବୁ ସମୟରେ କେବଳ ଖୋଜୁଥାଉ ବା କେବେ କେବେ ଅନୁଭବ କରିଥାଉ ବୋଲି ବ୍ୟକ୍ତ କରୁ, ମାତ୍ର ଆଜି ସୁଦ୍ଧା ପ୍ରଭୁଙ୍କୁ ସ୍ୱଚକ୍ଷୁରେ କେହି ଦେଖିଛି ବା ଦେଖାଇଛି ବୋଲି ପ୍ରାୟତଃ ଶୁଣାଯାଇନାହିଁ ।

ପୃଥିବୀ ଯେତେବେଳେ ସୃଷ୍ଟି ହେଲା ପରିବେଶ ମଧ୍ୟ ସେତେବେଳଠାରୁ ସୃଷ୍ଟି ହୋଇଛି । ସେହିଦିନଠାରୁ ଜଙ୍ଗଲ ମଧ୍ୟ ସୃଷ୍ଟି ହୋଇଛି । ଆଦିମାନବର ଆବିର୍ଭାବ ହୋଇଗଲା ଏଇ ଜଙ୍ଗଲରେ । ଏଇ ଜଙ୍ଗଲରେ ହିଁ ସେ ଜିଇଁ ରହିଥିଲା ପିଢ଼ି ପରେ ପିଢ଼ି । ଜଙ୍ଗଲର ଜୈବ ଓ ଅଜୈବ ପରିବେଶକୁ ସେ ମାନି ନେଇଥିଲା ତା'ର ପ୍ରଭୁ ବୋଲି । ଗଛକୁ ପୂଜା କରୁଥିଲା । ପଥରକୁ ପୂଜା କରୁଥିଲା । ସୂର୍ଯ୍ୟଙ୍କୁ ପୂଜା କରୁଥିଲା । ଚନ୍ଦ୍ରକୁ ବି, ପଶୁପକ୍ଷୀଙ୍କୁ ନୈବେଦ୍ୟ କରୁଥିଲା । ଜଙ୍ଗଲରୁ ମିଳିଥିଲା ମଣିଷକୁ ବିବର୍ତ୍ତନବାଦର ବିଶେଷ ବରଦାନ । ଧୀରେ ଧୀରେ ତା'ର ଶରୀର ଓ ସଭ୍ୟତାର କ୍ରମବିକାଶ ଘଟିଥିଲା । ଏଇଠାରେ ଆରମ୍ଭ ହୋଇଥିଲା କୃଷିକାର୍ଯ୍ୟ । ଜଙ୍ଗଲର ଭିତ୍ତିଭୂମିକୁ ନେଇ ଆଦିମାନବ ଶିଖିଥିଲା ସ୍ଥାପତ୍ୟର କଳା, ଶିକ୍ଷାର ଦୀକ୍ଷା ଆଉ ସଂସ୍କୃତିର ସୃଜନୀ ।

ଜଙ୍ଗଲର ଆକର୍ଷଣରେ ମେଘ ଆସି ଛୁଇଁଯାଏ ଧରାକୁ । ଆକାଶ ସହ ପୃଥିବୀକୁ ଯୋଡ଼ିଦିଏ ଏଇ ଜଙ୍ଗଲରୁ ସୃଷ୍ଟି ହେଉଥିବା ବୃକ୍ଷମାନଙ୍କର ବିନ୍ଦୁ ବିନ୍ଦୁ ଜଳକଣା । ଏଇ ଜଙ୍ଗଲର ଚେର ମୂଳୀର ଔଷଧ ବଢ଼ାଇଛି, ମାନବର ଆୟୁକାଳ । ପୁଣି ଜଙ୍ଗଲରେ ବୃକ୍ଷଲତାର ଜାତି ଜାତି ଫୁଲର ଶୋଭା ଆଉ ମହକ ସୃଷ୍ଟିକରେ ମାନବର ଦେହରେ ଆଉ ମନରେ ଅନେକ ରୋମାଞ୍ଚ, ସୂର୍ଯ୍ୟରୁ ଶକ୍ତି ସଂଗ୍ରହ କରି ମଣିଷକୁ ଏହା କରିଦିଏ ଶକ୍ତିମାନ ।

ଏସବୁ କାର୍ଯ୍ୟ ଯିଏ କରେ ସେ କ'ଣ କେବେ ବୃକ୍ଷ ପଦବାଚ୍ୟ ହୋଇପାରେ ? କେବଳ ଭଗବାନ ବା ପ୍ରଭୁ ହିଁ ଏସବୁ କରିବାକୁ ସକ୍ଷମ । ମଣିଷ ଉପରେ ଯିଏ ପ୍ରଭୁତ୍ୱ ବିସ୍ତାର କରେ, ଯାହାକୁ ମଣିଷ ନିଜଠାରୁ ବଡ଼ ମନେ କରେ, ସେ ହିଁ ତା'ର ପ୍ରଭୁ । ଅନ୍ୟ ପକ୍ଷରେ ଗଛ, ଲତା, ମାଟି, ପଥର, ପାହାଡ଼, ନଈ, ଝରଣା ଏସବୁ ଆମର ଭଗବାନ । ଆମର ପ୍ରଭୁ । ଏସବୁ ବିନା ଜୀବନ ଧାରଣ କରିବା ଅସମ୍ଭବ । ସାମାନ୍ୟ କେତେକ ଉଦାହରଣ ଦେଇ ଆମେ ବିଶେଷ ଭାବେ ଏ ସମ୍ବନ୍ଧରେ ହୃଦ୍‌ବୋଧ କରିପାରିବା ।

ଅଁଳା : ବାସ୍ତୁଶାସ୍ତ୍ର ଅନୁଯାୟୀ ପ୍ରତ୍ୟେକ ଗୃହରେ ଅଁଳା ବୃକ୍ଷ ରହିବା ଏକ ବିଧି ଅଟେ । କୁହାଯାଏ ଅଁଳା ବୃକ୍ଷ ମୂଳରେ ଲକ୍ଷ୍ମୀବାସ କରନ୍ତି । ଅନ୍ୟ



ପ୍ରକାରେ ବିଶ୍ଳେଷଣ କଲେ ଅଁଳା ଏକ ରୋଗନିବାରକ ବୃକ୍ଷ । ଏହାର ଫଳ ସ୍ୱାସ୍ଥ୍ୟ ପାଇଁ ବିଶେଷ ଉପଯୋଗୀ । ଅଁଳା ଗୁଣ୍ଡ ସହିତ ହରିଡ଼ା ଓ ବାହାଡ଼ା ମିଶାଇ ତ୍ରିଫଳା ପ୍ରସ୍ତୁତ କରାଯାଇଥାଏ । ଏହି ତ୍ରିଫଳା କୋଷ୍ଠ କାଠିନ୍ୟ ଦୂର କରିବା ସହିତ ଯାବତୀୟ ପେଟ ରୋଗ ଭଲ କରିଥାଏ । ଦେହ ସୁସ୍ଥ ରହିଲେ ବ୍ୟକ୍ତି ନିଜର କର୍ମ କରିବାକୁ ସକ୍ଷମ ହେବା ସହିତ ରୋଜଗାରକ୍ଷମ ମଧ ହୋଇପାରେ, ତେଣୁ ଗୃହକୁ ଲକ୍ଷ୍ମୀ ଆସନ୍ତି କହିବା ଯଥାର୍ଥ ଅଟେ ।

ଡାଳିମ୍ବ : କୁହାଯାଏ ପ୍ରତ୍ୟେକ ବଗିଚାରେ ଡାଳିମ୍ବ ଗଛ ରହିବା ବିଧେୟ । କଷି ଡାଳିମ୍ବଠାରୁ ଆରମ୍ଭ କରି ଏହାର ପତ୍ର ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏହା ବିଶେଷ ଭିଟାମିନ୍ ଯୁକ୍ତ ହୋଇଥିବାରୁ ପାଚିଲା ଡାଳିମ୍ବକୁ ରୋଗୀ ଠାରୁ ଆରମ୍ଭ କରି ସୁସ୍ଥ ବ୍ୟକ୍ତି ସମସ୍ତେ ବ୍ୟବହାର କରନ୍ତି ।

ଲେମ୍ବୁ : ଲେମ୍ବୁରେ ଭିଟାମିନ୍ - ସି, ପ୍ରଚୁର ପରିମାଣରେ ଥାଏ । ପ୍ରବାଦ ରହିଛି ଜଣେ ବ୍ୟକ୍ତି ଯଦି ପ୍ରତିଦିନ ଗୋଟିଏ ଲେମ୍ବୁ ଖାଏ ଡାକ୍ତରଙ୍କର ଆବଶ୍ୟକ ପଡ଼େ ନାହିଁ । ଅର୍ଥାତ୍ ପ୍ରତିଦିନ ଗୋଟିଏ ଲେମ୍ବୁ ସ୍ୱାସ୍ଥ୍ୟପାଇଁ ବିଶେଷ ଉପଯୋଗୀ ।

ନିମ୍ବ : ପ୍ରଥମତଃ ଦାରୁବ୍ରହ୍ମ ଜଗନ୍ନାଥ ନିଜର ସ୍ୱରୂପ ପ୍ରଦର୍ଶନ ନିମିତ୍ତ ଏହି ବୃକ୍ଷକୁ ବାଛି ନେଇଛନ୍ତି । ଏହାର ପତ୍ରଠାରୁ ଆରମ୍ଭ କରି ଫଳ, ମଞ୍ଜି, ଛେଲି, ସବୁର ଆବଶ୍ୟକତା ସ୍ୱାସ୍ଥ୍ୟ ପାଇଁ ରହିଛି । ଚର୍ମରୋଗ ଏବଂ ପେଟ ରୋଗ ପାଇଁ ଏହା ବିଶେଷ ଭାବେ ଦରକାର । ନିମ୍ବ ଗଛର ବିଭିନ୍ନ ଔଷଧୀୟ ଗୁଣ ରହିଥିବାରୁ ବିଭିନ୍ନ ସୌଖୀନ୍ ସାବୁନ୍ ପ୍ରସ୍ତୁତିରେ ମଧ ଏହାର ବିଭିନ୍ନ ଅଂଶକୁ ବ୍ୟବହାର କରାଯାଏ ।

ବେଲ: ବେଲ ପତ୍ର ଶିବଙ୍କ ପୂଜାରେ ଲାଗିବା କଥା ସମସ୍ତେ ଜାଣନ୍ତି । କଞ୍ଚାବେଲ ଓ ପାଚିଲା ବେଲ ପେଟ ରୋଗ ପାଇଁ ବିଶେଷ ଦରକାର ହୋଇଥାଏ । ବେଲପତ୍ର ମଧ ରୋଗ ନାଶକ । ମନ୍ଦିରର ଛଡ଼ା ବେଲପତ୍ର ଈଶ୍ୱରଙ୍କ ଆଶୀର୍ବାଦ ବୋଲି ମଣିଷ ଭାବେ । ଏତେ ସବୁ ଗୁଣଥିବାରୁ ବେଲ ଗଛକୁ ଘର ଦୁଆରେ ଲଗାଇ ପୂଜା କରିବାର ବିଧି ମଧ ରହିଛି । ବେଲଗଛ ମୂଳରେ ସ୍ୱୟଂ ଶିବ - ପାର୍ବତୀ ରହନ୍ତି ବୋଲି ହିନ୍ଦୁ ସମାଜର ବିଶ୍ୱାସ ।

ତୁଳସୀ : ତୁଳସୀର ଚମତ୍କାରିତା ସମସ୍ତଙ୍କୁ ଜଣା । ଏହାଦ୍ୱାରା ଗୋଟିଏ କିମ୍ବା ଦୁଇଟି ନୁହେଁ; ହଜାର ହଜାର ରୋଗ ଉପଶମ ହୁଏ । ତୁଳସୀ ଗଛ ରହିବା ଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧ ଏବଂ ସ୍ୱାସ୍ଥ୍ୟପ୍ରଦ ହେବା କଥା ଯେତେବେଳେ ପୁରାଣ ଯୁଗରେ ଋଷିମାନଙ୍କ ଦ୍ୱାରା ପ୍ରମାଣିତ ହେଲା ସେତେବେଳେ ସେମାନେ ଏହାର ପ୍ରଚାର କରିବା ପାଇଁ ବିଭିନ୍ନ ପ୍ରକାର ପ୍ରଯତ୍ନ କଲେ । ପ୍ରତ୍ୟେକ ଘରେ ଅତି କମ୍‌ରେ ଗୋଟିଏ ତୁଳସୀ ବୃକ୍ଷ ରୋପଣ କରିବା ଏବଂ ତା'ର ଯତ୍ନ ନେବାକୁ ଏକ ପୂଣ୍ୟ ବା ଧର୍ମ କାମ ବୋଲି ସେମାନେ ପ୍ରଚାର କଲେ । ଧୀରେ ଧୀରେ ତୁଳସୀର ଉପଯୋଗିତା ବଢ଼ିଗଲା । କାରଣ ଯେଉଁ ବସ୍ତୁର ବ୍ୟବହାର ଶ୍ରଦ୍ଧା ଏବଂ ବିଶ୍ୱାସ ପୂର୍ବକ କରାଯାଏ ତା'ର ପ୍ରଭାବ ଅତି ଶୀଘ୍ର ଏବଂ ଅଧିକ ମାତ୍ରାରେ ଦେଖାଯାଇଥାଏ । ତୁଳସୀର ପ୍ରୟୋଗ ଦ୍ୱାରା ଜ୍ୱର, କାଶ ଆଦି ଅନେକ ରୋଗ ଦୂର ହୋଇଥାଏ । ତତ୍‌ସହିତ ପବିତ୍ରତା, ଶୁଦ୍ଧତା ଏବଂ

ଭକ୍ତିଭାବନା ମଧ୍ୟ ବୃଦ୍ଧି ପାଇଥାଏ । ତେଣୁ ଶାସ୍ତ୍ରରେ ଉଲ୍ଲେଖ ରହିଛି -

"ତ୍ରିକାଳ ବିନତାପୁତ୍ର ପ୍ରାୟାଶ ତୁଳସୀ ଯଦି
ବିଶିଷ୍ୟତେ କାୟଶୁଦ୍ଧିଶ୍ଚାନ୍ଦ୍ରାୟଣ ଶତଂବିନା,
ତୁଳସୀ ଗନ୍ଧମାଦାୟ ଯତ୍ର ଗଚ୍ଛନ୍ତି ମାରୁତଃ
ଦିଶୋ ଦଶଶ୍ଚପୂତାଶ୍ଚଭୂତ ଗ୍ରାମଂ ଚତୁର୍ବିଧାଃ ।

ଅର୍ଥାତ୍, ଯଦି ପ୍ରାତଃ,ଦ୍ୱିପହର ଏବଂ ସାୟଂକାଳେ ତୁଳସୀ ସେବନ କରାଯାଏ, ତେବେ ମନୁଷ୍ୟ ଶରୀରରେ ଏତେ ଶୁଦ୍ଧତା ଆସିଯାଏ ଯେ ବହୁବାର ଚନ୍ଦ୍ରାୟଣ ବ୍ରତ କଲେ ମଧ୍ୟ ସେତିକି ଫଳ ମିଳିନଥାଏ । ତୁଳସୀର ଗନ୍ଧ ବାୟୁ ସହ ଯେତେଦୂର ଯାଏ ସେ ସମସ୍ତ ବାତାବରଣ ଏବଂ ସେଠାକାର ନିବାସୀମାନେ ପବିତ୍ର ଓ ନିର୍ବିକାର ହୋଇଥାଆନ୍ତି ।

ଇଏତ ଗଲା କେତେକ ବୃକ୍ଷର ବ୍ୟାବହାରିକ ଦୃଷ୍ଟିକୋଣର ରୋଗ ନିବାରକ ଶକ୍ତି କଥା । ଏବେ ଆମେ ଦେଖିବା ବୃକ୍ଷର ବିଭିନ୍ନ ପ୍ରକାର ଫୁଲର କଥା । ବିଭିନ୍ନ ଫୁଲର ଭିନ୍ନ ଭିନ୍ନ ବାସ୍ନାର କଥା । ଯାହାର ସୌନ୍ଦର୍ଯ୍ୟ ଏବଂ ବାସ୍ନାରେ ମାନସିକ ରୋଗ ନିବାରଣ କ୍ଷମତା ମଧ୍ୟ ରହିଛି ।

ସୁନ୍ଦର ହିଁ ସତ୍ୟ । ସତ୍ୟ ହିଁ ସୁନ୍ଦର । ସତ୍ୟ ହିଁ ଭଗବାନ । ସିଏ ସତ୍ୟ ସିଏ ଶିବ ସିଏ ସୁନ୍ଦର । ଚିର ସବୁଜ ସେ । ସେହି ସତ୍ୟ-ଶିବ-ଚିର ସୁନ୍ଦର ଜଙ୍ଗଲ ସେ ଯୋଗାଏ ଗରିବକୁ ଦାନା । ଧନୀକୁ ଅୟସର ଅର୍ଘ୍ୟ । ବ୍ୟକ୍ତିରୁ ଦେଶ ପର୍ଯ୍ୟନ୍ତ ସାମଗ୍ରିକ ଆର୍ଥିକ ଅବସ୍ଥାକୁ ବ୍ୟବସ୍ଥିତ କରିଥାଏ ଜଙ୍ଗଲ । ଜଙ୍ଗଲ ଜଳବାୟୁକୁ ନିୟନ୍ତ୍ରଣରେ ରଖି ତାକୁ କରେ ଅନୁକୂଳ ଏବଂ ଅପରିବର୍ତ୍ତିତ । ମନୁଷ୍ୟ ତଥା ଅନ୍ୟ ଜୀବମାନଙ୍କଠାରୁ ନିର୍ଗତ ଅଙ୍ଗାରକାମ୍ଳର ହଳାହଳ ବିଷ ପାନ କରି ସାରା ଜୀବଜଗତ ପାଇଁ ସୃଷ୍ଟିକରେ ଅମୃତ ଅମ୍ଳଜାନ । ଯିଏ ଜୀବକୁ ବଞ୍ଚିବା ପାଇଁ ସହାୟତା ପ୍ରଦାନ କରେ ସିଏ ହିଁ ତ ଈଶ୍ୱର, ଭଗବାନ । ସୁତରାଂ ଯେଉଁଠି ବାୟୁ ନାହିଁ, ଜଙ୍ଗଲ ନାହିଁ, ଗଛ ନାହିଁ, ଫୁଲ ନାହିଁ, ପଶୁ ପକ୍ଷୀ ନାହାନ୍ତି ସେଠାରେ ଭଗବାନ ନାହାଁନ୍ତି ବୋଲି ଧରିନେବାକୁ ହେବ । କାରଣ ଅମ୍ଳଜାନ ଭଳି ଭଗବାନ ସର୍ବ ବିଦ୍ୟମାନ । ଗଛ ଭଳି ସର୍ବଶକ୍ତିମାନ, ଗଛ ହିଁ ସୂର୍ଯ୍ୟରୁ ସକଳ ଶକ୍ତି ସଂଗ୍ରହ କରି ପ୍ରାଣୀଦେହରେ ଭରିଦିଏ ଅସୀମ ଶକ୍ତି ।


ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ମୁହଁରୁ ଶୁଣାଯାଏ ଯେ ଭଗବାନ ପଥର ହୋଇଯାଇଛନ୍ତି । ଏ ଯୁଗରେ ଭଗବାନ ଆଉ ନାହାନ୍ତି । ତେଣୁ ଦୁଃଖ ବହୁଗୁଣିତ ହୋଇଯାଇଛି । ଏହାର ଅର୍ଥ ଆମ ପରିବେଶଟି ଏକଦମ୍ ପ୍ରଦୂଷିତ ହୋଇଯାଇଛି । ଜଙ୍ଗଲ ସଂପଦକୁ ଭୋଗ କରିବାର ନିଶା ଘାରିଛି ମଣିଷକୁ । ଗଛ ଜଙ୍ଗଲ ବଦଳରେ କଂକ୍ରିଟ ଜଙ୍ଗଲ ତିଆରି କରିଛି । ଜନସଂଖ୍ୟା ବଢ଼ିବା ସହିତ ଚଳଣିର ଆଧୁନିକତାରେ ବଢ଼ିଯାଇଛି ମଣିଷର ଆବଶ୍ୟକତା । ଏହି ଆବଶ୍ୟକତା ପୂରଣ ପାଇଁ ଜଙ୍ଗଲ ହେଉଛି ସମସ୍ତଙ୍କର ଲକ୍ଷ୍ୟ । ସେ ସହରୀକରଣ ହେଉ, ଶିଳ୍ପାୟନ ହେଉ ଅଥବା ଗମନାଗମନର ମାଧ୍ୟମ ହେଉ, ସବୁଥିରେ ବଳିପଡ଼ୁଛି ଜଙ୍ଗଲ । ଜଙ୍ଗଲ ଭିତରେ ବିଜୁଳି ଆଲୁଅ, ପୂର୍ଣ୍ଣମୀ ଆଉ ଅମାବାସ୍ୟାକୁ ଏକାକାର କରିଦେଇଛି । ଜଙ୍ଗଲରେ ଖଣିଖାଦାନ ଖୋଳା ହେବାରୁ ଶୁଖିଯାଇଛି ଅସଂଖ୍ୟ ଝରଣା, ନଦୀ, ନାଳ । ଗଛ ସଂଖ୍ୟା କମିଯାଇ ଜଳଚକ୍ରରେ ବାଧା ଉପୁଜିବାରୁ ଏଣେ ଭୂତଳ ଜଳର ମଧ୍ୟ ଅଭାବ

ଦେଖାଗଲାଣି । ଜଳବାୟୁ ପରିବର୍ତ୍ତନ ଜନିତ ଅନେକ ଅଘଟଣ ଘଟିଚାଲିଛି । ଗ୍ରୀଷ୍ମରେ ମୁଣ୍ଡଫଟା ଖରା ସାଙ୍ଗକୁ ବାତ୍ୟା ଓ ଘୂର୍ଣ୍ଣିବାତ୍ୟାର ତାଣ୍ଡବ ଆଉ ବର୍ଷାର ବର୍ଦ୍ଧିତ ଅନିୟମିତତା ଓ ଅସଂଗତି ଧରାପୃଷ୍ଠରେ ପ୍ରାଣୀ ଜୀବନକୁ କରିପକାଇଛି ଅସ୍ଥିର, ଦୁର୍ବିସହ । ସମସ୍ତଙ୍କ ମୁହଁରେ ପ୍ରଭୁ ନାହାନ୍ତି । ଅର୍ଥାତ୍ ପରିବେଶ ପ୍ରଦୂଷିତ ।

ସୁତରାଂ ଆଶୀର୍ବାଦ ପାଇଁ ଏବଂ ତାଙ୍କୁ ଅତି ନିକଟତର ପାଇବାପାଇଁ ହେଲେ ଆମକୁ ପରିବେଶର ସୁରକ୍ଷା କରିବାକୁ ପଡ଼ିବ । ଜଙ୍ଗଲର ଯତ୍ନ ନେବାକୁ ହେବ । ବାଡ଼ି, ବଗିଚା କିମ୍ବା ବିଦ୍ୟାଳୟ ପରିସରରେ ଗୋଟିଏ ଯୋଡ଼ିଏ ଗଛ ଲଗାଇ ଦେଲେ ଜଙ୍ଗଲ ସୃଷ୍ଟି ହେବ ନାହିଁ । ଏଥିପାଇଁ ପ୍ରଶସ୍ତ ସ୍ଥାନରେ ବୃକ୍ଷରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି । ପୁନଶ୍ଚ ଅବକ୍ଷୟଗାମୀ ଜଙ୍ଗଲର ପୁନଃରୁଦ୍ଧାର ଏବଂ ଜଙ୍ଗଲ ସୁରକ୍ଷା ଜରୁରୀ ଅଟେ । ଇଚ୍ଛାଶକ୍ତି ଏବଂ ଆଗ୍ରହକୁ ଆଧାରକରି ସମସ୍ତଙ୍କର ସଚେତନତାର ସହଯୋଗରେ ଯଦି ସମାଜର ସବୁବର୍ଗ ସହଭାଗୀ ହେବେ, ତେବେ ଆମେ ଆମ ପରିବେଶର ପ୍ରଦୂଷଣକୁ ଦୂର କରି ଏହାର ସୁରକ୍ଷା ନିଶ୍ଚୟ କରିପାରିବା ଏବଂ ଭଗବାନଙ୍କୁ ପାଖେ ପାଖେ ପାଇ ଲକ୍ଷ୍ୟ ପଥରେ ଆଗେଇଯିବା ।

ଆସନ୍ତୁନା । ସମସ୍ତେ ମିଶି ଆମ ପରିବେଶରୁ ପ୍ରଭୁଙ୍କୁ ଆମର ଖୋଜିବା ଆଉ ପାଇବା ମଧ୍ୟ । ଥରେ ପ୍ରଭୁଙ୍କୁ ପାଇଗଲେ ସାରା ଜୀବନ ଶାନ୍ତିରେ ବିତାଇ ଆମ ପରପିଢ଼ି ପାଇଁ ପ୍ରଭୁଙ୍କର ଆଶୀର୍ବାଦ ଆଉ ସହାୟତା ସାଇତି ରଖିବା ।

**ଡ଼ (ଶ୍ରୀମତୀ) ନଳିନୀ ଦାସ**
ପ୍ରଧାନ ଶିକ୍ଷୟତ୍ରୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିବାରି ଗାଁ, କେଉଁଝର



# ସରଗୀ ଫୁଲ

ସରଗୀ ଫୁଲ ଲୋ ସରଗୀ ଫୁଲ
ସରଗସୁଷମା ନେଇ,
ମରତ ଭୂଇଁକୁ ଓହ୍ଲାଇ ଆସିଛୁ
ସଭିଁଙ୍କୁ କିଣିବା ପାଇଁ ।୧।

ବଣଭୂଇଁ ତୋର ଅତିଟି ନିଜର
ପ୍ରକୃତି ମା'ର କୋଳ,
ତୋ' ପାଇଁ ସରଗ ସୁଖ ଆଣି ଦିଏ
ଝରଣା ବୁକୁର ଜଳ ।୨।

ପକ୍ଷୀର କାକଳୀ ମାୟା ଦିଏ ବୋଳି
ମକ୍ଷିକାର ଗୁଞ୍ଜରଣ,
ବୃକ୍ଷର ଗହଳୁ ଫୁଲର ମହକ
ବହି ଆଣେ ସମୀରଣ ।୩।

ବଣ ମୂଲକର ମହୁଆ ମାଦଳେ
ମତୁଆଲା ଭାବ ନେଇ,
ଘୂରି ବୁଲୁଥିଲୁ ପଶୁପକ୍ଷୀ ସଙ୍ଗେ
ସେନେହ ଆଦର ପାଇ ।୪।

ସରଳ ମାଆର ସରଳ ସନ୍ତାନ
ଚଞ୍ଚଳତା ପ୍ରତି ଅଙ୍ଗେ,
ତୋ ମନ ମୁକୁରେ ଫୁଟି ଉଠୁଥାଏ
କେତେ ଆଶା କେତେ ରଙ୍ଗେ । ୫।

ସହରୀ ଦୁନିଆ ତୋ ପାଇଁ କି ନୂଆ
ଭୀତି ଆଣି ପାରେ ମନେ,
ଲକ୍ଷ୍ୟ ପଥେ ସଦା ଆଗେଇ ଯାଆ ତୁ
ନବ ଉନ୍ମାଦନା ପ୍ରାଣେ ।୬।

ସରଗୀ ଫୁଲ ଲୋ କେତେ ଆଶା ନେଇ
ତୋ ପାଶେ ହୋଇଛି ଠିଆ,
ଆଶା ବିଶ୍ୱାସର ପ୍ରତୀକଟି ମୋର
ସାହା ଏକା ଚଉବାହା ।୭।

**ଅଜୟ କୁମାର ପ୍ରଧାନ**
ରଘୁନାଥପୁର ସେବାଶ୍ରମ, ଢ଼େଙ୍କାନାଳ



# ପ୍ରେମିକ ପକ୍ଷୀ

ସ୍ନେହ ପ୍ରେମ ଭଳି ଅନୁଭବଗୁଡ଼ିକୁ ଆମେ ସାଧାରଣତଃ ମାନବୀୟ ଗୁଣ ବୋଲି କହିଥାଉ । କିନ୍ତୁ ପଶୁପକ୍ଷୀଙ୍କ ଭିତରେ ବି ସେହି ଗୁଣଗୁଡ଼ିକ ଯଥେଷ୍ଟ ପରିମାଣରେ ବିଦ୍ୟମାନ । କେବେ କେବେ ତ ସେହି ଦୃଷ୍ଟିରୁ ଦେଖିଲେ ସେମାନେ ମାନବଠାରୁ ଆହୁରି ଅଧିକ 'ମାନବୀୟ' ମନେ ହୁଅନ୍ତି । ପ୍ରେମକୁ ନେଇ ତ ଆଜିର ସିନେମା, ସାହିତ୍ୟ ଓ ସଂଗୀତ ବଞ୍ଚି ରହିଛି । ତେବେ ସେ ସବୁ ଖାଲି ମଣିଷର ପ୍ରେମ କାହାଣୀ । ରକ୍ତପାତ ଓ ଅମାନବୀୟ ଅପରାଧ ପାଇଁ ରଖାଯାଇଥିବା ଏଇ ପୃଷ୍ଠାରେ ଆଜି ମୁଁ ସ୍ଥାନିତ କରୁଛି ଏକ ପକ୍ଷୀର ପ୍ରେମ କଥା ।

ସାଥୀ ସହିତ ଖୁସିରେ ଉଡୁ ଉଡୁ ମୋଟର କାର୍ ଦେହରେ ମାଡ଼ ହୋଇ ମାଈ ଘରଚଟିଆଟି କ୍ଷତବିକ୍ଷତ ଅବସ୍ଥାରେ ତଳେ ପଡ଼ିଗଲା । ପୁରୁଷ ଘରଚଟିଆଟି ବ୍ୟସ୍ତ ହୋଇ ସଙ୍ଗେ ସଙ୍ଗେ ଉଡି ଆସିଲା ପାଖକୁ । ବହୁ ସମୟ ଧରି ତା'ର ଯତ୍ନ ନେଲା । ଥଣ୍ଟରେ ଖାଦ୍ୟ ଆଣି ତାକୁ ଖୁଆଇଲା ସେଇ କୁନି ଥଣ୍ଟରେ ବୁନ୍ଦା ବୁନ୍ଦା ପାଣି ଆଣି ପିଆଇ ସୁସ୍ଥ କରିବାକୁ ଆପ୍ରାଣ ଚେଷ୍ଟା ଚଳାଇଲା । ହେଲେ ତା'ର ଚେଷ୍ଟା ସଫଳ ହେଲାନି । ଥର ଥର ଥରୁଥିବା ଆହାତ ମାଈ ଘରଚଟିଆର ଦେହ କ୍ରମଶଃ ନିଥର ହୋଇଗଲା । ସେ ମୃତ୍ୟୁବରଣ କଲା ।

ମାଈ ଘର ଚଟିଆ ଆଦୌ ହଲଚଲ ହେଉ ନଥିବା ଦେଖି ପୁରୁଷଟି ତା'ର ମଲାଦେହକୁ ଥଣ୍ଟ ଓ ଗୋଡ଼ରେ ହଲେଇ ଉଠେଇବାକୁ ବିଫଳ ଚେଷ୍ଟା କଲା । ବହୁ ସମୟ ଧରି ଅନେକ ଚେଷ୍ଟା ପରେ ବି ମାଈ ପକ୍ଷୀଟି ଉଠିଲା ନି କି ହଲଚଲ ହେଲାନି । ସେ ତ ମରିଯାଇଥିଲା । ଶେଷରେ ପୁରୁଷଟି ହୃଦୟଙ୍ଗମ କଲା ଯେ ତା' ସାଥୀ ମରି ଯାଇଛି । ସେ ବିକଳ ସ୍ୱରରେ ବୋବେଇବାରେ ଲାଗିଲା । ଅନେକ ସମୟ ସେମିତି କାନ୍ଦିବା ପରେ ବୋଧେ ଶେଷରେ ସେ ବୁଝି ପାରିଲା ଯେ ତା'ର କାନ୍ଦ ମରି ଯାଇଥିବା ସାଥୀଟିକୁ ଆଉ ଫେରେଇ ଆଣି ପାରିବନି । ତା' ପରେ ସେ ଅନେକ ସମୟ ଧରି ସାଥୀର ମୃତଦେହ ପାଖରେ ନିରବ ହୋଇ ଠିଆ ହୋଇ ରହିଲା ଝାଡୁଦାର ଆସି ସେ ମଲା ଚଢ଼େଇଟିକୁ ନିଜ ଅଳିଆ ଠେଲାରେ ପକେଇ ନେଇ ଯିବା ପର୍ଯ୍ୟନ୍ତ ।

**ସୌମ୍ୟ ରଞ୍ଜନ ଗାଗାରାଇ**
ଗୋବରଘାଟି ଉଚ୍ଚ ବିଦ୍ୟାଳୟ



**ସସ୍ମିତା ଦଳେଇ**
ସରକାରୀ ବାଳିକା ବିଦ୍ୟାଳୟ, ବାଲିଗାଁ

## ପ୍ରଭୁ

ତୁମରି ଦାନର ସୀମା ନାହିଁ ପ୍ରଭୁ
ତୁମେ ତ କରୁଣାମୟ
କେଡ଼େ ମୋତେ ପ୍ରାଣ ଦେଇଛ ଭରିଯେ
ଅପାର ତୁମରି ସ୍ନେହ ।
ମୋ ପାଇଁ ଦେଇଛ ଫୁଲରେ ମହକ
କୋଇଲିର କୁହୁ ଗାନ,
ଝିଲି ମିଲି ତାରା ଝରଣାର ଧାର
ଯେତେ ଭରା ସୁନା ଧନ ।
କରିଛ ପୃଥିବୀ ଫୁଲ ଫଳ ଭରା
ଆକାଶରେ ମେଘ ମାଳ,
ପିତା ମାତାଙ୍କର ଆଦର ମମତା
ଭାଇ ଭଉଣୀର ଖେଳ ।
ମୋ ଟିକି ପ୍ରାଣର ଟିକିଏ ମିନତି
ଟିକି ହାତ ମୋର ଧରି,
ଆଲୁଅର ବାଟେ ଘେନି ନିଅ ମୋତେ
ତୁମ ଇଛା ଧନୁ ପରି ।
ତୁମେ ମୋର ଗୁରୁ ତୁମେ ମୋ ଦେବତା
ତୁମେ ମୋର ପ୍ରିୟତମ,
ତୁମେ ତ ସୁନ୍ଦର ତୁମେ ହିଁ ମଙ୍ଗଳ
ନମୋ ପ୍ରଭୁ ନମୋନମଃ ।

**କୁମାରୀ ସତ୍ୟଜିତା ଜେନା**
କସ୍ତୁରିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

## ହୁଁ-ହାଁ କରି ଗଲେ ସେ ଡେଇଁ

ଦୁଇଟା ମାଙ୍କଡ଼ ଆସିଲେ ଧାଇଁ
ଚାଳ ଛପରରେ ବସିଲେ ଯାଇଁ ।
ଛିଣ୍ଡାଇ ଖାଇଲେ କଖାରୁ କଷି
ଡାକ ପକାଇଲା ସାନ ମାଉସୀ ।
ଟିଣ ବାଡ଼େଇଲା ବିଦିଆ ନନା
ମାଙ୍କଡ଼ ନାଚିଲା ତାଧିନ୍ ଧିନା ।
ହୁଁ ହାଁ କରି ଗଲେ ସେ ଡେଇଁ
ଭାଙ୍ଗି ଗଲା ବଡ଼ ସଜନା ଡାହି ।
ସଜନା ପତର ହୋଇଲା ଶାଗ
ପଖାଳ ଭାତକୁ ଲାଗିଲା ବାଗ ।
ଖାଇଦେଲେ ପେଟେ ଶାଗ ପଖାଳ
ଭୀମ ପରି ଦେହେ ଆସିବ ବଳ ।

**ଗୁନ୍ଦୁ ଗାଗାରାଇ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ




**ପ୍ରଜ୍ଞାପରମିତା ବେହେରା**
ଝୁମ୍ପୁଡିଆ ସେବାଶ୍ରମ

# ବିଦ୍ୟା

ସମସ୍ତେ ଜାଣନ୍ତି ବିଦ୍ୟା ଅଟଇ ମହାଧନ । ଏ ଦୁନିଆରେ ସବୁ ଚୋରି ହୁଏ କିନ୍ତୁ ବିଦ୍ୟା ଏମିତି ଗୋଟିଏ ଜିନିଷ ଯେ ତାକୁ କେହି ଚୋରି କରି ନେଇ ପାରନ୍ତି ନାହିଁ । ବିଦ୍ୟା କାହାକୁ କଷ୍ଟ ଦିଏ ନାହିଁ । ମଲା ପର୍ଯ୍ୟନ୍ତ ତାହା ନିଜ ଭିତରେ ଏମିତି ଥାଏ । ସିଏ ଆମକୁ ଛାଡ଼ି ରହିପାରେ ନି କି ଆମେ ମଧ୍ୟ ତାକୁ ଛାଡ଼ି ରହିପାରିବୁ ନାହିଁ । ତାକୁ ସମସ୍ତେ ପାଇପାରନ୍ତି କାରଣ ଯିଏ କଷ୍ଟ କରେ ସିଏ ହିଁ କୃଷ୍ଣଙ୍କୁ ପାଇଥାଏ । ମାତ୍ର ସଂସାରରେ ସମସ୍ତେ ଗୋଟିଏ ଜିନିଷ ପାଇଁ କଳି କରନ୍ତି । ସେ ହେଉଛି ଟଙ୍କା । ଏମାନେ ଜାଣି ପାରନ୍ତି ନାହିଁ ଯେ ଆମର ମୂଲ୍ୟବାନ ଜିନିଷ ହେଉଛି ବିଦ୍ୟା । ଯିଏ ଏହାକୁ ପାଏ ସିଏ ଜୀବନ ସାରା ସଂସାର ଧରି ସୁଖରେ ରହେ । ଯିଏ ନ ପାଏ ସିଏ ଜୀବନ ସାରା ଦୁଃଖରେ ଥାଏ । ତେଣୁ ଏ ଦୁନିଆରେ ସମସ୍ତେ କହନ୍ତି । ବିଦ୍ୟାକୁ କେବେ ହେଲେ ହାତ ଛଡ଼ା କରିବା ନାହିଁ । ବିଦ୍ୟା ହେଉଛି ଆମର ଅନ୍ତରର ବନ୍ଧୁ । ବିଦ୍ୟାକୁ ଛାଡ଼ି ଦେଲେ ଆଉ ଦୁନିଆରେ ଆମର କେହି ନାହାନ୍ତି । ବିଦ୍ୟା ସବୁବେଳେ ଆମ ପାଖେ ପାଖେ ଥାଏ । ବିଦ୍ୟା ସମସ୍ତଙ୍କ ଦ୍ୱାରା ହୁଏ ନାହିଁ । କିନ୍ତୁ ଚେଷ୍ଟା କଲେ ତାହା ନିଶ୍ଚୟ ହେବ । ଚେଷ୍ଟା ଏବଂ ପରିଶ୍ରମ ଦୁନିଆରେ ମଣିଷକୁ ସଫଳ କରିଥାଏ । ବିଦ୍ୟା ହେଉଛି ଆମର ମା' ପରି । ଆମର ମୂଲ୍ୟବାନ ଜିନିଷ ହେଉଛି ବିଦ୍ୟା । ପୁସ୍ତକରୁ ଅଭିଜ୍ଞତା, ଉପଦେଶରୁ ଆମେ ଅନେକ ବିଦ୍ୟା ଉପଯୋଗୀ କଥା ପାଇଥାଉ । ବିଦ୍ୟା ହେଉଛି ଏକ ମହାଧନ । ଏହାଠୁଁ ଅଧିକ ଧନ ଯେଉଁଠି ଖୋଜିଲେ ବି ମିଳେ ନାହିଁ । ଧନ ଭିତରେ ବିଦ୍ୟାକୁ ମହାଧନ ଭାବରେ ଗ୍ରହଣ କରାଯାଇଛି । ବିଦ୍ୟା ଅଟଇ ମହାଧନ, ଆଳସ୍ୟ ଦୁଃଖର କାରଣ ।

**ରଶ୍ମିତା ପୂର୍ତ୍ତୀ**
ରାଙ୍କିଆ ଆଶ୍ରମ ସ୍କୁଲ



**କୁମାରୀ ନିତିମା ମୁଣ୍ଡା**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ

## ଢ଼ଗ

୧. ଦାନ କଲେ ମୋର ବୃଦ୍ଧି ହୁଏ, କିନ୍ତୁ ସାଇତି ରଖିଲେ କ୍ଷୟ ହୁଏ ।

ଉ: (ଜ୍ଞାନ, ବିଦ୍ୟା)

୨. ଖାଇଲେ କିଏ ମରେ ?

ଉ : (ଭୋକ)

୩. ପବନ ପାଇଲେ କିଏ ମରେ ?

ଉ: (ଝାଳ)

୪. ସେ ପକ୍ଷୀ ନୁହଁ, କିନ୍ତୁ ଆକାଶରେ ଉଡ଼େ ?

ଉ: (ଉଡ଼ାଜାହାଜ)

୫. ମୂଷା, କିନ୍ତୁ ଗାତରେ ରହେନା ସେ କେଉଁ ମୂଷା ?

ଉ : (ଗୁଣ୍ଡୁଚି)

୬. ଗୋଇଠା ମାଡ଼ ଖାଇବାକୁ ଜନ୍ମ ସେ କିଏ ?

ଉ : (ଫୁଟବଲ୍)

୭. କାହାକୁ ଟାଣିଲେ ଛୋଟ ହୁଏ ?

ଉ : (ସିଗାରେଟ୍)

୮. ମୁଁ ସବୁଠାରେ ଥାଏ, ମାତ୍ର କେହି ଧରି ପାରନ୍ତି ନାହିଁ ?

ଉ : (ପବନ)

୯. ପଥର ହେଲେ ବି ପାଣି ହୋଇଯାଏ ।

ଉ : (ବରଫ ବା କୁଆ ପଥର)

୧୦. ମୃତ୍ୟୁ ପରେ ବି ଠିଆ ହୋଇରହିପାରେ ?

ଉ : ଗଛ

୧୧. ମନା କଲେ ବି ସାଙ୍ଗ ଛାଡ଼େନା, ସେ କିଏ ?

ଉ : (ମଣିଷର ଛାଇ)

୧୨. କଟକ ମଝିରେ କ'ଣ ଅଛି ?

ଉ : (ଟ)

**କୁମାରୀ ବିଷ୍ଣୁପ୍ରିୟା ବାସ୍କେ**
କସ୍ତୁରବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

## ଉଡ଼ାଇବୁ ଜାତିର ପତାକା

ଏଇ ଭାରତର ଫୁଲ ବଗିଚାରେ
ଆମେ ଟିକି ଟିକି ତାରା ଫୁଲ,
ଆମରି ସୁବାସ ଯଶ ଗଉରବ
ଜଗତେ ସିନା ଅମୂଲ ମୂଲ ।
ହିମାଚଳ ଠାରୁ କୁମାରିକା ଯାଏ
ଯେତେ ସବୁ ଆମେ ପୁଅ ଝିଅ,
ହିନ୍ଦୁ ମୁସଲମାନ, ଜୈନ କିରସ୍ତାନ
ପରିଚୟ ଆମେ ଭାରତୀୟ ।
ହସି ହସାଇବୁ ନାଚି ନଚାଇବୁ
ଭାରତ ଆମର ମାଟି ମାଆ,
ଆମ କରମର ମଧୁର ସଂଗୀତେ
ସୁର ଭରି କେତେ ନୂଆ ନୂଆ ।
ଶାନ୍ତି କପୋତ ଉଡ଼ାଇବୁ ଆମେ
ନୀଳ ଆକାଶରେ ନୀଳିମାରେ,
ଆମ ଟିକି ଟିକି ହାତରେ ଗଢ଼ିବୁ
କୋଣାରକ କେତେ ପାଷାଣରେ ।
ଆମେ ଜବାହର, ଗାନ୍ଧୀ, ଗୋପବନ୍ଧୁ
ଜୀବନେ କରିଛୁ ଏଇପଣ,
ଆମେ ସରୋଜିନୀ, ଆମେ ମାତଙ୍ଗିନୀ
ରଖିବୁ ମାଆର ସନମାନ ।
ଦେଶ ହିତେ ଦେଇ ରକତ ଆମରି
ଜଗତେ ରଖିବୁ ଆମ ନାଆଁ,
ଉଡ଼ାଇବୁ ଆମେ ଜାତିର ପତାକା
ଆସୁ ପଛେ ଯେତେ ଝଡ଼ ବାଆ ।

**କୁମାରୀ ରଶ୍ମିତା ପୂର୍ତ୍ତୀ**
ରାଙ୍ଗିଆ ଆଶ୍ରମ ସ୍କୁଲ

# ମାଆ


ମାଆ ପରି କିଏ ହେବ ଏଇ ଜଗତରେ
ଦୁନିଆକୁ ଆଣିଛି ଯେ ସେନେହ ଆଦରେ ।
ଭୋକ ଶୋଷ ମେଣ୍ଟାଇଛି କେତେ ଯତନରେ
କେତେ ଗପ କହି ଅଛି ଶୋଇଲା ବେଳରେ ।
ସରଗ ସମାନ ସୁଖ ମିଳେ ତା' କୋଳରେ
ସେ ପାଖରେ ଥିଲେ ମୁଁ ଥାଏ ନିର୍ଭୟରେ ।
ଲୁହ ମୋର ପୋଛି ଦେଇ ପଣତ କାନିରେ
ଶୁଭ ମୋର ମନାସିଛି ପ୍ରଭୁଙ୍କ ପୟରେ ।
କୋଟିଏ ଭିତରେ ଗୋଟିଏ ନାମ ତାହାର
ବାପା ମାଆ ଆମର ପ୍ରଥମ ଠାକୁର ।
ସର୍ଭିଙ୍କ ଭିତରେ ମାଆ ଆମର ଶ୍ରେଷ୍ଠ
ସହିଛି ଆମର କେତେ ଅଳି ଅଝଟ ।
ଆମେ ଯେତେ ଶିଶୁ ନୂଆ ଦୁନିଆର
ସୁନାମ ରଖିବା ଆମେ ଆମରି ମା' ଆର ।
ଆମେ ସବୁ ଯେତେ ଶିଶୁ ସୁନ୍ଦର
କରିଥାଏ ଆମକୁ ସେ କେତେ ଆଦର ।
ସର୍ବଂସହା ଜନନୀ ମୋ ଶ୍ରେଷ୍ଠ ଏ ମହୀରେ,
ତା' ଆଶିଷେ ଯଶଖ୍ୟାତି ରଖିବି ସଂସାରେ ।
ଆମେ ସବୁ ପୂଜା ଫୁଲ ଚନ୍ଦନ ବନର
ମାଆ ପାଦ ତଳେ କୋଟି କୋଟି ଜୁହାର ।

**ନିର୍ମଳ କୁମାର ତରାଇ**
ଗୋବର ଘାଟି ହାଇସ୍କୁଲ, ଯାଜପୁର

# କାଠୁରିଆ ତା'ର ଭୁଲ ବୁଝିପାରିଲା

ରାଙ୍କିଆ ଗ୍ରାମରେ ବାସ କରୁଥାଏ ଏକ ଗରିବ କାଠୁରିଆ । ସେ ପ୍ରତ୍ୟେକ ଦିନ ଜଙ୍ଗଲକୁ ଯାଇ ଶୁଖିଲା କାଠ କାଟି ଆଣି ରାଙ୍କିଆ ସ୍କୁଲରେ ବିକ୍ରି କରି ତା'ର ପରିବାର ଚଳାଏ । ଯେଉଁଦିନ ଶୁଖିଲା କାଠ ନ ପାଏ ସେହିଦିନ ତା' ପରିବାର ଉପାସ ରହନ୍ତି । ଏହିପରି କାଠୁରିଆ ପରିବାର ବହୁତ କଷ୍ଟରେ ଚଳୁଥାନ୍ତି । କିଛିଦିନ ଗଲା । କାଠୁରିଆ ମୁଣ୍ଡକୁ ଏକ ବୁଦ୍ଧି ଆସିଲାରୁ ସେ ତା ସ୍ତ୍ରୀକୁ କହିଲା - ଏଥର ମୁଁ ଶୁଖିଲା ଗଛ ନ କାଟି ଜଙ୍ଗଲରେ ଥିବା ବଡ଼ ବଡ଼ ଗଛକୁ କାଟି ବିକ୍ରି କଲେ ଆମକୁ ବହୁତ ପଇସା ମିଳିବ ଓ ଆମର ଦୁଃଖ ଦୂର ହେବ । ଏ କଥାରେ ତା ସ୍ତ୍ରୀ ଏକମତ ହେଲାନାହିଁ । କାଠୁରିଆର ସ୍ତ୍ରୀ କାଠୁରିଆକୁ କହିଲା ଏପରି ପ୍ରତିଦିନ ଜଙ୍ଗଲରୁ କାଠ ଆଣିଲେ ନିଶ୍ଚୟ ଜଙ୍ଗଲ ଦିନେ ସଫା ହୋଇଯିବ ।

ସେହି ଗଛ ବିକି ଆମେ ଯେଉଁ ପଇସା ପାଇଥିବା ତାହା ନିଶ୍ଚୟ କିଛିଦିନ ପରେ ସରିଯିବ । ଆମେ ଯେପରି ଗରିବ ସେହିପରି ଗରିବ ହୋଇ ରହିଯିବା । ତେଣୁ ତୁମେ ଯେତିକି ଗଛ କାଟୁଛ ଯଦି ସେତିକି ଗଛ ଲଗାନ୍ତ ତେବେ ଜଙ୍ଗଲ କେବେ ସଫା ହେବନି । କିନ୍ତୁ ଏକଥାକୁ କାଠୁରିଆ ଗୁରୁତ୍ୱ ନ ଦେଇ ପ୍ରତିଦିନ ଯାଇ ବଡ଼ ବଡ଼ ଗଛ କାଟି ସହରରେ ବିକ୍ରି କରେ । ଏହିପରି କିଛି ବର୍ଷ ବିତିଗଲା ପରେ ଜଙ୍ଗଲରୁ ବଡ଼ ବଡ଼ ଗଛ ସରିବାକୁ ଲାଗିଲା । ଦିନେ କାଠୁରିଆ ସବୁଦିନ ପରି ଜଙ୍ଗଲକୁ ଗଛ ହାଣିବାକୁ ଗଲା । ଏକ ବଡ଼ ଗଛ ହାଣିବା ସମୟରେ ଜଙ୍ଗଲର ଜଗୁଆଳି ହାବୁଡ଼ରେ ପଡ଼ିଲା । ଜଗୁଆଳି କାଠୁରିଆକୁ ଧରି ନେବା ସମୟରେ ବହୁ



କାକୁତି ମିନତି ହୋଇ କାଠୁରିଆ ନିଜର ଦୁଃଖ କଥା ଜଣାଇଲା ଏବଂ ସେ ଏହି ଜଙ୍ଗଲରୁ ପ୍ରତ୍ୟେକ ଦିନ କାଠ ନେଇ ରାଙ୍କିଆ ସ୍କୁଲରେ ବିକ୍ରି କରି ତା'ର ଜୀବିକା ନିର୍ବାହ କରୁଛି ବୋଲି କହିଲା । କାଠୁରିଆଟି ମିଛ ନ କହି ସଂପୂର୍ଣ୍ଣ ସତ୍ୟ କହିଥିବାରୁ ଏବଂ ତା'ର ଦୁଃଖ କଥା ଶୁଣି ଜଗୁଆଳି ମନରେ ଦୟାଭାବ ଆସିଲା । ତେଣୁ ଜଗୁଆଳି କାଠୁରିଆକୁ ଏକ ଗଛ ପାଖକୁ ନେଇଯାଇ କହିଲା, "ଏହି ଗଛରେ ଯେଉଁ ଫଳ ଫଳିଛି ତୁମେ ସେହି ଫଳରୁ କିଛି ନେଇ ପ୍ରତ୍ୟେକ ଦିନ ବିକ୍ରିକଲେ ତୁମର ଧୀରେ ଧୀରେ ଉନ୍ନତି ହେବ । କାଠୁରିଆଟି ଜଗୁଆଳି କଥା ମାନି ସେହି ଗଛରୁ କିଛି ଫଳ ନେଇ ସହରକୁ ଗଲା । ସମସ୍ତେ ଏ ନୂଆ ଫଳ ଦେଖି କାଠୁରିଆ ଚାରି ପାଖରେ ଘେରିଗଲେ । କାଠୁରିଆ ଗୋଟିଏ ଫଳରୁ କିଛି କିଛି କାଟି ସମସ୍ତଙ୍କୁ ଚଖାଇଲା । ଚାହୁଁ ଚାହୁଁ

ଫଳଗୁଡ଼ିକ ବିକ୍ରି ହୋଇଗଲା । କାଠୁରିଆ ଆନନ୍ଦରେ ପଇସା ଧରି ଘରକୁ ଫେରି ସ୍ତ୍ରୀକୁ ସବୁକଥା କହିଲା । ଏହିପରି ପ୍ରତିଦିନ ଜଙ୍ଗଲରୁ ଫଳ ଆଣି ସେ ସହରରେ ବିକ୍ରି କଲା । ବିକ୍ରି କରୁଥିବା ଫଳରୁ ବାହାରୁଥିବା କିଛି ମଞ୍ଜି ରଖି ତା ବାଡ଼ିର ଚାରିପଟେ ଲଗାଇଲା । କାଠୁରିଆଟି ଏଥର ଜଙ୍ଗଲରୁ ଗଛ ନ କାଟି ଗଛ ଲଗାଇବାରେ ମନ ଦେଲା । ତା'ର ଆଉ ଦୁଃଖ ରହିଲା ନାହିଁ । ସେ ମନେ ମନେ ତା'ର ଭୁଲ ବୁଝିପାରିଲା ।

**କୁମାରୀ ସୁଚିତା ହେମ୍ବ୍ରମ**
ରାଙ୍କିଆ ଆଶ୍ରମ ସ୍କୁଲ



**କୁମାରୀ ଦଶମା ବାଙ୍କିର**
ରାଙ୍କିଆ ଆଶ୍ରମ ସ୍କୁଲ୍

# ସାହାଯ୍ୟର ସୁଫଳ

ବହୁତ ଦିନ ତଳର କଥା । ସେତେବେଳେ ବଙ୍ଗଳାରେ ଅକାଳ ମରୁଡ଼ି ପଡ଼ିଥାଏ । ଲୋକ ଭୋକରେ ଆଉଟୁ ପାଉଟୁ ହୋଇ ଏଣେ ତେଣେ ଭିକ ମାଗୁଥାନ୍ତି । ଚାରିଆଡ଼େ ଖାଲି ହାହାକାରରେ ପୂର୍ଣ୍ଣ । ସେହି ସମୟରେ ଦିନେ ପଣ୍ଡିତ ଈଶ୍ୱରଚନ୍ଦ୍ର ଗୋପାଳ ବର୍ଦ୍ଧମାନ ସହରର ଏକ ବଜାର ଆଡ଼କୁ ଯାଉଥାନ୍ତି । ସାମନାରେ ଦେଖିଲେ ଗୋଟିଏ ପିଲା ଚିରା କନା ପିନ୍ଧି ତାଙ୍କ ଆଡ଼କୁ ଚାଲି ଚାଲି ଆସୁଛି । ନ ଖାଇ ନ ପିଇ ସେ ରୋଗିଣା ଦେଖାଯାଉଛି । ପାଖକୁ ଆସି ଗୋପାଳଙ୍କୁ ହାତ ଯୋଡ଼ି ସେ କହିଲା - ବାବୁ ମୋତେ ପଇସାଟିଏ ଦିଅନ୍ତୁ । ବଡ଼ ଧର୍ମ ହେବ ଆପଣଙ୍କର । ମୁଁ ଆଉ ମା ଦୁହେଁ ଭୋକରେ ଅଛୁ । "ଯଦି ମୁଁ ତତେ ଚାରି ପଇସା ଦେବି ତେବେ ତୁ କ'ଣ କରିବୁ" ଗୋପାଳ ତାକୁ ଚାହିଁ କହିଲେ । ପିଲାଟି ଉତ୍ତର ଦେଲା ଦୁଇ ପଇସାର କିଛି କିଣି ଖାଇବି ଆଉ ଦୁଇ ପଇସା ମା'କୁ ଦେଇପାରିବି । "ଆଚ୍ଛା ତୋତେ ଯଦି ଦୁଇ ଅଣା ଦିଆଯିବ ?" ଗୋପାଳ ପଚାରିଲେ । ପିଲାଟି ଭାବିଲା ବାବୁ ତାକୁ ଥଟ୍ଟା କରୁଛନ୍ତି । କିଛି ନ କହି ବଡ଼ କରୁଣଚାହାଣିରେ ତାଙ୍କୁ ଚାହିଁଲା । ଗୋପାଳ ଆଗେଇ ଯାଇ ତା ହାତ ଧରି ପକାଇଲେ । ଖୁବ୍ ଆଦରରେ କହିଲେ - "ଯଦି ପ୍ରକୃତରେ ତୋତେ ଚାରି ଅଣା ଦେଇଦେବି ତେବେ ତୁ କ'ଣ କରିବୁ ?" ଚାରିଅଣା ! ବଡ଼ ଚକିତ ଚାହାଣିରେ ପିଲାଟି ତାଙ୍କୁ ଚାହିଁଲା । କିଛି କ୍ଷଣ ପରେ ପୁଣି କ'ଣ ଭାବି କହିଲା, ତାହେଲେ ତ ଆମର ବିପଦ ଘୁଞ୍ଚିଯିବ ? ଦୁଇ ଅଣାର ଖାଇବା ଜିନିଷ ନେବି, ଆଉ ଦୁଇ ଅଣାର ଆମ୍ବ କିଣି ବିକିବି । ସେଥିରେ ମୋର କିଛି ଲାଭ ବାହାରି ପଡ଼ିବ । ଗୋପାଳ ତାକୁ ଗୋଟିଏ ଟଙ୍କା ଦେଲେ । ପିଲାଟିର ଖୁସି କହିଲେ ନ ସରେ । ସେ ତା ଜୀବନରେ ସେ ପର୍ଯ୍ୟନ୍ତ କେବେହେଲେ ଟଙ୍କାଟିଏ ଦେଖି ନ ଥିଲା । ସେ ସମୟରେ ଗୋଟିଏ ଟଙ୍କାର ମୂଲ୍ୟ କିଛି କମ୍ ନଥିଲା । ଟଙ୍କାକରେ ଅନେକ ଜିନିଷ ମିଳୁଥିଲା । କେତେ ବର୍ଷ ବିତିଗଲା । ଗୋପାଳ ଏ ଘଟଣାକୁ ଭୁଲିଗଲେ । ପୁଣି ଥରେ ବର୍ଦ୍ଧମାନ ଯିବା ପାଇଁ ସୁଯୋଗ ମିଳିଲା । ବଜାରରେ ଦୁଇ ତିନି ଜଣ ବନ୍ଧୁ ସାଥିରେ ଯାଉଥାନ୍ତି । ସେତିକିବେଳେ ଜଣେ ଯୁବକ ଆସି ତାଙ୍କୁ ପ୍ରଣାମ ଜଣାଇଲା । ତା ପରେ ତାଙ୍କୁ ତା ନିଜ ଦୋକାନ ଭିତରକୁ ଯିବା ପାଇଁ ଖୁବ୍ ଅନୁରୋଧ କଲା । ଗୋପାଳ ଯୁବକଟିକୁ ଚାହିଁଲେ । ଚିହ୍ନି ପାରିଲେ ନାହିଁ । ଯୁବକଟିର ଆଖି ଦୁଇଟି ଲୁହରେ ଭରି ଆସିଲା । ସେ ତାଙ୍କୁ ଏଇ ସହରରେ କେତେ ବର୍ଷ ତଳେ ଗୋଟିଏ ଟଙ୍କା ଦେବା ଘଟଣା ମନେ ପକାଇ ଦେଲା । କହିଲା, ଆପଣଙ୍କର ସେଇ ଟଙ୍କାରେ ମୁଁ ଫଳ କିଣି ବୁଲି ବୁଲି ବିକ୍ରି କଲି । ପରିଶ୍ରମ କରି ଧୀରେ ଧୀରେ ମୁଁ କିଛି ଟଙ୍କା ମଧ ଜମା କଲି । ପାଖରେ କିଛି ଟଙ୍କା ହୋଇଯିବା ପରେ ଭାବିଲି କେଉଁଠି ଗୋଟିଏ ଜାଗାରେ ଦୋକାନଟିଏ ଖୋଲିବି । ସେଇ ଟଙ୍କାରେ ମୁଁ ଏବେ ଏଇ ଦୋକାନଟି କରିଛି । ଏହା ହେଉଛି ଆପଣଙ୍କ ସାହାଯ୍ୟର ଫଳ ।

**କୁମାରୀ ମାନସୀ ଚଳା**
ରାଙ୍କିଆ ଆଶ୍ରମ ସ୍କୁଲ

## 'ସରଗୀ ଫୁଲ'

ପାଖୁଡ଼ାଟିଏ ମୁଁ ପଠାଇ ଦେଉଛି
ସରଗୀ ଫୁଲ ଲୋ ନେବୁ ତୁ ତୋଳି,
ପେନ୍ଥାଏ ଫୁଲରୁ ଗୋଟିଏ ଫୁଲରେ
ଏଇ ପାଖୁଡ଼ାକୁ ଦେବୁ ତୁ ଯୋଡ଼ି ।
ଗଛର ଡାଳରେ ଝୁଲୁଛୁ କେମିତି
ଦେଖିବାକୁ ଭାରି ଇଚ୍ଛା ମୋ ହୁଏ,
ଦେଖି ତ ପାରେନା ତୋହରି ବାସନା
ଜିଲ୍ଲାସାରା ଖାଲି ମହକି ଯାଏ ।
ଭାବେ ଯଦି ମୁହିଁ ପକ୍ଷୀଟିଏ ହୋଇ
ଉଡୁଥାଆନ୍ତି ନିତି ଡେଣାକୁ ଝାଡ଼ି,
ଯାଆନ୍ତି ଲୋ ଦିନେ ତୋହରି ପାଖକୁ
ନୀଳ ଆକାଶର ପବନ ଚିରି ।
ତଥାପି ଭାବୁଛି ଆର ବରଷକୁ
ଗୀତରେ ଚିତ୍ରରେ ତୋତେ ସଜାଇ,
ଡେଣା ନ ଥିଲେ ବି ପାଖକୁ ତୋହର
ଗୋଡ଼ରେ ଦଉଡ଼ି ଯିବି ମୁଁ ଧାଇଁ ।

**ସଞ୍ଜୟ କୁମାର ନାୟକ**
ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିବାରିଗାଁ, କେଉଁଝର



## 'ଆସ ପାଠ ପଢ଼ିବା'

ଆସରେ ଭାଇ, ଭଉଣୀ ସବୁ
ପଢ଼ିବା ଆମେ ପାଠ,
ଜାତି ଜାତିକା ଛବିର ବହି
ପଢ଼ିବା ସବୁ ଗ୍ରଟ ।
ପାଠଶାଳାକୁ ଯିବାରେ ଆମେ
ପଢ଼ିବା କେତେ କଥା,
ଶିକ୍ଷକ ଗୁରୁଜନଙ୍କୁ ଭକ୍ତି
କରିବା ନୋଇଁ ମଥା ।
କେତେ ଯେ ପାଠ ଦୁନିଆଯାକ
ପୁରାଣଠୁଁ ଇତିହାସ,
ଜ୍ଞାନ, ବିଜ୍ଞାନ,ଅଙ୍କ ଭୂଗୋଳ
ସାହିତ୍ୟ ହାସ୍ୟ ରସ ।
ବୟସ ଆମ ଅଳ୍ପ ଏବେ
ପାଠରେ ଦେବାମନ,
ମାନିବା କଥା ଗୁରୁଜୀ ଯାହା
କହିବେ ପ୍ରତିଦିନ ।
ହସ ଫୁଟାଇ ସବୁରି ମୁହେଁ
ହୋଇବା ବଡ଼ ଲୋକ,
ମଣିଷ ପରି ମଣିଷ ହୋଇ
ରଖିବା ଦେଶ ଟେକ ।

**ଶ୍ରୀମତୀ ଅନୁସୟା ମହାନ୍ତି**
ସହକାରୀ ଶିକ୍ଷୟତ୍ରୀ
କସ୍ତୁରବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ

ରାଙ୍କିଆ ଗ୍ରାମରେ ଗୋଟିଏ ପ୍ରାଥମିକ ସ୍କୁଲ । ସେଠାରେ ଦୀପୁ ଓ ମୁନା ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି । ଦିପୁ ଥିଲା ବଡ଼ ଲୋକ ଘରର ପୁଅ । ତା' ମନରେ ସେଥିପାଇଁ ଗର୍ବ ଥିଲା । କିନ୍ତୁ ମୁନା ଗରିବ ଘରର ପୁଅ ହେଲେ ମଧ୍ୟ ଅତି ସରଳ ଓ ପରୋପକାରୀ ଥିଲା । ସେ ପାଠପଢ଼ାରେ ସବୁବେଳେ ପ୍ରଥମ ହେଉଥିଲା । ଏଥିପାଇଁ ଦିପୁ ମୁନାକୁ ସବୁବେଳେ ଈର୍ଷା କଲେ । ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମୁନାକୁ ପ୍ରଶଂସା କରନ୍ତି । ଦିପୁ ଏହା ସହିପାରେ ନାହିଁ । ସେ କିପରି ମୁନାକୁ ଗାଳି ଖୁଆଇ ଅପମାନ ଦେବ ଏହିକଥା ସବୁବେଳେ ଚିନ୍ତା କରିଥାଏ ।

ଦିନ କର କଥା । ମୁନା ଗରିବ ଯୋଗୁଁ ସବୁ ବହିପତ୍ର କିଣି ପାରି ନଥାଏ । ପିଲାଙ୍କ ଠାରୁ ମାଗି ପଢ଼ି ଫେରାଇ ଦିଏ । ଖେଳଛୁଟିରେ ସବୁପିଲା ବାହାରେ ଖେଳୁଥାନ୍ତି । ଏହାର ସୁଯୋଗ ନେଇ ଦିପୁ ତା'ର ଗୋଟିଏ ଦୁଷ୍ଟ ସାଙ୍ଗ ରାଜାର ୨ ଖଣ୍ଡ ବହିନେଇ ମୁନାର ବ୍ୟାଗରେ ରଖି ଦେଲା । ବେଲ୍ ବାଜିବାରୁ ପଢ଼ା ଆରମ୍ଭ ହେବାରୁ ରାଜା କହିଲା ସାର୍ ମୋର ଦୁଇଖଣ୍ଡ ବହି ନାହିଁ । ସାର ପଚାରିବାରୁ ସବୁପିଲା ବହି ନେଇନାହୁଁ ବୋଲି ଜବାବ୍ ଦେଲେ । ମୁନା ମଧ୍ୟ ମନା କଲା । ଏତିକି ବେଳେ ଦିପୁ ସାର୍‌ଙ୍କୁ କହିଲା ମୁଁ ଦେଖିଛି ମୁନା ରାଜାର ୨ ଖଣ୍ଡ ବହି ଚୋରି କରିଛି । ଖେଳଛୁଟିରେ କେହି ନ ଥିବା ବେଳେ ସେ ଚୁପ୍ ଚାପ ରାଜାର ବହି କାଢ଼ି ନିଜ ବ୍ୟାଗରେ ପୂରାଇ ଦେଲା । ସାର୍ ପୁଣି ମୁନାକୁ ପଚାରିଲେ ତୁ ବହି ନେଇଛୁ ? ମୁନା ଅତି ବିନମ୍ର ସହ କହିଲା ନା ସାର୍ ମୁଁ ଏ ବିଷୟରେ କିଛି ଜାଣିନି । ବାହାରେ ଖେଳୁଥିଲି । ଦିପୁ ସାର୍‌ଙ୍କୁ ମୁନାର ବ୍ୟାଗ ଦେଖିବାକୁ କହିବା ପରେ ମୁନା ତା'ର ବ୍ୟାଗ ଖୋଲିବାରୁ ରାଜାର ବହି ୨ ଖଣ୍ଡ ମିଳିଗଲା । ଦିପୁ ଓ ରାଜା ମୁନାକୁ ଚୋର ବୋଲି ଚିଡ଼ାଇଲେ । ମିଛ କହିଥିବାରୁ ସାର୍ ମୁନାକୁ ବହୁତ ପିଟିଲେ । ମୁନା ସବୁ ଚୁପ୍ ଚାପ ସହିଗଲା । ଦିପୁ, ରାଜା ଓ ତାଙ୍କର କେତେଜଣ ଦୁଷ୍ଟ ସାଙ୍ଗ ମୁନାକୁ ଦେଖେଇ ଦେଖେଇ ସବୁବେଳେ ଚୋର ବୋଲି କହନ୍ତି । ମୁନା କିନ୍ତୁ ସେମାନଙ୍କୁ କିଛି ନକହି ନିଜର ପାଠପଢ଼ାରେ ମନ ଦିଏ । ଏହିପରି ଭାବେ କିଛିଦିନ ବିତିଗଲା । ଆଉ ଦିନକର ଘଟଣା ଦିପୁ ରାଜା ଆଉ କେତେଜଣ ସାଙ୍ଗ କ୍ଲାସରୁ ଲୁଚି କରି ଆମ୍ବ ତୋଟାକୁ ଆମ୍ବ ଖାଇବାକୁ ଯାଇଥାନ୍ତି । ଏକଥା ମୁନା ଜାଣିଥିଲେ ମଧ୍ୟ ସାର୍‌ଙ୍କୁ କହିନଥାଏ । ଆମ୍ବ ଗଛରେ ଚଢ଼ି ଆମ୍ବ ପାରୁଥିବା ବେଳେ ହଠାତ୍ ଦିପୁର ଗୋଡ଼ ଖସିଗଲା ଓ ସେ ତଳେ ପଡ଼ିଗଲା । ତା ଦେହରୁ ବହୁତ ରକ୍ତ ବାହାରିଲା । ଏ ଖବର ପାଇ ମୁନା ଓ ସାର୍‌ମାନେ ସଂଗେ ସଂଗେ ଦିପୁକୁ ମେଡ଼ିକାଲ ନେଇଗଲେ । ତା'ର ଦେହରୁ ପ୍ରଚୁର ରକ୍ତ ଯାଇଥିବାରୁ ରକ୍ତ ଦରକାର ପଡ଼ିଲା । ରକ୍ତ ନଦେଲେ ଦିପୁ ବଞ୍ଚିବନି ? ଦିପୁର ମୁଣ୍ଡ ଫାଟି ଯାଇଥାଏ ଓ ଦେହ ହାତ ସବୁ ଆଡ଼େ ଖଣ୍ଡିଆ ହୋଇଯାଇଥାଏ । ରାଜା ଓ ଦିପୁର ଦୁଷ୍ଟ ସାଙ୍ଗମାନେ ରକ୍ତ ଦେବାକୁ ରାଜି ହେଲେ ନାହିଁ । ମୁନା କିନ୍ତୁ ଦିପୁର ପାଖେ ପାଖେ ଥାଏ । ସେ ଦିପୁକୁ ରକ୍ତ ଦେଲା । ମୁନା ତା' ପାଖରେ ବସିଥାଏ । ଦିପୁ ଠିକ୍ ହୋଇଗଲା । ଡାକ୍ତରଙ୍କ ପାଖରୁ ଶୁଣିଲା ମୁନା ଯୋଗୁଁ ଦିପୁ ନୂଆ ଜୀବନ ପାଇଛି । ଦିପୁର ମୁଣ୍ଡ ଲାଜରେ ତଳକୁ ହୋଇଗଲା । ସେ ଦିନର ଘଟଣା ପାଇଁ ମୁନାକୁ କ୍ଷମା ମାଗିଲା ଓ ଭୋ ଭୋ ହୋଇ କାନ୍ଦି ପକାଇଲା । ମୁନା ଦିପୁକୁ କୁଣ୍ଢାଇ ପକାଇଲା । ତା' ପରଠାରୁ ଦିପୁ ଭଲ ପିଲା ହୋଇଗଲା ଓ ମୁନାକୁ ନିଜର ଭାଇପରି ସ୍ନେହ କଲା । ତେଣୁ ବିପଦ ସମୟରେ ଯେଉଁ ସାଙ୍ଗ ସାହାଯ୍ୟ କରିଥାଏ, ସେ ହେଉଛି ପ୍ରକୃତ ବନ୍ଧୁ ।

**କୁମାରୀ ଲକ୍ଷ୍ମୀ ହେମ୍ବ୍ରମ**
ରାଙ୍କିଆ ଆଶ୍ରମ ସ୍କୁଲ

# ପୁଅ ପରି ଝିଅଟିଏ

ସେମାନେ ଦୋକାନ କାମରେ ସହଯୋଗ କରିବା ପାଇଁ ପିଲାଟିଏ, ରଖିଥିଲେ । ଭାବିଥିଲେ, ପୁଅଟିଏ ହେଲେ ତାଙ୍କ ଦୋକାନ ସମ୍ଭାଳିବା ସହିତ ବୃଦ୍ଧାବସ୍ଥାରେ ଆଶାବାଡ଼ି ହେବ । ହେଲେ ତାଙ୍କର ଦ୍ୱିତୀୟ ସନ୍ତାନଟି ଝିଅ ହେବାରୁ ବାନାମ୍ବର ଓ ଶୈଳ ଭାଙ୍ଗି ପଡ଼ିଲେ ।

ପିଲାଟିକୁ ଦେଖି ସେମାନେ ମନ ଦୁଃଖ କରି କହୁଥିଲେ, ଆମର ପୁଅ ଦରକାର ଥିଲା ଝିଅ ହେଲା । ସବୁବେଳେ ଏ କଥା ଶୁଣି ଶୁଣି ପିଲାଟି ତାଙ୍କ ବାପାଙ୍କର ଝିଅ ନୁହେଁ ବରଂ ପୁଅଟିଏ ହୋଇ ଦେଖେଇବାକୁ ମନରେ ସଂକଳ୍ପ ନେଲା । ବାପାଙ୍କୁ ଇଲେକ୍ଟ୍ରିକାମ ପାଇଁ ବାହାରକୁ ଯିବାକୁ ପଡ଼େ । ଏହି ସମୟରେ ବାପାଙ୍କୁ କାମରେ ସହଯୋଗ କରିବା ପାଇଁ ଘରୁ ଗୋଡ଼ କାଢ଼ିଲା ପିଲାଟି ।

ବାନାମ୍ବର ପ୍ରଥମେ ଗୋଟିଏ ଗାଁରେ ଏକ କେବିନ୍‌ରେ ଦୋକାନ କରିଥିଲେ । ମୁନିସିପାଲଟି ପକ୍ଷରୁ ଦୋକାନ ପାଇଁ ପିଣ୍ଡି କାମ ହେବା ଯୋଗୁଁ ପଇସା ନ ଦେଇ ପାରିବାରୁ ସେଠୁ ଦୋକାନ ଛାଡ଼ିବାକୁ ପଡ଼ିଲା । ପରେ ସେ ଭଡ଼ା ନେଇ ଦୋକାନ ଆରମ୍ଭ କଲେ । ଅଭାବ ଯୋଗୁଁ ଆଉ ପିଲା ରଖିବାକୁ ସକ୍ଷମ ନ ଥିଲେ । ସେତେବେଳେ ଝିଅଟି ଦୋକାନର ପୂରା ଦାୟିତ୍ୱ ନେଲା । ଘର ୱାରିଙ୍ଗ୍‌ଠାରୁ ଆରମ୍ଭ କରି ଯେତେ ପ୍ରକାର ବୈଦ୍ୟୁତିକ କାମ ଖୁବ୍ ଭଲ ଭାବରେ ସେ ସଜାଡ଼ି ପାରେ । ଷୋହଳ ବର୍ଷ ବୟସ ପର୍ଯ୍ୟନ୍ତ ଖାଲି ଦୋକାନ ନୁହେଁ, ଘର ଦାୟିତ୍ୱ ମଧ୍ୟ ସମ୍ଭାଳି ଥିଲା । ଏଥିପାଇଁ ଯାହା କିଛି ପାରିଶ୍ରମିକ ମିଳିଲେ ମଧ୍ୟ ସେ କେବେ ବି ନିଜ ପାଇଁ ରଖେନାହିଁ ।

ଜୀବନ ଯୁଦ୍ଧରେ ଜିତିବାର ସ୍ୱାଦ ନିଆରା । ସେ ସ୍ୱାଦ ଚାଖିଥିଲା ଝିଅଟି । ସହରରେ ରହୁଥିଲେ ମଧ୍ୟ ସେ ସରଳ, ଭଦ୍ର ଓ ଶାନ୍ତ । ଦେଖିଲେ ତା ଭିତରେ ଥିବା ଅସୀମ ଧୈର୍ଯ୍ୟକୁ ସହଜରେ ମାପି ହେବନି । "ସିଏ ଆଜି ଆମ ପାଇଁ ବୋଝ ନୁହେଁ, ଆମେ ତା ଉପରେ ବୋଝ । ସେ ନ ଥିଲେ ଆଜି ଆମ ପରିବାର ଅବସ୍ଥା କ'ଣ ହୋଇଥାନ୍ତା ବୋଲି କୋହଭରା କଣ୍ଠରେ ବାନାମ୍ବର ଓ ଶୈଳ କହନ୍ତି ।"

ସମାଜର ସବୁ ପ୍ରକାର ନୀତିନିୟମ ଓ ଆଇନକାନୁନ ସତ୍ତ୍ୱେ ଝିଅଟିଏ ଆଜି ବି ଆମ ରାଜ୍ୟରେ ଅବେହେଳିତ । ମା ଗର୍ଭ ଭିତରର ଅବସ୍ଥାଠାରୁ ନେଇ ମଶାଣିରେ ମରଣ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସେ ପୁରୁଷପ୍ରଧାନ ବ୍ୟବସ୍ଥାରେ ପାତର ଅନ୍ତରର ଶିକାର । ଏଭଳି ଝିଅମାନଙ୍କୁ ଦେଖିଲେ ସ୍ୱତଃ ପାଟିରୁ ବାହାରି ପଡ଼େ ଝିଅ ବି କିଛି କମ୍ ନୁହେଁ ।

**କୁମାରୀ ମାଳତୀ ମୁଣ୍ଡା**
ରାଙ୍କିଆ ଆଶ୍ରମ ସ୍କୁଲ

# ସେହି ଦିନର ଅଲିଭା ସ୍ମୃତି

ପ୍ରତ୍ୟେକ ମନୁଷ୍ୟର ଜୀବନରେ କିଛି ନା କିଛି ଘଟଣା ଘଟିଥାଏ । ଯେଉଁ ଘଟଣାକି ତାଙ୍କ ଜୀବନରେ ସ୍ମରଣୀୟ ହୋଇ ରହିଥାଏ । ସଦାସର୍ବଦା ମନର ସ୍ମୃତିରେ ଛାପି ହୋଇ ରହିଯାଏ । ଏହି ସ୍ମୃତି, ଜୀବନର ପ୍ରତି ମୁହୂର୍ତ୍ତରେ ମାନସ ପଟକୁ ଆନ୍ଦୋଳିତ କରିଥାଏ । ଯାହା ଭୁଲିଯିବା ଜଣେ ବ୍ୟକ୍ତି ପକ୍ଷରେ ଅସମ୍ଭବ ।

ଗତ ବର୍ଷ ନଭେମ୍ବର ମାସରେ ମା' ଚଣ୍ଡିପୀଠଙ୍କ କୋଳରେ ବରୁଣେଇ ପାହାଡ଼ର ପାଦଦେଶ ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଥିଲା "ସରଗିଫୁଲ" ଉତ୍ସବ । ଏହି "ସରଗିଫୁଲ" ଉତ୍ସବ ଅବସରରେ ମୁଁ ଯୋଗ ଦେଇଥାଏ । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ମିଳିଲା । ତେଣୁ ମନରେ ପୁଲକ ସଞ୍ଚାର ହେଲା । ମନରେ ଆତ୍ମଶକ୍ତି ସୁଦୃଢ଼ ହେବା ସହ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦିତା କରିବା ଲାଗି ଆଗ୍ରହ ପ୍ରକାଶ ପାଇଲା ଓ ମନରେ ଦୃଢ଼ ବିଶ୍ୱାସ ଆସିଲା । ତେଣୁ ଏହି ଦୃଢ଼ ମନୋବଳ ଜୀବନରେ ଚଲା ପଥକୁ ବଦଳାଇ ନେଇଥିଲା ।

ପ୍ରଥମ ଥର ପାଇଁ ଭୁବନେଶ୍ୱର ଭ୍ରମଣ ପାଇଁ ସୁଯୋଗ ପାଇଲି । ସେହିଦିନ ହୃଦୟର ମାନସ ପଟରେ ରଙ୍ଗ ବେରଙ୍ଗର ଛବି ପ୍ରକଟିତ ହେଉଥିଲା । ତିରିଶଟି ଜିଲ୍ଲାରୁ ବିଭିନ୍ନ ଭାଷାଭାଷୀ କୃତି ପ୍ରତିଯୋଗୀ ସହ ଶିକ୍ଷକମାନଙ୍କର ସମାବେଶ । ସେଠାରେ ପ୍ରତିଯୋଗିତାରେ ଜିତି ପାରିଲିନି ସିନା ଏହା ଚିରଦିନ ପାଇଁ ମନେ ରହିଗଲା । ଉନ୍ନତି କରିବା ପାଇଁ ବାଟ ଦେଖାଇଲା ।

**ଶ୍ରୀ ମାନସ କୁମାର ହେମ୍ବ୍ରମ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର





# ହସ କଥା



## ରୋଗୀ

ଡାକ୍ତର - ତୁମର କ'ଣ ହୋଇଛି ?
ରୋଗୀ - ମୋର ଝାଡ଼ା ହେଉଛି ।
ଡାକ୍ତର - କି ଝାଡ଼ା ?
ରୋଗୀ - ମୋର ରକ୍ତ ଝାଡ଼ା ହେଉଛି ।
ଡାକ୍ତର - କେତେ ଥର ଝାଡ଼ା ଯାଇଥିଲ ?
ରୋଗୀ - ୨୦ଥର ଯାଇଥିଲି ।
ଡାକ୍ତର - ତୁମକୁ ବଡ଼ ଟାବ୍ଲେଟ୍ ଖାଇବାକୁ ହେବ ।
ରୋଗୀ - ଡାକ୍ତର ବାବୁ, ମୋର ତଣ୍ଟି ଛିଣ୍ଡିବ ନାହିଁ ତ ?
ଡାକ୍ତର - ଛିଣ୍ଡିଲେ ଫୋପାଡ଼ି ଦେବ ।

## ଟିଚର୍

ମୁନା - ଟିଚରଙ୍କୁ ଭଲ ପାଇବା ଭାରି କଷ୍ଟ ।
କୁନା - କାହିଁକି ?
ମୁନା - ମୁଁ କାଲି ଏକ ଲେଟର ଦେଇଥିଲି ।
କୁନା - କ'ଣ ହେଲା ତା' ପରେ ?
ମୁନା - କ'ଣ ହେବ ଆଉ ? ଲେଟରରୁ ସାତଟି ଭୁଲ୍ ବାହାର କରି ଏକ ମାର୍କ ଦେଇଛନ୍ତି ।





## ଲଟେରି

ସ୍ୱାମୀ ସ୍ତ୍ରୀକୁ - ମୋର ଲଟେରି ଉଠିଲେ କ'ଣ କରିବ ?

ସ୍ତ୍ରୀ - ହବ ଆଉ କ'ଣ, ମୁଁ ଅଧା ନେଇ ବାପଘରକୁ ଚାଲିଯିବି, ତୁମେ ଅଧା ନେବ ।

ସ୍ୱାମୀ - ମୋର ୧୦୦ ଟଙ୍କା ଲଟେରି ଉଠିଛି । ତୁମେ ପଚାଶ ଟଙ୍କା ନିଅ । ଆଉ ମୋ ଜୀବନରୁ ଚାଲିଯାଅ ।

## ରାଜଧାନୀ

ବାପା ରାମକୁ- କହିଲୁ ପୁଅ - ଓଡ଼ିଶାର ରାଜଧାନୀର ନାମ କ'ଣ ?

ପୁଅ - ଢେଙ୍କାନାଳ

ବାପା - (ଚକୋଲେଟ୍ ଦେଇ) ଧନ୍ୟବାଦ୍ ।

ମାଆ - ଓଡ଼ିଶାର ରାଜଧାନୀ ନାମ ତ ସେ ଭୁଲ୍ କହିଲା । ତାକୁ ଚକୋଲେଟ୍ ଦେଇ ଧନ୍ୟବାଦ୍ କାହିଁକି ଦେଲ ?

ବାପା - ସୋମବାର ଦିନ କହିଲା ପାକିସ୍ଥାନ, ମଙ୍ଗଳବାର ଦିନ କହିଲା ତାଳଚେର, ଆଉ ଆଜି କହିଲା ଢେଙ୍କାନାଳ । ଭାବିଛି କାଲି କହିବ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ।

## ଖାଇବା ବେଳ

ରାଜୁ - ଟିକେ ଶୁଣ ।

ମିଙ୍କି - ଖାଇଲା ବେଳେ ପାଟି କରନ୍ତି ନାହିଁ, ଖାଇ ସାରିଲେ କହିବୁ ।

ରାଜୁ - ହଉ, ଠିକ୍ ଅଛି ।

ପିଙ୍କି - (ଖାଇ ସାରିବା ପରେ) ଏବେ କହ ।

ରାଜୁ - ତୋ' ଖାଇବା ପ୍ଲେଟ୍‌ରେ ଅସରପା ଥିଲା ।

**କୁମାରୀ ବିଷ୍ଣୁପ୍ରିୟା ବାସ୍କେ**
କସ୍ତୁରବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ଠକାମିର ପରିଣାମ

ଏକ ପୁଷ୍କରଣୀ ନିକଟରେ ଥିବା ବୃକ୍ଷରେ ବଗଟିଏ ବାସ କରୁଥିଲା । ପ୍ରତ୍ୟହ ବଗଟି ମୀନ ଭକ୍ଷଣ ନିମିତ୍ତ ପୁଷ୍କରଣୀର ଚତୁଃପାର୍ଶ୍ୱରେ ପାଣି କୂଳେ କୂଳେ ଘୂରିବୁଲେ । ମୀନଟିଏ ପାଇଲେ ମହା ଆନନ୍ଦରେ ଗିଳି ପକାଏ । ସୂର୍ଯ୍ୟାସ୍ତ ସମୟରେ ଏକ ଶୃଗାଳ ଆସି ସେହି ପାଣି କୂଳେ କୂଳେ କର୍କଟର ସନ୍ଧାନ କରେ । ପାଣି କୂଳରେ ଥିବା ବିଲରୁ କୌଣସି ଉପାୟରେ କର୍କଟକୁ ଉପରକୁ ଆଣି କଡ଼ମଡ଼ କରି ଖେବାଏ । ଦିନକର ଘଟଣା । କର୍କଟକୁ ଖେବାଇଥିବା ସମୟରେ କର୍କଟର ଖୋଳପା ବାହାରିଲା ନାହିଁ । ତେଣୁ ଶୃଗାଳଟି ବଗକୁ ଅନୁରୋଧ କରି କହିଲା - "ବକ ଭାଇ ! ମୋ ତଣ୍ଟିରୁ ଖୋଳପା ଖଣ୍ଡଟି ବାହାର କରିଦିଅ" । ବକଟି ଖୁସି ହୋଇ ତା'ର ଲମ୍ବା ଥଣ୍ଟ ଦ୍ୱାରା ଶୃଗାଳର ତଣ୍ଟିରୁ ଖୋଳାପାଟି ବାହାର କରିଦେଲା । ଶୃଗାଳଟି ଆଶ୍ୱସ୍ତି ଲାଭ କରି ପଳାଇ ଯିବାକୁ ଉଦ୍ୟତ ହେବାରୁ ବକଟି ଖୁସି ମନରେ ପୁରସ୍କାର ଜିଜ୍ଞାସା କଲା । ଶୃଗାଳ ବିଦ୍ରୁପ କରି କହିଲା - "ଛାର ବକ ହୋଇ ମୋ ପାଟିରେ ଥଣ୍ଟ ପୂରାଇଲୁ । ତାହା କ'ଣ ତୋ ପାଇଁ ପୁରସ୍କାର ହେଲା ନାହିଁ ।"

ଆଉ ଦିନକର ଘଟଣା । ଶୃଗାଳର ସେହି ସ୍ଥାନରେ ପୂର୍ବବତ୍ ଘଟଣା ଘଟିଲା । ଶୃଗାଳ ଆଉ ଯେତେ ଅନୁରୋଧ କଲେ ମଧ୍ୟ ବକଟି ଶୃଗାଳର କଥାକୁ କର୍ଣ୍ଣପାତ କଲାନାହିଁ । ଶେଷରେ ଶୃଗାଳ ମୃତ୍ୟୁବରଣ କଲା । ଶୃଗାଳଟି ତା'ର ଠକାମି ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଲା ।

ନୀତି ଶିକ୍ଷା - ଠକାମିର ଶେଷ ପରିଣତି ସର୍ବଦା ମନ୍ଦ ।

**ଶ୍ରୀ ରାଜେଶ କୁମାର ମୁଦୁଲି**
ମହାଖଳା ଆଶ୍ରମ ସ୍କୁଲ, ବଡ଼ଚଣା, ଯାଜପୁର





# ପହଲି

ଲହ ଲହକା ପତର ବଙ୍କା
ତା'ଫଳ ବିକିଲେ ବହୁତ ଟଙ୍କା । ଉ: (ଧାନ)
ଟୋପି ଖୋଲିଲେ କିଏ ଗ୍ଭଲେ ଉ: (କଲମ)
ହାତ ଅଛି - ଗୋଡ଼ ନାହିଁ
ନାହିଁ ତା'ର ମଥା
ମଣିଷକୁ ଗିଳିଦିଏ ବିଚିତ୍ର ଏ କଥା । ଉ : (ସାର୍ଟ)
ମା'ଠୁ ପୁଅ ହୋଇଲା ଜାତ
କ୍ଷୀର ନ ଖାଇ ଖାଇଲା ଭାତ
ମା'କୁ ଯଦି ପୁଅ ଛୁଇଁଲା
ପୁଅ ନ ରହି ଉଭାନ ହେଲା । ଉ : (ଲୁଣ)
ପିଲା ବେଳୁ ପିନ୍ଧେ ଚଢ଼ି ସିଏ
ବଡ଼ ହେଲେ କିନ୍ତୁ ଫିଙ୍ଗି ଦିଏ । ଉ : (ବାଉଁଶ)
ସକାଳୁ ଉଠିଲି
ଘର ଚାରିପଟେ ଘୂରି ଆସିଲି
କେହି କହିଲେନି ବସ ବୋଲି । ଉ : (ଝାଡୁ)
ଉପରୁ ପଡ଼ିଲା ବୁଢ଼ା ବ୍ରାହ୍ମଣ
ତା ଦେହ ଯାକ କଣ୍ଟା ବଣ । ଉ: (ପଣସ)
ଗୁମ୍ଫାରେ ପଶିଲା ସବୁଜ ଥାଇ
ବାହାରିଲା ନାଲି ହୋଇ । ଉ : (ପାନ)
ଘରେ ଅଛି ତାଙ୍କର କାଚ, କବାଟ
ସମୁଦାୟ ମିଶି ପନ୍ଦର ଜଣ
ତିନିଜଣ ସଦା କାମ କରନ୍ତି
ଆଉ ବାରଜଣ ଶୋଇଥାନ୍ତି । ଉ : (ଘଣ୍ଟା)

**କୁମାରୀ ମାମାମଣୀ ହେମ୍ବ୍ରମ୍**
କସ୍ତୁରିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ଯଜ୍ଞପୁର

ଯଜ୍ଞପୁର ନାମ ପରିବର୍ତ୍ତିତ ହୋଇ, ହୋଇଛି ଯାଜପୁର । ରାଜା ଯଯାତି କେଶରୀଙ୍କ ନାମାନୁସାରେ ଯାଜପୁର ଗଢ଼େ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା । କାଟିଲା ମୁଣ୍ଡ ରଖି ଉତ୍ତମେ ପାଳଇ ପରଜା । ବହୁ ପୂର୍ବେ କଳାପାହାଡ଼ ରୂପୀ ତସ୍କର ଆସିଥିଲା ଏ ଭୂମିକୁ । କିନ୍ତୁ ଏବେ ଯାଜପୁରରେ ମା'ଙ୍କ ଭକ୍ତ ସାଜି ଅନ୍ତରେ ରଖିଲେ ତସ୍କର ରୂପକୁ । ଯାଜପୁରରେ ଅଛି ବଣ ଜଙ୍ଗଲ, ଆଉ ପାହାଡ଼ ପର୍ବତ ଖଣି ଖାଦାନ । ଏହିଠାରେ ପୁଣି ନଦୀ ବହୁଳ ଆଉ କେନାଲ ଅଞ୍ଚଳ । ଦୁଃଖର କଥା ଏବେ କେବଳ ଲୁଣ୍ଠିତ ଖଣି, ଉଜୁଡ଼ା ବଣ ଜଙ୍ଗଲ ଓ ନଦୀର ପାଣି । ମା' ବିରଜା ସବୁ ଦେଖି ଜାଣିଶୁଣି ଚୁପ୍ ରହିଛି । ଠିକଣା ସମୟରେ ଜବାବ୍ ଦେବାକୁ ଠିକ୍ କରିଛି । ତା'ର ସେହି ଉଗ୍ରରୂପ ଧ୍ୱଂସ କରିବ ନଷ୍ଟକାରୀଙ୍କୁ, କରାଳରୂପୀ ରାକ୍ଷସମାନଙ୍କୁ ଉଡୁଅଛି କାଳ ଛଞ୍ଚାଣ, ସେମାନଙ୍କ ମନେ ନାହିଁକି ? ଦେବ ତାଙ୍କ ହାଇକୋର୍ଟ ହେବ ଛତିଆ ବଟ, ସବୁ ନଟଖଟ ବିଗ୍ଭର ହେବ ଶେଷରେ ହେବେ ଛଟପଟ ।

**ଶ୍ରୀ ଉଦାସ କୁମାର ମୁଦୁଲି**
ମହାଖଳା ଆଶ୍ରମ ସ୍କୁଲ, ବଡ଼ଚଣା, ଯାଜପୁର

# ହଳଦୀବସନ୍ତ ଓ ଠେକୁଆ

ଗୋଟିଏ ବଣରେ ଗୋଟିଏ ହଳଦୀବସନ୍ତ ରହୁଥିଲା । ତା'ର ଗୋଟିଏ ଠେକୁଆ ସାଙ୍ଗ ଥିଲା । ହଳଦୀବସନ୍ତ ସବୁଦିନ ଗାଁମାନଙ୍କୁ ଯାଇ ଖୁଦ କଣିକା ଆଣେ । ଖୁଦ କଣିକା ଖାଇ ମନ ଖୁସିରେ ରହୁଥିଲା । ଦୁଇ ସାଙ୍ଗ ମନ ଖୁସିରେ ବୁଲନ୍ତି । ଦିନେ ହଳଦୀବସନ୍ତ ରୋଗରେ ପଡ଼ିଲା । ଆଉ ବୁଲିବାକୁ ଯାଇ ପାରିଲା ନାହିଁ । ଠେକୁଆର ମନ ଭାରି ଦୁଃଖ ହେଲା । ସେ ଆସି ହଳଦିବସନ୍ତ ବସା ଆଗରେ ପହଞ୍ଚିଲା । ଦେଖିଲା ହଳଦୀବସନ୍ତ ରୋଗରେ ପଡ଼ି ଶୁଖିଯାଇଛି । ଠେକୁଆ କହିଲା ସାଙ୍ଗ ତୁମେ କିଛି ଖାଉନ କି ? ହଳଦୀବସନ୍ତ କହିଲା ଦେଖୁଛ ପରା ରୋଗରେ ପଡ଼ିଛି କୋଉଠୁଁ ଆଣିକି ଖାଇବି ? ଠେକୁଆ କହିଲା ମୁଁ ଗୋଟିଏ ବିସ୍କୁଟ୍ ଆଣିଛି ଆସ ତୁମକୁ ଖୁଆଇ ଦେବି । ହଳଦୀବସନ୍ତ ଖୁସି ମନରେ ଖାଇଲା । ତା'ପରେ ଠେକୁଆ ପଶୁ ଡାକ୍ତରଖାନାରୁ ଔଷଧ ଆଣି ତାକୁ ଖୁଆଇଲା । ହଳଦୀବସନ୍ତ ଆସ୍ତେ ଆସ୍ତେ ଭଲ ହୋଇଗଲା । ଠେକୁଆକୁ କୁଣ୍ଢାଇ ପକାଇ କହିଲା, ତୁମେ ମୋର ପ୍ରକୃତ ସାଙ୍ଗ । ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ । ସେ ଦୁହେଁ ଖୁସିରେ ଦିନ କାଟିଲେ ।

**ଶ୍ରୀ ପ୍ରିୟାଂଶୁ ମହାପାତ୍ର**
ଝୁମ୍ପୁଡ଼ିଆ ସେବାଶ୍ରମ

# କଷ୍ଟ କଲେ କୃଷ୍ଣ ମିଳେ

ଗୋଟିଏ ଲୋକର ତିନୋଟି ପୁଅ ଥିଲେ । ସବା ସାନ ପୁଅଟି ଅତି ସରଳ ପ୍ରକୃତିର ଥିଲା । ବାପାଙ୍କର ମୃତ୍ୟୁପରେ ସମ୍ପତ୍ତି ବଣ୍ଟା ହେବାବେଳେ ବଡ଼ ଦୁଇ ଭାଇ ଚାଲାକ୍ କରି ତାକୁ ଗୋଟିଏ ଅନାବାଦୀ ପଡ଼ିଆ ଜମି ଦେଇ ଦେଲେ । ସାନ ପୁଅ ଭାଗରେ ଯାହା ପଡ଼ିଲା ସେଥିରେ ସେ ସନ୍ତୁଷ୍ଟ ହୋଇ ସେହି ଜମିରେ ଲାଗିପଡ଼ି ଚାଷ କଲା । ଜମିରୁ ଫସଲ ଆମଦାନୀ କରିବା ପାଇଁ ବହୁତ ପରିଶ୍ରମ କଲା । ବଡ଼ ଦୁଇ ଭାଇ ତାଙ୍କର ଉର୍ବର ଜମିରୁ ନିଶ୍ଚିତ ଭାବେ ଭଲ ଫସଲ ହେବ ବୋଲି ଭାବି ଆଦୌ ଚେଷ୍ଟା କିମ୍ବା ଜମିରେ ପରିଶ୍ରମ କଲେ ନାହିଁ । କେବଳ ସାନ ଭାଇଟିର ପରିଶ୍ରମ ଦେଖି ତାକୁ ଥଟ୍ଟା କରିବାରେ ବ୍ୟସ୍ତ ରହିଲେ । ବର୍ଷ ଶେଷରେ ଦେଖିଲା ବେଳକୁ ସାନ ଭାଇଟିର ଅନାବାଦୀ ପଡ଼ିଆ ଜମିରୁ ବଡ଼ ଭାଇଙ୍କର ଉର୍ବର ଜମିଠାରୁ ବେଶି ଅଧିକ ପରିମାଣରେ ଫସଲ ଆମଦାନୀ ହେଲା । ଏହାଦେଖି ବଡ଼ ଦୁଇ ଭାଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ ।

**ଶ୍ରୀ ଅମ୍ବିକା ମହାନ୍ତି**
କାଳିକା ପ୍ରସାଦ ସେବାଶ୍ରମ

# ତିନି ସଙ୍ଗାତ

ବଣ ମୂଲକର ଏକ ଶୀତୁଆ ସକାଳ । ସକାଳ ସୂରୁଜର କଅଁଳ କିରଣ ବଣ ଭୂଇଁ ସାରା ବିଛେଇ ହୋଇ ପଡ଼ିଥାଏ । ପକ୍ଷୀମାନଙ୍କ କାକଳିରେ ଚତୁର୍ଦ୍ଦିଗ ମୁଖରିତ ହୋଇ ଉଠୁଥାଏ । ବୃକ୍ଷଲତାରେ ଫୁଟିଥାନ୍ତି ଅସୁମାରୀ ଫୁଲ । ମହୁମାଛିଟି ଗୁଣୁଗୁଣୁ ଗୀତ ଗାଇ ଏ ଫୁଲରୁ ସେ ଫୁଲ ଉଡ଼ି ବୁଲୁଥାଏ । ଗଛ ଡାଳରେ ବସିଥାଏ ଫୁଲଚୁଇଁ ଚଢ଼େଇଟିଏ । ଆଜି କାହିଁ ତା' ମନରେ ସରାଗ ନାହିଁ । ସତେ ଯେପରି କେଉଁ ଏକ ଅଜଣା ଦୁଃଖରେ ସେ ଭାଙ୍ଗି ପଡ଼ିଛି ।

ମହୁମାଛିର ଗୁଣୁ ଗୁଣୁ ଡାକରେ ସେ ଚମକି ପଡ଼ିଲା । "ଆଜି ତୋର କ'ଣ ହୋଇଛି ସାଙ୍ଗ ? ତୁ କାହିଁକି ଏତେ ଚିନ୍ତିତ ଜଣା ପଡୁଛୁ ? ତୁହେଁ ତ ସବୁଦିନ ସକାଳେ ଭେଟ ହୁଅନ୍ତି ଏଇ ଗଛ ଡାଳରେ କେତେ ସରାଗରେ ଫୁଲରୁ ଫୁଲ ଉଡ଼ି ବୁଲି ମହୁ ଶୋଷୁଥାନ୍ତି । ଆଜି କ'ଣ ତୋର ଦେହ ଅସୁସ୍ଥ ? ଆରେ ! କହନା ସାଙ୍ଗ, ତୋର କ'ଣ ହେଇଛି ?" ଫୁଲଚୁଇଁ କହିଲା, ନାଇଁରେ ମୋର କିଛି ହୋଇନି । ମୁଁ ସେଇ 'ଫୁଲ'ର ଦୁଃଖରେ ଭାଙ୍ଗିପଡ଼ିଛି । ଫୁଲ ! ଆରେ ସେ ତ ଆମର ନିତିଦିନିଆ ସାଙ୍ଗ, ତା'ର ପୁଣି କ'ଣ ହେଲା ?

ଏଇ ଦେଖୁନୁ ଆଗରେ ଯେଉଁ ବଡ଼ ଗଛଟା, କେତେ ଯେ ଫୁଲ ଫୁଟିଛି । ଗଲା କାଲିର ଘଟଣା ମୁଁ ଯାଉଥାଏ ସେଇ ଗଛ ପାଖକୁ । ଡାଳରୁ ଡାଳ ଉଡ଼ି ବୁଲି 'ଫୁଲ' ପାଖରେ ଯେତେବେଳେ ପହଁଞ୍ଚେ ଦେଖେ ତ 'ଫୁଲ' ମୁହଁରେ ହସ ନାହିଁ । ସେ ଯେମିତି ଆମକୁ ସବୁଦିନ ହସହସ ମୁହଁରେ ଆଖି ଠାରି ଡାକେ ଆଜି କିନ୍ତୁ ସେପରି ନୁହେଁ । ସତେ ଯେପରି କେଉଁ ଏକ ଅଜଣା ଭୟରେ ସେମାନେ ସମସ୍ତେ ଭାଙ୍ଗି ପଡ଼ିଛନ୍ତି ।

ପଚ୍ଚାରି ବୁଝନ୍ତେ, ଫୁଲ କହିଲା, "ଆଜି କେତେ ଲୋକ ଏଠାକୁ ଆସିଥିଲେ । ଆସନ୍ତାକାଲି, ସେମାନେ ମୋ ମା'କୁ ହାଣି ଦେବେ । ମା' ମରିଗଲେ, ଆମେ ତ ସବୁ ମରିଯିବୁ । ଆଜି ତୁମ ସହିତ ମୋର ଶେଷ ଦେଖା । ଯେତେ ପାରୁଛ ସେତେ ମହୁ ଶୋଷି ନିଅ ।" ଏତକ କହୁ କହୁ ତା' ଆଖିରୁ ଦି ଟୋପା ଲୁହ ଝରି ପଡ଼ିଲା । ମୋତେ ବି ବହୁତ ଦୁଃଖ ଲାଗିଲା । ମୁଁ ବି ବହୁତ କାନ୍ଦିଲି ।

ଦୁର୍ବଳ ଉପରେ ସବଳର ଅତ୍ୟାଚ୍ଚର । କେତେ ବା ସହିବା ଏ ମଣିଷ ଜାତିର ଅନ୍ୟାୟ । ଏ ମଣିଷଜାତିଟା ଭାରି ସ୍ୱାର୍ଥପର । ନିଜର ସ୍ୱାର୍ଥ ପାଇଁ ଅନ୍ୟର ସର୍ବନାଶ ଘଟାଇ ଥାଏ । ମଣିଷ ପାଇଁ ଏ ବୃକ୍ଷ କ'ଣ ନ କରିଛି । ତଥାପି ସେ ଅବିବେକି ପାଲଟି ଯାଇଛି ।

ଆଚ୍ଛା ! ଆମେ କ'ଣ ଫୁଲକୁ ସାହାଯ୍ୟ କରିପାରିବା ନି ? ତୋତେ ତ ଭଗବାନ ଆତ୍ମରକ୍ଷା ପାଇଁ ଯଥେଷ୍ଟ ଶକ୍ତି ଦେଇଛନ୍ତି । ତୁ ବିନ୍ଧି ଦେଲେ ମଣିଷ ଯନ୍ତ୍ରଣାରେ ଛଟପଟ ହୋଇଯାଏ । କଥାରେ ଅଛି - 'ପରୋପକାରାୟ ସ୍ୱର୍ଗାୟ' । ଅନ୍ୟ ପାଇଁ ତ ଜୀବନ । ଅନ୍ୟର ଉପକାର ପାଇଁ କାର୍ଯ୍ୟ କଲେ ଭଗବାନ ଆମ ଉପରେ ସନ୍ତୁଷ୍ଟ ହେବେ । ଆଉ ଫୁଲ ତ ଆମର ସାଙ୍ଗ । ତା' ପାଇଁ ଯଦି ଜୀବନ ଦେବାକୁ ହୁଏ, ଆମେ ପଛେଇବା ନାହିଁ । ଫୁଲଚୁଇଁର କଥା ମହୁମାଛି ମନକୁ ବେଶ ପାଇଲା । ସେ ତା'ର ସାଙ୍ଗମାନଙ୍କୁ ଏକଜୁଟ୍ କରି ଜଗି ରହିଲା । ସ୍ୱାର୍ଥପର ମଣିଷକୁ ପାନେ ଦେବା ପାଇଁ । କାହିଁକି ନା ଆଗରୁ ତା'ର ମଣିଷ ଉପରେ ଖୁବ୍ ରାଗ ଥିଲା । ତା'ର ସଞ୍ଚିତ ମହୁକୁ ସେ ଚୋରି କରି


ନେଇଯାଏ । ଆଜି ସେ ତା'ର ପୂର୍ବରାଗ ଶୁଝାଇବ ।

ଗଛ କଟାଳିମାନେ ଟାଙ୍ଗିଆ ଧରି ଆସି ଗଛ ପାଖରେ ପହଞ୍ଚିଗଲେ । ଗଛଟିର କରୁଣ ଗୁହାଁରି ଓ ଫୁଲମାନଙ୍କ ଆଖିର ଲୁହକୁ ଏ ନିର୍ଦ୍ଦୟ ମଣିଷ ଅନୁଭବ କରି ପାରୁନଥାଏ । ପ୍ରଥମ ଚୋଟରେ ଗଛର ଚିତ୍କାର ଓ ଫୁଲଚୁଇଁ ଚଢ଼େଇର ବିକଳ ଡାକ ମହୁମାଛି ମାନଙ୍କର ରାଗକୁ ବଢ଼ାଇ ଦେଲା । ସଦଳବଳେ କାଠୁରିଆମାନଙ୍କୁ ଆକ୍ରମଣ କରି ଅସ୍ତବ୍ୟସ୍ତକରି ପକାଇଲେ ମହୁମାଛିଦଳ । ଯନ୍ତ୍ରଣାରେ ଛଟପଟ ହୋଇ ଜୀବନ ବିକଳରେ ମଣିଷଗୁଡ଼ାକ ଏଣେତେଣେ ଦୌଡୁଥାନ୍ତି । ଗୋଡ଼ାଇ ଗୋଡ଼ାଇ ମହୁମାଛିମାନେ ସେମାନଙ୍କୁ ବିନ୍ଧି ପକାଉଥାନ୍ତି । ଗଛ ଡ଼ାଳରେ ଫୁଲଚୁଇଁ ଓ ଫୁଲମାନେ ଏ ସବୁ ଦେଖି ଆନନ୍ଦରେ ନାଚି ଉଠୁଥାନ୍ତି । ଶେଷରେ ଜୀବନ ଧରି କାଠୁରିଆମାନେ ଘରକୁ ପଳାଇଗଲେ ।

ଫୁଲ ମୁହଁରେ ହସ ଫୁଟି ଉଠିଲା । ତିନି ସାଙ୍ଗ ଆନନ୍ଦରେ ନାଚି ଗାଇ ଉଠିଲେ -

ତୁ ବି ଛୋଟ ମୁଁ ବି ଛୋଟ
ଏଇ ବଣ ଭୂଇଁରେ,
ଆମ ଜୀବନ ବନ୍ଧା ହୋଇଛି
ଗୋଟିଏ ଡୋରରେ
ମୁଁ ତୋରି ପାଇଁ ତୁ ମୋରି ପାଇଁ
ହସି ହସାଇ ବଞ୍ଚିବା ଆମେ
ଗୋଟିଏ ସୁରେ ।

**ଶ୍ରୀ ଅଜୟ କୁମାର ପ୍ରଧାନ**
ପ୍ର.ସେ., ରଘୁନାଥପୁର ସେବାଶ୍ରମ



# ବୁଦ୍ଧି ଥିଲେ ଉପାୟ ଆସେ

ନଈ କୂଳରେ, ଝଙ୍କାଳିଆ ଜାମୁଗଛଟିଏ । ଠେକୁଆଟିଏ ଯାଇ ସେଇଠି ଥକ୍କା ମାରି ବସିଲା । ନଈଘାଟକୁ ଦେଖିଲା - ଚିତା ବାଘ ପାଣି ପିଉଛି । ଛାତି ତାର, ଥରି ଉଠିଲା । ପ୍ରାଣ ଭୟରେ ଧୀରେ ଧୀରେ ଜାମୁ ଗଛ ମୂଳେ ଲୁଚି ରହିଲା । କିଛି ସମୟ ପରେ ଚିତାବାଘ ପାଣି ପିଇ ଚାଲିଗଲା । ଠେକୁଆଟି ଜାମୁଗଛ ମୂଳରୁ ବାହାରି ଚାରି ଆଡ଼କୁ ଚାହିଁଲା । କେହି କୁଆଡ଼େ ନାହାନ୍ତି । ପାଣି ପିଇବାକୁ ଘାଟି ଆଡ଼କୁ ଆଗେଇ ଗଲା । ମନ ଶାନ୍ତିରେ ପେଟେ ପାଣି ପିଇ ଦୀର୍ଘ ନିଶ୍ୱାସଟିଏ ନେଲା । ଜାମୁଗଛ ମୂଳେ ଥାଇ ବିଲୁଆଟିଏ ଠେକୁଆକୁ ଚାହିଁଥାଏ । ମନ ତା'ର କୁଣ୍ଡେ ମୋଟେ । ବହୁଦିନ ହେଲା ଠେକୁଆ ମାଂସ ପାଟିରେ ବାଜିନି । ଆଜି ମନ ଶାନ୍ତିରେ ଖାଇବାକୁ ମିଳିବ । ଏହି କଥା ଭାବି ଭାବି ବିଲୁଆ ଯାଇ ପହଞ୍ଚିଲା ଠେକୁଆ ପାଖରେ । ଏତେ ପାଖରେ ବିଲୁଆକୁ ଦେଖି ଠେକୁଆ ପ୍ରମାଦ ଗଣିବାକୁ ଲାଗିଲା । କେବଳ ଜଳ ଜଳ ହୋଇ ବିଲୁଆକୁ ଚାହିଁ ରହିଲା ।

ଠେକୁଆର ଜଳକା ମୁହଁକୁ ଚାହିଁ ବିଲୁଆ ଦାନ୍ତକୁ ଦେଖାଇ କହିଲା - କିରେ, ଏମିତି କ'ଣ ଚାହିଁ ରହିଛୁ ? ତୋର, ଟିକିଏ ହେଲେ ଭୟ ନାହିଁ ? ଅଳ୍ପ ସମୟ ପରେ ମୋ ପେଟକୁ ଯିବୁ । ଭଲରେ ଦୁଇ ପଦ କଥା କହି ଯା । ବିଲୁଆର କଥା ଶୁଣି ଠେକୁଆ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା - ନନା, ନମସ୍କାର । ମୁଁ ଭାବୁଥିଲି ଯେ ଏହି ସମୟରେ ତୁମେ ଏଠାକୁ କାହିଁକି ଆସିଲ ? ତୁମ ଭଲ ପାଇଁ ଚିନ୍ତା କରୁଥିଲି । ତେଣୁ ନମସ୍କାର କରିବାରେ ଟିକେ ବିଳମ୍ବ ହୋଇଗଲା ।

କିରେ, ମୁଁ ଏଠାକୁ ଆସିବାରେ କି ଅସୁବିଧା ହେଲା ? ମୋ ପାଇଁ ପୁଣି ତୁ କି ଚିନ୍ତା କରୁଛୁ ? ବିଲୁଆ ଠେକୁଆକୁ ଚାହିଁଲା । ନନା ଆଗପଛ, ତଳକୁ ଟିକିଏ ଚାହିଁ ଦେଖ । କାହାର ପାଦ ଚିହ୍ନ ପଡ଼ିଛି । ତୁମ ଆସିବା ଆଗରୁ ଚିତା ସେନାପତି ଏଠାକୁ ଆସିଥିଲେ । ବାଘ ରାଜାଙ୍କ ଦେହ କୁଆଡ଼େ ଭାରି ଅସୁସ୍ଥ । ତୁମ ଜାତି ଭାଇ ବୁଢ଼ା ବିଲୁଆ ଉପଦେଶ ଦେଇଛି - ଟୋକା ବିଲୁଆର କଲିଜା ଯଦି ମହାରାଜା ଖାଇବେ, ତେବେ ଖୁବ୍ ଶୀଘ୍ର ସେ ଭଲ ହୋଇଯିବେ । ସେନାପତି ମୋତେ କହିଛନ୍ତି, ତୁ ଟୋକା ବିଲୁଆ ଦେଖିଲେ ମୋତେ ଡାକିଦେବୁ । ମୁଁ ଏଇ ପାଖରେ ଅଛି । ଠେକୁଆର କଥା ଶୁଣି ବିଲୁଆ ଦେଖିଲା ସତରେ, ଚିତାବାଘର ପାଦ ଚିହ୍ନ ପଡ଼ିଛି । ଭୟରେ ତା'ଛାତି ଥରି ଉଠିଲା । ଚାରି ଆଡ଼କୁ ଚାହିଁ କହିଲା - ଠେକୁଆ ଭାଇ, ମୁଁ ଚାଲିଲି । ମୁଁ ଆସିବା କଥା ଚିତା ସେନାପତିଙ୍କୁ କହିବୁ ନାହିଁ । ତୁ ସତ କଥା କହି ମୋ ଜୀବନ ରକ୍ଷିଥିବାରୁ ଧନ୍ୟବାଦ । ବିଲୁଆ ପ୍ରାଣ ବିକଳରେ ଧାଇଁଲା ଯେ ଧାଇଁଲା । ଠେକୁଆ ମନ ଖୁସିରେ ଡେଇଁ ଡେଇଁ ବସାକୁ ବାହୁଡ଼ିଲା ।

ମୋ ଗପଟି ସରିଲା ଫୁଲ ଗଛଟି ମରିଲା ।

**ତୁଳସା ମୁଦୁଲି**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, ବୈପାରିଗୁଡ଼ା

# ଜହ୍ନମାମୁର ଚିଠି

ସଞ୍ଜ ନଇଁଗଲାଣି । ଆଜି ପୂନେଇଁ ରାତି । ସବୁ ପଶୁପକ୍ଷୀଙ୍କ ମନ ବଡ଼ ଖୁସି । ଆକାଶରେ ରୁପାଥାଳି ପରି ଗୋଲ ଜହ୍ନ ମାମୁ ହସିବ । ତା'ର ରୁପେଲି କିରଣରେ ବଣ ଭୂଇଁ ଝଟକି ଉଠିବ । ଜହ୍ନ ଆଲୁଅରେ ସେମାନେ ନାଚିବେ କୁଦିବେ । ମାସକେ ଥରେ ପୂନେଇଁ ଆସେ । ବଣ ରାଇଜର ପଶୁପକ୍ଷୀମାନେ ଏଇ ଦିନଟିକୁ ବଡ଼ ସରାଗରେ ଅପେକ୍ଷା କରିଥାଆନ୍ତି । ଯଦି ଆକାଶରେ ମେଘ ନ ଥିବ ତା'ହେଲେ ତାଙ୍କ ରାଇଜ ଜହ୍ନ ଆଲୁଅରେ ଝଲମଲ ହେବା ମନଭରି ଦେଖିବେ । ହେଲେ ଆଜି କ'ଣ ହୋଇଛି କେଜାଣି ଜହ୍ନମାମୁ ଆକାଶରେ ଗୋଲ ହୋଇ ଝଲସୁନାହିଁ । ଦାଆଭଳି ଧାରଟିଏ ହୋଇ ତ ପୂନେଇଁ ଜହ୍ନମାମୁ ଏମିତି ରୋଗିଣା ହେଲା କାହିଁକି ?

ସମସ୍ତେ ମନ ଦୁଃଖରେ ବସିଛନ୍ତି । ରାତି ବଢୁଛି । ଜହ୍ନଟା ଟିକିଏ ଟିକିଏ ହସୁଛି । ହେଲେ ଏଇ ତ ପୂନେଇଁ ଜହ୍ନ ନୁହେଁ । ହାତୀ, ଜିରାଫ, ହରିଣ, ଠେକୁଆ, ବିଲୁଆ ସମସ୍ତେ ଜହ୍ନକୁ ଅନେଇ ବସିଛନ୍ତି ।

ଏଇ ସମୟରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସେମାନେ ଦେଖିଲେ । ଦେଖିଲେ ଜହ୍ନମାମୁ ଟିକିଏ ଟିକିଏ ବଢୁଛି । ଆଉ ଅଧିକ ଆଲୁଅ ହେଉଛି । ମାତ୍ର ସଞ୍ଜ ହେଉ ହେଉ ତ ହସି ଉଠେ । ଆଜି ଏମିତି କାହିଁ ହେଉଛି କେଜାଣି ? କ୍ରମେ ରାତି ଅଧିକ ହେଲା । ଜହ୍ନମାମୁଟା ଡେଇଁ ପଡ଼ିଲା ଆକାଶ ରାଇଜକୁ । ପୂରା ଗୋଲା ହୋଇ କିରଣ ବି ଛାଡ଼ି ଦେଲା ବଣରାଇଜ ସାରା ।

ସବୁ ପଶୁଙ୍କ ଭିତରେ ଆନନ୍ଦର ଲହରୀ ଖେଳିଗଲା । ଜହ୍ନ ଆଲୁଅରେ ସେମାନେ ନାଚିଲେ ଆଉ କୁଦିଲେ । ହେଲେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ । ଆଜି ତ ପୂନେଇଁ । ଏତେ ବେଳଯାଏ ଜହ୍ନମାମୁ ଆଲୁଅକୁ ଏପରି ଲୁଚାଇ ରଖିଥିଲା କାହିଁକି ? ସମସ୍ତେ ଜହ୍ନମାମୁକୁ ଏକଥା ପଚାରିଲେ । ଜହ୍ନମାମୁ ତା'ର କିରଣରେ ଗଛର ପତରରେ ସବୁ କଥା ଲେଖିଦେଲା । ଜଙ୍ଗଲ ମନ୍ତ୍ରୀ ଗଧିଆ ଏହିକଥାଟିକୁ ପଢ଼ି ସମସ୍ତଙ୍କୁ ବୁଝାଇ ଦେଲା ଜହ୍ନମାମୁର ନିଜର ଆଲୁଅ ନାହିଁ । ସେ ସୂର୍ଯ୍ୟଙ୍କଠାରୁ ଆଲୁଅ ଆଣି ପୃଥିବୀକୁ ଦିଏ । ସୂର୍ଯ୍ୟଦେବତା ଗୋଟିଏ ଜାଗାରେ ସ୍ଥିର ହୋଇଥାଆନ୍ତି । ତାଙ୍କ ଚାରିପାଖେ ପୃଥିବୀ ବୁଲୁଥାଏ । ଜହ୍ନମାମୁ ମଧ ପୃଥିବୀ ଚାରିପାଟେ ଘୁରିବା ସହ ସୂର୍ଯ୍ୟଙ୍କ ଚାରିପଟେ ଘୁରିଥାଏ । ଘୂରି ବୁଲିଲା ବେଳେ ସୂର୍ଯ୍ୟ ତାକୁ ଯେତିକି ଆଲୁଅ ଦିଅନ୍ତି ସେ ସେତିକି ଉଜ୍ଜ୍ୱଳ ହୋଇ ଦେଖାଯାଏ । ମାତ୍ର ପୂନେଇଁ ଦିନ ତା'ର ଗୋଟିଏ ଫାଳ ପୂରା ଆଲୋକ ପାଏ ଓ ସେ ଥାଳିପଟ ପରି ଗୋଲ ହୋଇଥାଏ । ସେଦିନ ତା ଆଲୁଅରେ ସମସ୍ତଙ୍କୁ ଝଲସାଇ ଦିଏ । ହେଲେ ଆଜିର ପୂନେଇଁଟା ଅଲଗା ଥିଲା । ପୃଥିବୀଟା ସୂର୍ଯ୍ୟ ଓ ଜହ୍ନମାମୁ ମଝିରେ ଏକ ସିଧାରେ ରହିଗଲା । ସୂର୍ଯ୍ୟଙ୍କ ଆଲୁଅ ପୃଥିବୀକୁ

ଟପି ଆସି ପାରିଲା ନାହିଁ କାରଣ ତୁମେ ତ ଜାଣିଛ ପୃଥିବୀଟା ଅସ୍ୱଚ୍ଛ ପଦାର୍ଥ ! ଫଳରେ ପୃଥିବୀ ପଛପଟକୁ ଛାଇ କରିଦେଲା । ଜହ୍ନମାମୁ ସେଇ ଛାଇରେ ରହିଗଲା । ଏହିପରି ହେବାକୁ ମଣିଷମାନେ କହନ୍ତି ଗ୍ରହଣ ଲାଗିଲା । ଏମିତି ବେଳେ ବେଳେ ହୋଇଥାଏ । ଆଜି ସେହି ଗ୍ରହଣ ଲାଗିଥିଲା । ଜହ୍ନମାମୁର ଯେତିକି ଅଂଶ ପୃଥିବୀ ଛାଇରେ ରହିଥିଲା ତାହା ଆଉ ସୂର୍ଯ୍ୟଙ୍କ ଆଲୁଅ ପାଇପାରିଲା ନାହିଁ । ତେଣୁ ସେଠାରୁ ଆଲୁଅ ଆସୁ ନଥିଲା । ପୂନେଇଁ ହେଲେ ବି ସେ ଥାଳିପଟ ପରି ଗୋଲ ହୋଇ ଝିଲିମିଲି ଆଲୁଅ ଦେଇପାରିଲା ନାହିଁ । ପୃଥିବୀ ତ ଗୋଟିଏ ନିର୍ଦ୍ଦିଷ୍ଟ ବାଟରେ ସୂର୍ଯ୍ୟଙ୍କ ଚାରିପଟେ ଘୂରୁଛି । ତେଣୁ ସେ ଧୀରେ ଧୀରେ ଘୂରିଗଲା । ତା' ଛାଇ ଆଉ ଜହ୍ନମାମୁ ଉପରେ ପଡ଼ିଲା ନାହିଁ । ତେଣୁ ଛାଇରୁ ବାହାରି ଗୋଲଗାଲ ଜହ୍ନମାମୁ ସୂର୍ଯ୍ୟଙ୍କ କିରଣ ପାଇ ହସିଉଠିଲା । ଆଉ ଢାଳିଦେଲା ତା'ର ରୁପେଲି କିରଣକୁ । ଜହ୍ନମାମୁର ଏ ଚିଠିରୁ ପଶୁପକ୍ଷୀମାନେ ବୁଝିଲେ ଆଜି ଗ୍ରହଣ ଲାଗିଥିଲା । ତେଣୁ ଏପରି ହେଲା ।

**ହେମଲତା ଶ୍ରୀକରଲିନି**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



# ନିଜ ଗୁଣର ବିକାଶ

ଥରେ ସବୁ ପ୍ରାଣୀ ଓ ଅନ୍ୟ ଜୀବଜନ୍ତୁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟକୁ ଯାଇ ତାଙ୍କୁ କହିଲେ - ହେ ପିତାମହ । ଆପଣ ଆମର ଅଭିଯୋଗ ଶୁଣନ୍ତୁ ।

ଗଧ ବ୍ରହ୍ମାଙ୍କୁ କହିଲା - "ହେ ପ୍ରଭୁ, ଆପଣଙ୍କ ସୃଷ୍ଟିରେ ପକ୍ଷପାତ ଦେଖାଯାଏ । ତେଣୁ ଏଠାରେ ପ୍ରାଣୀମାନଙ୍କ ମଧ୍ୟରେ ଖାଦ୍ୟ ଖାଦକ ଭାବ ରହିଛି । ଅନ୍ୟ ପକ୍ଷରେ ସେମାନଙ୍କ ମଧ୍ୟରେ କେତେକ ବୁଦ୍ଧିଆ ଓ ଅନ୍ୟ କେତେକ ମୂର୍ଖ ବୋଲି ଲୋକମାନେ କହନ୍ତି । ବିଲୁଆ ବୁଦ୍ଧିଆ ବୋଲି ଧାରଣା ରହିଛି । ଲୋକମାନେ ମୋତେ ବୁଦ୍ଧିହୀନ ମନେ କରନ୍ତି । ସେମାନେ ଭାର ବହିବା କାର୍ଯ୍ୟରେ ମୋତେ ନିୟୋଜିତ କରନ୍ତି । ଆପଣ ମୋତେ ଚତୁର କରନ୍ତୁ । ମୋର ଗୁଣଗୁଡ଼ିକୁ ବିଲୁଆକୁ ଦିଅନ୍ତୁ ।"

ତା' ପରେ କୁଆ କହିଲା -"ମୁଁ ଲୋକମାନଙ୍କର ସେବା କରେ । କା.....କା....ରାବ କରି ରାତି ସରିଲା ବୋଲି ଲୋକମାନଙ୍କୁ ଉଠାଏ । କିନ୍ତୁ ମୁଁ ଉପକାର କଲେ ମଧ୍ୟ ଲୋକମାନେ ମୋତେ ଘୃଣା କରନ୍ତି ଏବଂ କୋଇଲିକୁ ପ୍ରଶଂସା କରନ୍ତି । କୋଇଲିର ସ୍ୱର ମଧୁର କିନ୍ତୁ ମୋର ସ୍ୱର କର୍କଶ । ଏଣୁ ମୋର କଣ୍ଠକୁ ମଧୁର ଓ କୋଇଲିର ସ୍ୱରକୁ କର୍କଶ କରନ୍ତୁ ।

କୁକୁର କହିଲା - " ହେ ପ୍ରଭୁ । ମୋତେ ଲୋକମାନେ ନିକୃଷ୍ଟ ଜୀବ ବୋଲି ମନେ କରିଥାନ୍ତି । ଅଇଁଠା ଅମେଧ ଖାଇବା ଦ୍ୱାରା ମୋତେ ସେମାନେ ଅଛୁଆଁ ବୋଲି ମନେ କରନ୍ତି । କିନ୍ତୁ ଅଇଁଠା ଖାଉଥିଲେ ମଧ୍ୟ ବିରାଡ଼ିକୁ ସେମାନେ ଘୃଣା କରନ୍ତି ନାହିଁ, ଏଣୁ ମୋତେ ବିରାଡ଼ି କରି ଦିଅ ।"

ତା'ପରେ ବେଙ୍ଗ କହିଲା - "ହେ ଭଗବାନ୍ ସବୁ ପ୍ରାଣୀ ମୋ ଉପରେ ନିର୍ଦ୍ଦୟ ଅତ୍ୟାଚାର କରୁଛନ୍ତି । ସାପ ସହଜରେ ମୋତେ ଖାଇଦିଏ । ତା' ପାଖରୁ ପଳାଇଯିବାକୁ ମଧ୍ୟ ଆପଣ ମୋତେ ଶକ୍ତି ଦେଇ ନାହାନ୍ତି । ବିଜ୍ଞାନ ଛାତ୍ରମାନେ ମୋତେ କାଟନ୍ତି । ଏଣୁ ମୋ ଶରୀରକୁ ବଡ଼ କରି ଦିଅନ୍ତୁ ।

ତା'ପରେ ବିଷବୃକ୍ଷ କହିଲା - "ମୋର ସବୁ ଅଙ୍ଗରେ ବିଷ ଅଛି । ଏଣୁ ମୋତେ ଜନ୍ମ ହେବା ଦେଖି ଲୋକମାନେ ସମୂଳେ ବିନାଶ କରିଥାନ୍ତି । କିନ୍ତୁ ସମସ୍ତେ ତୁଳସୀକୁ ପୂଜା କରନ୍ତି ।"

ଏହିଭଳି ସମସ୍ତେ ଅନ୍ୟ ଗୁଣକୁ ପ୍ରଶଂସା କରି କରି ନିଜ ଗୁଣ ବିଷୟରେ ଅସନ୍ତୋଷ ଓ ଅସହିଷ୍ଣୁତା ପ୍ରକଟ କଲେ । ତାହା ଶୁଣି ବ୍ରହ୍ମା କହିଲେ - "ଆପଣମାନଙ୍କର ମନସ୍କାମନା ପୂରଣ କରିବା ପାଇଁ ମୁଁ ଅସମର୍ଥ । ସମସ୍ତେ ବିଷ୍ଣୁଙ୍କ ନିକଟକୁ ଯିବା ।

ତା'ପରେ ସମସ୍ତେ ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଓ ନିଜର ଅଭିଯୋଗ ଶୁଣାଇଲେ । ସମସ୍ତ ଘଟଣା ଶୁଣି ଭଗବାନ ବିଷ୍ଣୁ କହିଲେ - " ପ୍ରକୃତିର ନିୟମ ଅନୁଯାୟୀ ଆପଣମାନେ ସମସ୍ତେ ସୃଷ୍ଟି ହୋଇଛନ୍ତି । ସେହି ଭଳି ରହନ୍ତୁ ।

ସମସ୍ତେ ଏକ ସ୍ୱରରେ କହିଲେ -"ଯଦି ଆମ୍ଭେମାନେ ଯେପରି ଇଚ୍ଛା କରୁଛୁ ସେପରି ପରିବର୍ତ୍ତନ ନ କରିବେ ତେବେ ମର୍ତ୍ତ୍ୟ ମଣ୍ଡଳକୁ ଯିବୁ ନାହିଁ ।"

ଏପରି ଔଦ୍ଧତ୍ୟପୂର୍ଣ୍ଣ କଥା ଶୁଣି ବିଷ୍ଣୁ କହିଲେ - "ହେଉ, ଆପଣମାନେ ଯେପରି ଇଚ୍ଛା କରୁଛନ୍ତି ସେପରି କରିବି । ବର୍ତ୍ତମାନ ଯା'ନ୍ତୁ ବୋଲି

କହିଲେ । ସେମାନେ ସମସ୍ତେ ସନ୍ତୁଷ୍ଟ ହୋଇ ମର୍ତ୍ତ୍ୟ ଲୋକକୁ ଆସିଲେ ।

ତା'ପରେ ମର୍ତ୍ତ୍ୟବାସୀ ଅନୁଭବ କଲେ ଯେ, କୁଆମାନେ କୋଇଲିମାନଙ୍କ ପରି ଗାଉଛନ୍ତି । ଗଧଗୁଡ଼ିକ ବିଲୁଆ ପରି ଶବ୍ଦ କରୁଛନ୍ତି । କୁକୁରମାନଙ୍କଠାରେ ବିଲେଇ ଗୁଣ ଦେଖାଯାଉଛି । ବଡ଼ ବେଙ୍ଗମାନଙ୍କୁ ଦେଖି ସାପମାନେ ଡରି ପଳାଉଛନ୍ତି । ଯିଏ ତୁଳସୀକୁ ଛୁଉଁଛି ସେ କୁଣ୍ଡାଇ ହେବା ଅନୁଭବ କରୁଛି । ନିମ୍ବଗଛଗୁଡ଼ିକ ମିଠା ହୋଇଯାଇଛି ।

ଏପରି ବ୍ୟତିକ୍ରମ ଦେଖି ମର୍ତ୍ତ୍ୟମଣ୍ଡଳବାସୀ ବିସ୍ମିତ ଏବଂ ଭୟଭୀତ ହେଲେ । ପରିବର୍ତ୍ତନକୁ ସହିବାକୁ ସେମାନେ ପ୍ରସ୍ତୁତ ନଥିଲେ । ସେମାନେ ଚିନ୍ତା କଲେ ଯେ, ପ୍ରଳୟ କାଳ ନିକଟ ହେଲା । ସେମାନେ ଭଗବାନଙ୍କୁ ପ୍ରାର୍ଥନା କଲେ - "ହେ ଭଗବାନ ଏହି ବିପଦରୁ ଆମକୁ ରକ୍ଷା କରନ୍ତୁ । ଅନ୍ୟ ଗୁଣ ପ୍ରଦର୍ଶିତ ପ୍ରାଣୀ, ଗଛ ଓ ଶସ୍ୟ ଗୁଡ଼ିକୁ ସେମାନେ ସର୍ବ ତୋ ଭାବେ ତିରସ୍କାର କଲେ ।

ଏହିଭଳି ଲୋକମାନଙ୍କର ଅନାଦର ପାତ୍ର ହୋଇ ବିଫଳ ମନୋରଥ ସମସ୍ତେ ପୁଣି ବିଷ୍ଣୁଙ୍କ ନିକଟକୁ ଯାଇ ଜଣାଇଲେ - "ହେ, ଭଗବାନ, ଆମ ଅପରାଧକୁ କ୍ଷମା କରନ୍ତୁ । ଆମକୁ ପୂର୍ବଗୁଣ ଦିଅନ୍ତୁ । ଆମ୍ଭେମାନେ ସୃଷ୍ଟିର ନିୟମ ପାଳନ କରି ପୂର୍ବଭଳି ବଞ୍ଚି ରହିବୁ ।

ଏହା ଶୁଣି ଦୟାଳୁ ବିଷ୍ଣୁ କହିଲେ - "ସମତା ରକ୍ଷା ସୃଷ୍ଟିର ଧର୍ମ । ଗୁଣ କର୍ମ ଅନୁଯାୟୀ ଆପଣମାନେ ସବୁ ସୃଷ୍ଟି ହୋଇଛନ୍ତି । ବର୍ତ୍ତମାନ ମର୍ତ୍ତ୍ୟ ଲୋକକୁ ଯାଆନ୍ତୁ । ନିଜ ଗୁଣରେ ବଳୀୟାନ୍ ହୋଇ ସୃଷ୍ଟି ପ୍ରକ୍ରିୟାରେ ସାହାଯ୍ୟ କରନ୍ତୁ । ସମସ୍ତେ ମଧ୍ୟ ସନ୍ତୁଷ୍ଟ ହୋଇ ପୃଥିବୀ ଆସିଲେ । ସୃଷ୍ଟି ପ୍ରକ୍ରିୟାରେ ନିଜକୁ ନିୟୋଜିତ କଲେ ।

**ଚନ୍ଦ୍ରମା ମୁଦୁଲି**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ, କୋରାପୁଟ

# କୁକୁର ଲାଙ୍ଗୁଡ଼ ବଙ୍କା

ବଣ ରାଇଜରେ ସିଂହ ରାଜା । ଜଙ୍ଗଲ ମଝିରେ ପାହାଡ଼ ଖୋଲରେ ଥିବା ବଡ଼ ଗୁମ୍ଫା ହେଉଛି ତା'ର ଉଆସ । ବାଘ ମନ୍ତ୍ରୀ, ହାତୀ ସେନାପତି, ଭାଲୁ କଟୁଆଳ, ସାଙ୍ଗରେ କୁକୁର ମଧ୍ୟ ଦ୍ୱାରପାଳ କାମ କରନ୍ତି । ଏଣୁ ରାଜ୍ୟ ଠିକ୍‌ରେ ଚାଲେ । କୁକୁର ଉଆସ ଜଗେ । ଉଆସକୁ ଆସୁଥିବା ସୁସ୍ୱାଦୁ ଖାଦ୍ୟ ତା' ଭାଗରେ ପଡ଼େ । ଏଣୁ କୁକୁରର ଚେହେରାରେ ବହୁ ପରିବର୍ତ୍ତନ ହେଲାଣି । କିନ୍ତୁ କୁକୁରର ବଦ୍‌ଗୁଣ ରହିଛି । ସେ ଅଇଁଠା ପତର ଚାଟେ । କୁକୁର ଏଣେତେଣେ ବୁଲି ଅଇଁଠା ପତର ଚାଟୁଥିବା ଶିଆଳ ଦେଖିଛି ବୋଲି ରାଜା ସିଂହ ପାଖରେ ଗୁହାରି କଲା । କୁକୁର ଜମା ମାନିଲାନି । ଶିଆଳ ପୁଣି କହୁଥାଏ ମୁଁ ବହୁବାର ଦେଖିଛି ଆପଣ ସାଇତି ରଖିଥିବା ମାଂସତକ କୁକୁର ଲୁଚେଇ ଖାଏ । ସିଂହ ରାଜା ଏଥର ବହୁତ ରାଗିଗଲେ ଓ ଆଦେଶ ଦେଲେ କୁକୁର ଲାଙ୍ଗୁଡ଼ରେ ବଡ଼ ପଥରଟିଏ ବାନ୍ଧିଦିଅ, ଯେମିତିକି କୁକୁର ଲାଙ୍ଗୁଡ଼ ବିହୀନ ହୋଇ ଏଣେତେଣେ ଘୂରି ବୁଲିବ । ହାତୀ ସେଇ ଆଜ୍ଞା ପାଳନ କଲେ । କୁକୁର ଦୁଃଖରେ ପଡ଼ିଥିବା ଦେଖି ମନରେ ଦୟା ଆସିଲା । ମାଙ୍କଡ଼ ବଇଦ କାମ କରେ । କୁକୁର ପାଖକୁ ଆସି ବଡ଼ ପଥରଟି ଖୋଲି ଦେଲା । କିନ୍ତୁ ଲାଙ୍ଗୁଡ଼ଟି ଛିଣ୍ଡିବା ପାଇଁ ଟିକିଏ ଥାଏ । ମାଙ୍କଡ଼ କିଛି ଗଛର ପତର ଛେଚି କୁକୁର ଲାଙ୍ଗୁଡ଼ରେ ଲଗାଇ କପଡ଼ାଟିଏ ବାନ୍ଧିଦେଲା । କୁକୁର ଜଙ୍ଗଲରୁ ପଳାଇ ଆସି ମଣିଷ ପାଖରେ ଗୁହାରି କଲା । ମଣିଷ ତାକୁ ଘର ଜଗିବା କାମ ଦେଲେ । କୁକୁର ଅଇଁଠା ପଥର ଚାଟେ । ଯେତେ ଖାଇଲେ ମଧ୍ୟ ପେଟ ପୂରେନି । ଘରର ଜଣେ ମାଲିକ ଆସିଲେ ଲାଙ୍ଗୁଡ଼ ହଲାଏ । ବଇଦ ମାଙ୍କଡ଼ ଲାଙ୍ଗୁଡ଼କୁ ଯେମିତି ବାନ୍ଧିଥିଲା  କୁକୁରର ଲାଙ୍ଗୁଡ଼ ସେମିତି ବଙ୍କା ରହିଲା । କୁକୁର ଆଉ ବଣକୁ ଗଲା ନାହିଁ । ମଣିଷ ତାକୁ ସାରାଜୀବନ ନିଜର କରିନେଇଛି । କେବେ ବି ମୁକ୍ତି ପାଇବ ନାହିଁ । ଶିଆଳକୁ ଦେଖିଲେ କୁକୁର ଗୋଡ଼ାଏ । ନିଜ ବଙ୍କା ଲାଙ୍ଗୁଡ଼ କଥା ଭାବି ଭାବି କାନ୍ଦେ ଆଉ ଲୁହ ଗଡ଼ାଏ । କୁକୁର ଲାଙ୍ଗୁଡ଼ କେବେ ବି ସିଧା ହେବନି । ସବୁ ଦିନ ପାଇଁ ବଙ୍କା ରହିଯାଇଛି । ଲୁଚେଇ ଲୁଚେଇ ଖରାପ କାମ କଲେ ଧରା ନିଶ୍ଚୟ ପଡ଼ିବ । ଆଉ ଦଣ୍ଡ ବି ଭୋଗିବ ।

**ମାଣିକା ମାଝୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



# ରାଜୁ ବାବୁର ନିଜ କଥା

ଭାଗବତରେ ଲେଖାଅଛି "ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର ।" ଏହା ହିଁ ସତ୍ୟ, ମାତ୍ର ଆଜିକାଲି ଗୁରୁଙ୍କ ବେତମାଡ଼ ଆଉ ନାହିଁ । ଏହାଦ୍ୱାରା ଲାଭ ଯାହା ହେଉନା କାହିଁକି ଶାସନ କରି ବାଟକୁ ଆଣିବାର ଅଧିକାରଟିକୁ ଗୁରୁଙ୍କ ହାତରୁ ଛଡ଼ାଇ ନିଆଯାଇଛି । ଏବେ ତ ଏହାର ଖୋଲା ଖୋଲି ପ୍ରତିବାଦ କରାଯାଉଛି । ତେଣୁ ବିଦ୍ୟାଳୟମାନଙ୍କରେ ବେତ ମାଡ଼ ଉଠିଗଲାଣି । ଆହୁରି ମଧ୍ୟ ପୂର୍ବ ଭଳି ଛାତ୍ରଛାତ୍ରୀମାନେ ଆଉ ଗୁରୁଙ୍କୁ କିପରି ସମ୍ମାନ ଦିଆଯାଏ ଜାଣି ନାହାନ୍ତି । ଏହି ଅବସରରେ ଜଣେ ଛାତ୍ର ଜୀବନରେ ଘଟିଥିବା ଏକ ଘଟଣା ପ୍ରକାଶ କରୁଛି ।

ରାଜୁ ନାମକ ପୁଅଟିଏ ଥିଲା । ତୃତୀୟ ଶ୍ରେଣୀରେ ପଢୁଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତା' ଉପରେ ଖୁସି ଥିଲେ । କାରଣ ସେ ଭଲ ପାଠ ପଢୁଥିଲା । ଦିନକର ଘଟଣା । ବିଦ୍ୟାଳୟରେ ପରୀକ୍ଷା ହେଉଥାଏ । ରାଜୁ ଅନ୍ୟମନସ୍କ ଭାବରେ ପରୀକ୍ଷା ଖାତାରେ ଭୁଲ୍ ଉତ୍ତର ଲେଖିଲା । ଶିକ୍ଷକଙ୍କୁ ସର୍ବ ପ୍ରଥମେ ଖାତା ଦେଲା । ସାର୍ ରାଜୁର ଖାତାଦେଖି ପାଖକୁ ଡାକିଲେ ଆଉ କହିଲେ - "ତୁ ଏତେ ଭଲ ପିଲା ହେଇ ଏତେ ଶୀଘ୍ର ଭୁଲ ଉତ୍ତର ଲେଖି ପ୍ରଥମେ ଦେଲୁ କାହିଁକି ? ରାଜୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲା । ସେଦିନ ସାର୍ ରାଜୁକୁ ସେହି ଭୁଲ୍ ଯୋଗୁଁ ପ୍ରାୟ ଦଶ ପନ୍ଦର ବେତ ମାରିଥିଲେ ଓ ତାକୁ ତାଗିଦ୍ କରି କହିଥିଲେ । ଆଉ ପରୀକ୍ଷାରେ ଯଦି ଏଭଳି ଭୁଲ୍ ଉତ୍ତର ଲେଖି ପ୍ରଥମେ ଖାତା ଦେବୁ ତତେ ଆହୁରି ମାଡ଼ ଦେବି । ପରୀକ୍ଷାରେ ଫେଲ୍ କରିଦେବି । ସତରେ ସେହି ମାଡ଼ ଭୟରେ ରାଜୁ ଜୀବନଟା ସଂପୂର୍ଣ୍ଣ ବଦଳି ଗଲା । କୌଣସି ଉତ୍ତର ଦେବା ପୂର୍ବରୁ ଠିକ୍ କି ଭୁଲ୍ ପ୍ରଥମେ ବିଚାର କରୁଥିଲା । ଏହାର ଫଳ ସ୍ୱରୂପ ଶ୍ରେଣୀରେ ସର୍ବଦା ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ସାର୍‌ଙ୍କ ମାଡ଼ ତାଙ୍କ ପାଇଁ ଆଶୀର୍ବାଦ ହେଲା । ସେଥିଯୋଗୁଁ ଆଜି ଜଣେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ହିସାବରେ ସେ କାର୍ଯ୍ୟ କରୁଛନ୍ତି । ସତରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଶିର୍ବାଦ ସର୍ବଦା ଛାତ୍ରଛାତ୍ରୀଙ୍କୁ ଭଲ ବାଟକୁ ଆଣିଥାଏ ।

ମାତ୍ର ଅସଲ କଥା ହେଲା, ଆଦର ଯତ୍ନ କରି ଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କର ଉନ୍ନତି ସାଧନ କରିପାରିବେ । ମାଡ଼ ଅପେକ୍ଷା ଯତ୍ନ ମୂଲ୍ୟବାନ ।

**ସବିତା ନାୟକ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



**ଉମା ମାଝୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

# ଚିନି ଓ ଲୁଣ

ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଦୁଇଟି ରାଣୀ । ରାଜାଙ୍କର ପୁଅ ନ ଥିଲା । ଦୁଇ ରାଣୀଙ୍କର ଗୋଟିଏ ଲେଖାଏଁ ଝିଅ ଥିଲେ । ବଡ଼ ରାଜଜେମାଙ୍କ ନାଁ ସୁବର୍ଣ୍ଣମୁଖୀ ଓ ସାନ ରାଜଜେମାଙ୍କ ନାଁ ଥିଲା ସୁଭାସିନୀ । ରାଜା ସାନରାଣୀଙ୍କୁ ଅଧିକ ଭଲ ପାଉଥିଲେ । ସାନରାଣୀ ଓ ସାନ ରାଜଜେମା ମନ୍ଦ ପ୍ରକୃତିର ଥିଲେ । ସାନରାଣୀ ଚାହୁଁଥିଲେ ରାଜାଙ୍କ ପରେ ସୁଭାସିନୀଙ୍କୁ ରାଜା ସିଂହାସନରେ ବସାଇବା ପାଇଁ । ତେଣୁ ସେମାନେ ଚାଟୁ କଥାରେ ରାଜାଙ୍କୁ ମୋହିତ କରି ରଖିଥିଲେ । କିନ୍ତୁ ତାଙ୍କର ଏହି ମନ୍ଦ ଉଦ୍ଦେଶ୍ୟକୁ ବୁଦ୍ଧିମାନ ମନ୍ତ୍ରୀ ଜାଣିଗଲେ । ତେଣୁ ସେ ଦୁଇ ରାଜଜେମାଙ୍କୁ ପରୀକ୍ଷା କରିବା ପାଇଁ ରାଜାଙ୍କୁ ପ୍ରସ୍ତାବ ଦେଲେ । ମନ୍ତ୍ରୀଙ୍କ କଥାରେ ଦିନେ ରାଜା ଦୁଇ ରାଜଜେମାଙ୍କୁ ଡାକି ପଚାରିଲେ ଯେ ସେମାନେ ତାଙ୍କ ପିତାଙ୍କୁ କିଭଳି ଭାବେ ଭଲ ପାଆନ୍ତି । ଲୁଣ ଭାବରେ ନାଁ ଚିନି ଭାବରେ । ହଠାତ୍ ସାନ ରାଜଜେମା ଉତ୍ତର ଦେଲେ - "ମୁଁ ଚିନିପରି ଭଲପାଏ ।" ବଡ଼ ରାଜଜେମା କହିଲେ - "ମୁଁ ଆପଣଙ୍କୁ ଲୁଣ ପରି ଭଲ ପାଏ ।" ରାଜଜେମା ସୁବର୍ଣ୍ଣମୁଖୀର କଥା ଶୁଣି ରାଜା ଅତ୍ୟନ୍ତ ରାଗିଗଲେ ଏବଂ ମନ୍ତ୍ରୀ କିଛି କହିବା ପୂର୍ବରୁ ତାଙ୍କୁ ରାଜମହଲରୁ ବାହାର କରିଦେଲେ । ରାଜଜେମା ଅତ୍ୟନ୍ତ ମନ ଦୁଃଖରେ ବଣକୁ ଚାଲିଗଲେ ଓ ସେଠାରେ କୁଟୀରଟିଏ ନିର୍ମାଣ କରି ସନ୍ୟାସିନୀ ଜୀବନ ବିତାଇଲେ ।

ଦିନେ ରାଜା ଶିକାର କରିବା ପାଇଁ ବଣକୁ ଯାଇଥାନ୍ତି । ଫେରିବା ବାଟରେ ଝଡ଼ବର୍ଷା ହେବାରୁ ଆଉ ଉଆସକୁ ଫେରିପାରିଲେ ନାହିଁ । ବଣରେ ଥିବା ଗୋଟିଏ କୁଟୀରରୁ ଆଲୋକ ଦେଖିପାରି ସେ ସେଠାକୁ ଆଶ୍ରୟ ପାଇଁ ଚାଲିଗଲେ । ରାଜା ନିଜର ପରିଚୟ ଦେବାରୁ କୁଟୀରରେ ଥିବା ସନ୍ନ୍ୟାସିନୀ ରାଜାଙ୍କୁ ଆଶ୍ରୟ ଦେବା ପାଇଁ ରାଜି ହେଲେ ଓ ତାଙ୍କ ଭୋଜନ ପାଇଁ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କଲେ । ରାଜା କିନ୍ତୁ ସେ ଖାଦ୍ୟକୁ ଖାଇ ପାରିଲେ ନାହିଁ । ଆପେ ଆପେ କହି ଉଠିଲେ "ଏହା କି ପ୍ରକାରର ଖାଦ୍ୟ । ଲୁଣ ଅପେକ୍ଷା ଚିନି ଅଧିକ ସୁସ୍ୱାଦୁ ହୋଇପାରେ ? ଖାଦ୍ୟରେ ଚିନି ଅପେକ୍ଷା ଲୁଣ ଅଧିକ ଗୁରୁତ୍ୱପୂର୍ଣ୍ଣ । ତୁମେ ଲୁଣ ବଦଳରେ ଖାଦ୍ୟରେ ଚିନି ବ୍ୟବହାର କରିଥିବାରୁ ଏହା ଅତ୍ୟନ୍ତ ଅରୁଚିକର ହୋଇଛି । ତେଣୁ ଲୁଣ ବିନା ଚିନି ମିଶା ଖାଦ୍ୟକୁ ଆଦୌ ଖାଇ ହେବନି ।"

ଲୁଣ ଅପେକ୍ଷା ଚିନି ତ ମହାରାଜାଙ୍କର ଅଧିକ ପସନ୍ଦ । ଏପରି କହି, ସନ୍ନ୍ୟାସିନୀ ନିଜର ପରିଚୟ ଦେଲେ । ରାଜା ପୂର୍ବକଥା ମନେ ପକାଇ ନିଜର ଭୁଲ ବୁଝିପାରିଲେ । ରାଜା ପରଦିନ ସୁବର୍ଣ୍ଣମୁଖୀଙ୍କୁ ନେଇ ରାଜବାଟୀକୁ ଫେରି ଆସିଲେ ।

**ଭାନୁମତୀ ଭୁମିଆ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ





# ପିଲାଟିର କେଡ଼େ ସାହାସ

ତା'ର ବାପା ନାହାନ୍ତି । ମାଁ ପାଖରେ ଗାଆଁରେ ରହେ । ମା' ମୂଲ ଲାଗି ଯାହା ରୋଜଗାର କରେ ସେଥିରେ ମା' ପୁଅ ଦୁହେଁ ସୁଖେ ଦୁଃଖେ ଚଳିଯାଆନ୍ତି ।

ରଞ୍ଜନ ପଢ଼େ ଗାଆଁ ସ୍କୁଲରେ । ସପ୍ତମ ଶ୍ରେଣୀରେ ଭଲ ପଢ଼େ । ଖେଳକୁଦରେ ମଧ୍ୟ ପାରଙ୍ଗମ । ତେଣୁ ଶିକ୍ଷକମାନେ ତାଙ୍କୁ ସ୍ନେହ କରନ୍ତି । ସେ ଭଲ ପହଁରା ଜାଣେ । ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଦିନେ ତା'ର ମାମୁ ତାଙ୍କ ଘରକୁ ଆସିଥାନ୍ତି । ସାଥିରେ ରଞ୍ଜନ ପାଇଁ ନୂଆ ଜାମାପେଣ୍ଟ ଓ ମିଠେଇ ଆଣିଥାନ୍ତି । ରଞ୍ଜନର ଖୁସି କହିଲେ ନ ସରେ । ସେ ନୂଆ ଜାମା ପେଣ୍ଟ ପିନ୍ଧିଲା ଓ ମିଠେଇ ଖାଇଲା । ଫେରିବା ବେଳେ ମାମୁ ତାକୁ ଓ ତା'ର ମା'କୁ ଆସନ୍ତା ଦୀପାବଳିରେ ଯିବା ପାଇଁ କହିଲେ । ତାପରେ ଘରକୁ ଫେରିଗଲେ ।

ଦୀପାବଳି ପାଖେଇ ଆସିଲା । ରଞ୍ଜନ ତା' ମା' ସାଥିରେ ମାମୁ ଘରକୁ ବାହାରିଲା । ଯିବା ବାଟରେ ଗୋଟିଏ ନଈ ପଡ଼େ । ଡଙ୍ଗାରେ ନଈପାରି ହୋଇ ଯିବାକୁ ପଡ଼େ । ସେଦିନ ଭଲ ପାଗ ହୋଇଥାଏ । ସକାଳୁ ସକାଳୁ ଶୀତ ଲାଗୁଥାଏ । ଦୁହେଁ ଘାଟ ପାଖରେ ପହଞ୍ଚିଲେ । ଅନ୍ୟ ଲୋକେ ମଧ୍ୟ ନଈ ଆର ପାରିକୁ ଯିବାପାଇଁ ଆସିଲେ । ନାଉରି ଡଙ୍ଗା ଠିକ୍ କଲା । ଲୋକମାନେ ସେଥିକୁ ଚଢ଼ିଗଲେ । ରଞ୍ଜନ ଓ ତା'ର ମା' ମଧ୍ୟ ତା' ଭିତରେ ବସିଲେ । ନାଉରି ଡଙ୍ଗା ଫିଟାଇଲା । ମଙ୍ଗ ମୋଡ଼ି ଅନ୍ୟ କୂଳ ଆଡ଼କୁ ଡଙ୍ଗା ଚଳାଇଲା । ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ପବନ ଖୁବ୍ ଜୋର୍‌ରେ ବହିଲା । ନାଉରି ଡଙ୍ଗାକୁ ନେଇ ନଈ ମଝିରେ ପହଞ୍ଚାଇ ଦେଇ ସାରିଥାଏ । ତେଣୁ ଡଙ୍ଗା ଫେରିବା ସମ୍ଭବ ନୁହେଁ । ଏଣେ ଯାତ୍ରୀମାନେ ଝଡ଼ ତୋଫାନକୁ ଦେଖି ଅଥୟ ହୋଇ ପଡ଼ିଲେ । ଫଳରେ ଡଙ୍ଗାଟି ଏପଟ ସେପଟ ହୋଇ ପାଣିରେ ଓଲଟି ପଡ଼ିଲା । ସେଥିରେ ଥିବା ଯାତ୍ରୀମାନେ ପାଣିରେ ପଡ଼ିଗଲେ ।

ଯେଉଁ କେତେଜଣ ପହଁରା ଜାଣିଥିଲେ ସେମାନେ ପହଁରି ଆସି କୂଳରେ ପହଞ୍ଚିଲେ । ରଞ୍ଜନ ତ ପହଁରା ଶିଖିଥିଲା । ତେଣୁ ସେ ମଧ୍ୟ ଆସି କୂଳରେ ପହଞ୍ଚିଲା । ଯେଉଁମାନେ ପହଁରା ଜାଣିନଥିଲେ ସେମାନଙ୍କ ମଧ୍ୟରୁ କେତେକ ନଦୀରେ ବୁଡ଼ିଗଲେ । ଆଉ କେତେ ଉବୁଟୁବୁ ହେଉଥାନ୍ତି ।

ରଞ୍ଜନ ଦେଖିଲା ତା'ର ମା' ଓ ଅନ୍ୟ ଜଣେ ମହିଳା ପହଁରି ନ ପାରି ଉବୁଟୁବୁ ହେଉଛନ୍ତି । ଯଦି ସେମାନଙ୍କୁ ରକ୍ଷା କରାନଯାଏ, ତେବେ ସେମାନେ ନଈରେ ବୁଡ଼ି ମରିଯିବେ । ରଞ୍ଜନ ଡେରି କଲା ନାହିଁ । ନଈକୁ ଡେଇଁ ପଡ଼ିଲା । ସେ ପହଁରି ପହଁରି ସେମାନଙ୍କ ପାଖରେ ପହଞ୍ଚିଗଲା । ଗୋଟିଏ ହାତରେ ତା' ମା' ଓ ଅନ୍ୟ ହାତରେ ଅନ୍ୟ ମହିଳାଙ୍କ ହାତ ଧରି କୂଳ ଆଡ଼କୁ ପହଁରିବାକୁ ଲାଗିଲା ।

ଛୋଟ ପିଲାଟି । ତା'ର ଅବା କେତେ ବଳ ? ତଥାପି ସେ ବହୁ କଷ୍ଟରେ ପହଁରି ଚାଲିଥାଏ । ମଝିରେ ମଝିରେ ନଈ ପାଣି ତା' ପାଟିରେ ପଶିଯାଉଥାଏ । ସେ ଥକି ପଡୁଥାଏ । ତଥାପି ସାହସ ନ ହରାଇ ସେ ପହଁରି ଚାଲିଥାଏ । ଶେଷରେ ଦୁଇ ଜଣଙ୍କୁ ଆଣି କୂଳରେ ପହଞ୍ଚାଇ ଦେଲା ।

ତା'ର ଏହି ସାହସିକତା ଯୋଗୁଁ ସ୍କୁଲର ଶିକ୍ଷକ ଓ ହାକିମ୍ ତା'ର ନାମ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ସୁପାରିଶ କଲେ । ରାଷ୍ଟ୍ରପତି ରଞ୍ଜନଙ୍କୁ ପୁରସ୍କାର ସହ ସୁନାପଦକ ଏବଂ କିଛି ଟଙ୍କା ଦେଲେ ।

ରଞ୍ଜନ ଯୋଗୁଁ ସିନା ଦୁଇଟି ଅମୂଲ୍ୟ ଜୀବନ ରକ୍ଷା ପାଇଲା !

**ଜାନକୀ ପରଜା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



## ହସ କଥା



ଶାଶୁ ବୋହୂ ମଧ୍ୟରେ ଜମା ପଡୁନଥାଏ । ଦିନେ ଶାଶୁ ଖାଇବା ବେଳେ ଭାତରୁ ଛୋଟ ଛୋଟ ଗୋଡ଼ି କେଇଟି ବାହାରିଲା । ଶାଶୁ ରାଗିଯାଇ କହିଲେ ଏ ବୋହୂ ! ତତେ ପରା ଭଗବାନ ଦିଟା ଆଖି ଦେଇଛନ୍ତି । ଚାଉଳରୁ ଗୋଡ଼ି ବାଛିପାରୁନୁ ? ବୋହୂ କି ଛାଡ଼େ ? ଚଟାପଟ, ଉତ୍ତର ଦେଲା, "ମାଆ, ତୁମକୁ ପରା ଭଗବାନ ୩୨ଟା ଦାନ୍ତ ଦେଇଛନ୍ତି ଦୁଇ ଚାରିଟା ଗୋଡ଼ି ଚୋବାଇ ଦେଇ ପାରୁନ ?

**କୁମାରୀ ବିଜୟଲକ୍ଷ୍ମୀ ନାୟକ**
କସ୍ତୁରବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ସାଙ୍ଗ ହେବ ତ ଏମିତି

କୁନା ଆଉ ମୁନା । ଦୁହେଁ ଭାରି ସାଙ୍ଗ । ଏକା ଶ୍ରେଣୀରେ ପଢ଼ନ୍ତି । ଏକା ଗାଆଁରେ ଘର । ସାଙ୍ଗ ହୋଇ ଖେଳନ୍ତି, ବୁଲନ୍ତି, ପଢ଼ନ୍ତି । ଥରେ ଦୁହେଁ ଲୁଚକାଳି ଖେଳୁଥାନ୍ତି । କୁନାକୁ ମୁନା ଛୁଇଁବା ପାଇଁ ଦଉଡ଼ିଲା । ମୁନା ଜାମା ଉପରେ କୁନାର ହାତ ପଡ଼ିଲା । ଜାମାଟା ଚିରିଗଲା । ମୁନା ତଳେ ପଡ଼ିଗଲା, କୁନା ତା' ଉପରେ ଏତିକିରେ ରାଗିଗଲା । ଦୁହେଁ ପାଟିତୁଣ୍ଡ କଲେ । ସେଦିନଠୁ ଦୁହିଁଙ୍କ ଭିତରେ ହେଲା କଟି । ଏକାଏକା ସ୍କୁଲକୁ ଗଲେ । ବେଳେ ବେଳେ ତାଙ୍କର ଇଚ୍ଛା ହେଉଥିଲା କଥା କହିବାକୁ ହେଲେ ପଛକଥା ମନେ ପଡ଼ିଯାଉଥିଲା । ମୁହଁ ବୁଲାଇ ଯିଏ ଯାହା ବାଟରେ ଯାଆନ୍ତି ।

କିଛି ଦିନ ଗଲା । ଦିନେ କୁନାର ନଜର ପଡ଼ିଗଲା ଦୁଇଟା କୁକୁର ଉପରେ । ସେମାନେ ଗୋଡ଼ା ଗୋଡ଼ି ହେଉଥିଲେ । ହଠାତ୍ ଗୋଟିଏ କୁକୁର ତଳେ ପଡ଼ିଗଲା । ଆରଟି ତାକୁ ମାଡ଼ି ବସିଲା । କିଛି ସମୟ ପରେ କୁକୁର ଦିଟି ସାଥୀ ହୋଇଗଲେ । ମିଳିମିଶି ଖେଳିଲେ ।

କୁନା ଭାବିଲା, କୁକୁର ଦିଟା ପଶୁଜାତି । ସେମାନେ ମଧ୍ୟ ରାଗନ୍ତି, କଳିଗୋଳ କରନ୍ତି, କାମୁଡ଼ା କାମୁଡ଼ି କରନ୍ତି । ଘଡ଼ିକ ପରେ ପୁଣି ସାଙ୍ଗ ହୋଇ ଖେଳନ୍ତି ବୁଲନ୍ତି । କୁନା ପୁଣି ଭାବିଲା ସେମାନେ ମଣିଷ ଜାତି ହେଇ ଏପରି ଅପଢ଼ ହେବା କ'ଣ ଠିକ୍ ? ମୁନାର ଜାମାଟା ଟିକିଏ ଚିରିଗଲା, କେତେ ସାମାନ୍ୟ କଥା, ଏଇଥିପାଇଁ ମୁନା ସାଙ୍ଗରେ ତା'ର କଟି ହେବ ?

ମୁନା ଘରେ କେତୋଟି ମେଣ୍ଢା ଥାନ୍ତି । ସେମାନେ ଚରିବୁଲି ସଞ୍ଜବେଳେ ଫେରୁଥାନ୍ତି । ମୁନା ଦେଖିଲା ମୁଣ୍ଡକୁ ମୁଣ୍ଡ ଲଗାଇ ଦୁଇଟି ମେଣ୍ଢାଛୁଆଙ୍କ ଲଢ଼େଇ । ଦୁହିଁଙ୍କ ଭିତରେ ଠେଲାପେଲା ଲାଗିଛି । କିଛି ସମୟ ପରେ ପୁଣି ଦୁହେଁ ସାଙ୍ଗ ହୋଇଗଲେ । ଖୁସିରେ ଡିଆଁ ଡିଇଁ କରି ଏକ ସାଙ୍ଗରେ ଫେରିଲେ । ମୁନା ଭାବିଲା ମେଣ୍ଢାଛୁଆ ଯଦି ଝଗଡ଼ା କରି ସାଙ୍ଗ ହୋଇଗଲେ ଆମେ କାହିଁକି ପୁଣି ସାଙ୍ଗ ନ ହେବୁ ? ଜାମାଟାକୁ ସିଲେଇ କରି ପିନ୍ଧି ହେବ । ଗଲାକଥା ଭୁଲିଯିବା ଉଚିତ୍ । ମୁନା ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । ଦଉଡ଼ି ଦଉଡ଼ି କୁନାଘର ଆଡ଼କୁ ଗଲା । ସେତେବେଳକୁ କୁନା ଦାଣ୍ଡ ଦୁଆରେ ମୁହଁ ଶୁଖାଇ ଠିଆ ହୋଇଥାଏ । ମୁନା ତାକୁ କୁଣ୍ଢେଇ ପକାଇଲା । ମୁନା କାନ୍ଦି ପକାଇ କହିଲା ତତେ ମୁଁ ଗାଳି ଦେଇ ଭୁଲ୍ କରିଛି । ମତେ କ୍ଷମା କରିଦେ । କହିଲା ମୋ ଲାଗି ତୋ ସାର୍ଟଟା ଗଲା, ସେଥିପାଇଁ ମୋ ମନ ଭାରି ଦୁଃଖ । ଏବେ କୁନା ମୁନା ଦୁହେଁ ବଡ଼ ସାଙ୍ଗ । ଛୋଟ ଛୋଟ କଥାକୁ ଧରନ୍ତି ନାହିଁକି ରାଗରୁଷା ହୁଅନ୍ତି ନାହିଁ ।

ମୋ କଥାଟି ସରିଲା ଫୁଲ ଗଛଟି ମରିଲା ।

**ଉର୍ମିଳା ମୁଦୁଲି**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗା



**ଲକ୍ଷ୍ମୀ ସାନ୍ତା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

# ବୋକା

ଗୋଟିଏ ଗାଁରେ ଜଣେ ଅଫିସର ବାବୁ ଥାଆନ୍ତି । ତାଙ୍କର ଗୋଟିଏ ଚାକର ଥାଏ । ତା'ର ନାମ ବୋକା । ବୋକା ପ୍ରତିଦିନ ବାବୁଙ୍କ ଘରେ ସବୁ ପ୍ରକାର କାମ କରେ । ଦିନେ ଅଫିସରବାବୁ ତାଙ୍କର କେତେକ ବନ୍ଧୁ ଓ ସହକର୍ମୀମାନଙ୍କ ସହିତ କଥାବାର୍ତ୍ତା ହେଉଥାନ୍ତି । ବୋକା ରୋଷେଇ ସାରି ବାବୁଙ୍କ ପାଇଁ ଖାଇବା ବାଢ଼ି ବାବୁଙ୍କୁ ବଡ଼ ପାଟିରେ ଡାକିଲା, କହିଲା "ବାବୁ ଆଜି କଥା ହେବାଟା ଏତିକି ଥାଉ, ଖାଇବାକୁ ଆସ ବଢ଼ା ସରିଲାଣି ।

ବାବୁ ବହୁତ ଲଜ୍ଜା ପାଇଲେ ଓ ରାଗିଗଲେ । କିଛି ସମୟ ପରେ ସେମାନେ ଚାଲିଗଲେ । ବାବୁ ବୋକାକୁ ଡାକି କହିଲେ, "ତୁ ଏଣିକି ମୁଁ କାହା ସହିତ କଥାବାର୍ତ୍ତା କଲାବେଳେ ଏମିତି ବଡ଼ ପାଟିରେ ଡ଼ାକିବୁନି ।" ଏତିକି କହି ଚାଲିଗଲେ ।

ଆଉ ଦିନକର ଘଟଣା ବୋକାର ଘର ପୋଡ଼ି ଯାଉଛି ଓ ତା'ର ସ୍ତ୍ରୀ ପିଲା ସବୁ ନିଆଁରେ ଉତ୍‌ଉତ୍ ହୋଇ ଜଳୁଛନ୍ତି । ଗାଁରେ ଅଫିସର ବାବୁଙ୍କ ଛଡ଼ା ଅନ୍ୟ କାହାରି ହେଲେ ମୋବାଇଲ୍ ନ ଥାଏ । ଦମକଳ ଗାଡ଼ିକୁ ଫୋନ୍ କରିବାକୁ ହେଲେ ବାବୁଙ୍କ ପାଖକୁ ଯିବାକୁ ପଡ଼ିବ । ବୋକା ଘରଠୁ ବାବୁଙ୍କ ଘର ଟିକେ ଦୂରରେ ଥାଏ । ବୋକା ଦୌଡ଼ି ଦୌଡ଼ି ବାବୁ ଘରକୁ ଗଲା । ସେହି ଦିନ ବାବୁ ସେହି ଲୋକମାନଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ବୋକା କହୁ କହୁ କଥାଟା ପାଟିରେ ରହିଗଲା । ବାବୁ କହିଛନ୍ତି, ମୋତେ ଲୋକମାନଙ୍କ ସହିତ କଥାବାର୍ତ୍ତା ହେଲାବେଳେ କେବେ ଡାକିବୁନି । ଏକଥା ଭାବି ସେ ଚୁପ୍ ରହିଗଲା । କିଛି କହିଲାନି । କିଛି ସମୟ ପରେ ଲୋକମାନେ ସେଇଠୁଁ ଚାଲିଗଲେ । ବାବୁ ତାଙ୍କ ସ୍ଥାନରୁ ଉଠି ଦେଖନ୍ତି ତ ବୋକା ତାଙ୍କ ସାମନା ଦ୍ୱାରରେ ଛିଡ଼ା ହୋଇଛି । ବାବୁ ବୋକାକୁ କ'ଣ ହେଲା ବୋଲି ପଚାରିବାରୁ ସେ କହିଲା ବାବୁ ମୋ ଘରେ ନିଆଁ ଲାଗିଛି, ମୋ ସ୍ତ୍ରୀ ଓ ପିଲା ଘରେ ଶୋଇଥିଲେ ସେମାନଙ୍କ ଦେହରେ ନିଆଁ ଲାଗିଯାଇଛି । ବାବୁ ପଚାରିଲେ କେତେବେଳେ ନିଆଁ ଲାଗିଲା । ସେ କହିଲା, ବାବୁ ସକାଳ ୬ଟାରେ । ବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, "ଏବେ ବର୍ତ୍ତମାନ ୮ଟା ବାଜିଲାଣି ତୁ ଏତେ ସମୟ କ'ଣ କରୁଥିଲୁ ? ବୋକା କହିଲା, "ବାବୁ, ଆପଣ ମୋତେ ଲୋକମାନଙ୍କ ସହିତ କଥାବାର୍ତ୍ତା କଲାବେଳେ ଡାକିବାକୁ ମନା କରିଥିଲେ । ସେଥିପାଇଁ ମୁଁ ଆପଣଙ୍କୁ ଡ଼ାକିନାହିଁ । କେତେ ସମୟ ହେଲା ଆସିଛି ।" ବାବୁ ରାଗିଗଲେ କହିଲେ, ଚାଲ୍ ଯିବା ଆମେ ତାଙ୍କୁ ଡ଼ାକ୍ତରଖାନା ନେବା । ଦି'ଜଣ ଯାକ ଗଲେ ଓ ଦେଖିବାକୁ ପାଇଲେ ଯେ ବୋକାର ଘର ଓ ତା'ର ସ୍ତ୍ରୀ ଛୁଆ ସମସ୍ତେ ଜଳି ପାଉଁଶ ହୋଇଗଲେଣି । ବିଚରା ନିଜର ବୋକାମି ଯୋଗୁଁ ନିଜ ଘର ସ୍ତ୍ରୀ ପିଲା ସମସ୍ତଙ୍କୁ ହରାଇଲା । ଅଫିସର ବାବୁ ଜାଣିବାକୁ ପାଇଲେ ବୋକା ତା'ର ନାଁ ନୁହଁ । ପ୍ରକୃତରେ ତା'ର ବିବେକ ବୋକା ।

**ସସ୍ମିତା ଦଳେଇ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

# ଆନନ୍ଦରେ ନାଚିଲେ ଗାଇଲେ

ଶୀତଦିନ । ଥଣ୍ଡା ତ ଥଣ୍ଡା, ଜଙ୍ଗଲ ଭିତରେ ଆହୁରି ଥଣ୍ଡା । ଶୀତୁଆ ପବନର ବସା ସେଇ ଜଙ୍ଗଲରେ । ସେଇ ଜଙ୍ଗଲରେ ମଧ୍ୟ ମୂଷିର ଘର । ଥରେ ଆକାଶକୁ ମେଘ ଢାଙ୍କି ଦେଲା । କିଛିଦିନ ଯାଏ ଖରା ପଡ଼ିଲା ନାହିଁ । ଶୀତ କାକର ପଡ଼ି ମୂଷିର ଗାତଟା ମୋଟେ ଶୁଖିଲା ନାହିଁ । ମୂଷି ଗାତଟାକୁ ଆହୁରି ଗଭୀର କରି ଖୋଳିଲା, କାଳେ ଶୁଖିଲା ମାଟି ବାହାରିବ । ମାତ୍ର ଫଳ କିଛି ହେଲାନାହିଁ । ମାଟି ଯେଉଁ ଓଦାକୁ ସେଇ ଓଦା । ଖୋଳୁଥାଏ, ଖୋଳୁଥାଏ । ଶେଷରେ ଆଉ ପାରିଲା ନାହିଁ । ଶୀତରେ ଥରିଲା । ଏଣେତେଣେ ବୁଲି ଖୋଜିଲା, କେଉଁଠି ଉଷୁମ ଜାଗାଟିଏ ପାଇବ ବୋଲି । ଯାଇ ପହଞ୍ଚିଲା ଖୋକୋ ଦାଦାର ଗୁମ୍ଫା ପାଖରେ । ସେ ଜାଗାଟା ତାକୁ ଉଷୁମ ଲାଗିଲା । ଖୋକୋ ଦାଦାଟା ଗୋଟେ କଳା ଭାଲୁ । ସେ ଶୋଇଥିଲା । ତା' ପାଖକୁ ଲାଗିଯାଇ ମୂଷି ଯେମିତି ଠିଆ ହୋଇଛି, ଭାଲୁର କମ୍ବଳ ଭଳି ଦେହଟା, ତାକୁ ଲାଗିଲା ବେଶି ଉଷୁମ । ମୂଷି କ'ଣ କଲା ନା ! ପ୍ରଥମେ ଭାଲୁ ଗୋଡ଼ ପାଖରେ ଠିଆ ହୋଇଥିଲା, ଆସ୍ତେ ଆସ୍ତେ ତା' ଦେହ ଉପରକୁ ଚଢ଼ିଲା । ତା'ର ଲମ୍ବା ଲମ୍ବା ବାଳ ଭିତରେ ପଶିଗଲା । ଭାବିଲା - ଆଃ ଏହି ଜାଗାଟା ତ ବଢ଼ିଆ ଉଷୁମ । ଏଇଟା ମୋ ଗାତ ଭଳି ଅଣଓସାରିଆ ମଧ୍ୟ ହୋଇଛି । ମୂଷି ସେଇଠି ଟିକିଏ ଶୋଇବ ବୋଲି ଭାବିଲା ।

ଏତିକିବେଳେ ଖୋକୋର ନିଦ ଭାଙ୍ଗିଗଲା । "ଆରେ ..... କିଏ ଆସି ମୋତେ ଏମିତି ହଇରାଣ କରୁଛି ?" ସେ ପାଟି କଲା । ମୂଷି ଏତିକିରେ ଛାନିଆ । ଭାଲୁ ଦାଦା, ମୁଁ ତମ କାନ ଭିତରେ ଟିକିଏ ବିଶ୍ରାମ ନେଇଛି । ବାହାରେ କେତେ ଥଣ୍ଡା ଦେଖୁଛ ତ, ମୋଟେ ଖରା ନାହିଁ । ସୂର୍ଯ୍ୟ କେତେଦିନ ହେଲା ଲୁଚିଯାଇଛି । ଚାଲ ସୂର୍ଯ୍ୟକୁ ଖୋଜିବା । ଯେଉଁଠି ଲୁଚିଥିବ ଟାଣିଆଣିବ । ତେବେ ଯାଇ, ଏଇ ଶୀତରୁ ରକ୍ଷାମିଳିବ । ଖୋକୋର କାନଟା ସଲସଲ ହେଉଥାଏ । ସେ କହିଲା, ସୂର୍ଯ୍ୟ କେଉଁଠି ଲୁଚିଛି ମୋତେ ଜଣାନାହିଁ । ତୁ ଏଠୁ ପଳା । ମୁଁ ଟିକିଏ ଶୋଇବି । ଯଦି ନ ଯିବୁ, ତୋତେ ଟାଣିଆଣି, ହାତରେ ଦଳିଦେବି । ଏକଥା ଶୁଣି ମୂଷି ଭୟରେ ଥରିଲା । ସେ ଡ଼ିଆଁମାରି ଖୋକୋ ଭାଲୁର ଗୁମ୍ଫାରୁ ପଳାଇଲା ।

ମୂଷି ଦଉଡୁଛି । ଗୋଟିଏ ପୋଖରୀ କୂଳରେ ପହଞ୍ଚିଲା । ଦେଖିଲା ହଂସରାଣୀ ଗୁଡ଼ିଏ ଜାକିଜୁକି ହୋଇ ବସିଛନ୍ତି । ଶୀତରେ ଥୁରୁଥୁରୁ ହେଉଛନ୍ତି । ମୂଷି ତାଙ୍କ ପାଖକୁ ଗଲା । ପଚାରିଲା - ହଇହୋ ନାନୀ, ସୂର୍ଯ୍ୟର ଘର କେଉଁଠି ଜାଣିଛ କି ? ତମେ ମୋ ସାଙ୍ଗରେ ଟିକିଏ ଆସନ୍ତ କି, ହୁଏତ କେଉଁଠି ନିଘୋଡ଼ ନିଦରେ ଶୋଇପଡ଼ିଛି । ଚାଲ ଏକଥା ତ ତାକୁ ଉଠେଇବା । ସେ ନ ଥିବାରୁ ଆମେ ଏମିତି ଶୀତରେ କମ୍ପୁଛୁଁ । ଗୋଟିଏ ହଂସରାଳି କହିଲା - "ଏକଥା ତ ଆମ ମୁଣ୍ଡକୁ ଢୁକି ନାହିଁ । ଶୀତ ଲାଗି ଆମେ ଡେଣା ମେଲେଇ ପାରୁନାହୁଁ । ଆଉ ମଧ୍ୟ ଚାଲି ହେଉନାହିଁ । ତୁ ଯା' ତା' ଘର କେଉଁଠି ଖୋଜି ବାହାର କର । ମୂଷିକୁ ଆଉ କିଛି ବୁଦ୍ଧି ଦିଶିଲା

ନାହିଁ । ତଥାପି ସେ ତା'ର ଆଶା ହରାଇ ନଥାଏ । ଆଉ ଟିକିଏ ଆଗକୁ ଗଲା । ଦେଖିଲା ଝିଙ୍କଟିଏ ବସିଛି । ତା'ମୁନିଆ ମୁନିଆ କଣ୍ଟାଗୁଡ଼ାକୁ ଜାକିଜୁକି ଦେଇଛି, ତାକୁ ମଧ ଭୀଷଣ ଶୀତ । ମୂଷି ପଚାରିଲା ଭାଇ ସୂର୍ଯ୍ୟର ଘର କେଉଁଠି ଆସି ଟିକିଏ ଦେଖାଇଦେବ । ଝିଙ୍କ କହିଲା - ସୂର୍ଯ୍ୟର କ'ଣ ଗୋଟିଏ ଘର ଅଛି ? ମୁଁ ତ ସେ କଥା ଜାଣିନାହିଁ, ତୋ' ସାଙ୍ଗରେ ଯାଇ କେଉଁଠି ତା' ଘର ଖୋଜିବି । ତୋର ଦରକାର ତ ତୁ ଯା' । ମୂଷିର ମୁହଁଟା ଶୁଖିଗଲା । ଏଗୁଡ଼ାକ ଏତେ ଅଳସୁଆ, ଆଉ ବୋକା ଜୀବ । କିଛି ଚିନ୍ତା ନାହିଁ, ମୁଁ ଏକଲାଯିବି । ସୂର୍ଯ୍ୟର ଘରଟା ଖୋଜିବି, ଯେଉଁଠି ଥିବ ଭିଡ଼ି ଆଣିବି ।" ଏକଥା ସ୍ଥିର କରି ମୂଷି ଦଉଡ଼ିଲା । ଜୋର୍‌ରେ ଦଉଡ଼ିଲା । ଯେତେବେଳେ ହାଲିଆ ହୋଇଗଲା, ତାକୁ ଉଷୁମ ଲାଗିଲା । ସେ ଯାଇଁ ପହଞ୍ଚିଲା ଗୋଟିଏ ପାହାଡ଼ ଉପରେ । ସେ ଜାଗାକୁ କୁହୁଡ଼ି ଘେରି ରହିଥାଏ । ହଠାତ୍ ଗୋଟିଏ ଠେକୁଆ ସାଙ୍ଗରେ ତା'ର ଦେଖା ହୋଇଗଲା । ତାକୁ ମୂଷି ପଚାରିଲା ସୂର୍ଯ୍ୟର ଘର ଦେଖିଛ କି ? ଆସ ତାକୁ ଖୋଜିବା । ସେ ନ ଆସିଲେ ଆମେ ସମସ୍ତେ ଥଣ୍ଡାରେ ମରିଯିବା । ହାଃ ହାଃ ହାଃ !! ଠେକୁଆ ହସିଲା । ଆରେ, ବୋକୀ ମୂଷି, ସୂର୍ଯ୍ୟର କ'ଣ ଘର ଥାଏ ? ଏତିକି ତୋତେ ଜଣାନାହିଁ ?

ଠେକୁଆ ଜାଣିଥାଏ ଯେ, ମୂଷିଟା ପାଠଶାଠ କିଛି ପଢ଼ିନାହିଁ । ସେ ତାକୁ ବୁଝାଇଲା । ବିଚରା ସୂର୍ଯ୍ୟଟାର ଘର ଫର କିଛି ନାହିଁ । ସେ ଶୁଏ ନାହିଁ କି କେଉଁଠି ଗଡ଼ପଡ଼ ହୋଇ ବିଶ୍ରାମ ନିଏ ନାହିଁ । ସୂର୍ଯ୍ୟଟା ହେଉଛି ବଡ଼ ତାରା ବହୁତ ଗରମ । ପୃଥିବୀ ଠାରୁ ସେ ଅଛି ବହୁତ ବହୁତ ଦୂରରେ । ସେଇ ଆମକୁ ଉତ୍ତାପ ଦେଉଛି, ବଞ୍ଚାଇ ରଖିଛି । ଠେକୁଆ ପୁଣି କହିଲା - "ଯେତେ ଗଛ ଲତା ଦେଖୁଛୁ, ସବୁ ତିଆରି କରିଛି ସେଇ ସୂର୍ଯ୍ୟ । ତା'ର ଉଜ୍ଜଳ କିରଣ ସମୁଦ୍ର ଉପରେ ପଡ଼େ । ତା' ଉତ୍ତାପରେ ପାଣି ବାଷ୍ପ ହୋଇ ଆକାଶକୁ ଚାଲିଯାଏ । ସେଠାରେ ସେ ବାଷ୍ପ, ବାଦଲ ରୂପ ଧରେ । ବେଳେ ବେଳେ ବାଦଲ ସବୁ, ପୃଥିବୀକୁ ବର୍ଷା ଡାକି ଆଣନ୍ତି । ସୂର୍ଯ୍ୟ ଆକାଶର ସେଇ ବାଦଲରେ ଲୁଚିକରି ରହେ । ବିଚାରୀ ମୂଷି ବୋକୀଙ୍କ ଭଳି ଏକ ଲୟରେ ସବୁ ଶୁଣିଗଲା । ତାକୁ ଭାରି ମଜା ଲାଗିଲା ଶୁଣିବାକୁ । ଏହା ଭିତରେ ଆକାଶଟା ସଫା ହୋଇଯାଇଥାଏ । ବାଦଲମାନେ ଆଗେଇ ଯାଇଥାନ୍ତି । ସୂର୍ଯ୍ୟକିରଣ ଜଙ୍ଗଲରେ ବିଛାଡ଼ି ହୋଇ ପଡ଼ିଲା ଖରା ହେଲା ସଭିଁଙ୍କୁ ଉଷୁମ ଲାଗିଲା । ଜଙ୍ଗଲର ଜୀବଜନ୍ତୁ ଆନନ୍ଦରେ ନାଚିଲେ, ଗାଇଲେ ।

**କବିତା ଶିଶା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



# ମେଷପାଳକର କନ୍ୟା

ଜଣେ ଗପୁଡ଼ି ବୁଢ଼ୀ ମା' ଥିଲେ । ଦିନେ ତାଙ୍କ ନାତିଙ୍କ ସହିତ ଗପସପ କରୁଥିବାବେଳେ ସେ ତାଙ୍କୁ କଥା ପ୍ରସଙ୍ଗରେ କିଛି ପରିଶ୍ରମ ଓ ଦରକାରୀ କାର୍ଯ୍ୟ ଶିଖିବାପାଇଁ ଉପଦେଶ ଦେଲେ । କୌଣସି ସମ୍ମାନନୀୟ ହସ୍ତକାର୍ଯ୍ୟରେ ଅଜ୍ଞ ରହିବା ଭବିଷ୍ୟତରେ ଅସୁବିଧା ସୃଷ୍ଟି କରିପାରେ ବୋଲି ସେ ତାଙ୍କୁ ଚେତାଇ ଦେଲେ । ହସ୍ତକାର୍ଯ୍ୟରେ ଗୁରୁତ୍ୱ ଓ ବିଭିନ୍ନ ଉପକାର ସଂପର୍କରେ ସେ ଏକ ଚିତ୍ତାକର୍ଷକ ଓ ଶିକ୍ଷଣୀୟ ଗଳ୍ପ ତାଙ୍କ ନାତିଙ୍କୁ କହି ବସିଲେ । ଏହି ଗପର ନାମ ଥିଲା ମେଷପାଳକର କନ୍ୟା ।

ଥରେ ପାରସ୍ୟ ଦେଶର ଯୁବରାଜ ଗୋଟିଏ ମେଷପାଳକର କନ୍ୟାକୁ ହୃଦୟ ଦେଇ ବସିଲେ । ସେ ଅତ୍ୟନ୍ତ ସୁନ୍ଦରୀ ଥିଲେ । ତାଙ୍କର ରୂପର ଆକର୍ଷଣ ରାଜପୁତ୍ରଙ୍କୁ ଏକ ପ୍ରକାର ପାଗଳ କରି ଦେଲା । ଦିନେ ସେ ନିଜର ଇଚ୍ଛା ତାଙ୍କର ବାପାଙ୍କ ନିକଟରେ ବ୍ୟକ୍ତ କଲେ । ରାଜା ଯେତେବେଳେ ଜାଣିଲେ ଯେ ତାଙ୍କ ପୁତ୍ରର ଭାବୀ - ପତ୍ନୀ ଗୋଟିଏ ନୀଚକୂଳରେ ଜନ୍ମିତା ଝିଅ, ସେ ସିଧାସଳଖ ତାଙ୍କ ପୁତ୍ରର ବିବାହ ପ୍ରସ୍ତାବକୁ ମନା କରିଦେଲେ । କିନ୍ତୁ କିଛିଦିନ ପରେ ରାଜା ମେଷପାଳଙ୍କ କନ୍ୟାପ୍ରତି ଥିବା ତାଙ୍କ ପୁତ୍ରର ଅନାବିଳ ଓ ସ୍ୱର୍ଗୀୟ ପ୍ରେମକୁ ଜାଣିପାରିଲେ ଏବଂ ସେ କଥା ହୃଦୟଙ୍ଗମ କରି ସଙ୍ଗେ ସଙ୍ଗେ ଏକ ବିବାହ ପ୍ରସ୍ତାବ ସହ ତାଙ୍କର ରାଜଦୂତଙ୍କୁ ମେଷପାଳକର କନ୍ୟା ନିକଟକୁ ପ୍ରେରଣ କଲେ । କିନ୍ତୁ ଝିଅଟି ପାରସ୍ୟ ରାଜାଙ୍କର ବୋହୂ ହେବା ପାଇଁ ଏକ ସର୍ତ୍ତ ରଖିଲେ । ତାଙ୍କର ସର୍ତ୍ତ ଅନୁସାରେ କୌଣସି ଏକ ଉପକାରୀ ବିଦ୍ୟା ଶିକ୍ଷାକଲା ପରେ ସେ ତାଙ୍କୁ ନିଜର ପତି ରୂପେ ବରଣ କରିବେ । ରାଜଦୂତ ସେଠାରୁ ଫେରିଆସି ରାଜକୁମାରଙ୍କୁ ଝିଅର ସର୍ତ୍ତ ଶୁଣାଇଦେଲେ । ପ୍ରେମରେ ଅନ୍ଧପ୍ରାୟ ହୋଇଯାଇଥିବା ରାଜପୁତ୍ର ବେଣାରେ ସପବୁଣିବା କାର୍ଯ୍ୟ ଆରମ୍ଭ କରିଦେଲେ । ନିଷ୍ଠା ଓ ଆଗ୍ରହର ସହିତ ସେ ମାତ୍ର ତିନିଦିନ ଭିତରେ କେତୋଟି ରଙ୍ଗବେରଙ୍ଗର ଆକର୍ଷଣୀୟ ମସିଣା ବୁଣିଲେ ଏବଂ ରାଜଦୂତଙ୍କ ହାତରେ ନିଜର ଭାବୀ - ପତ୍ନୀଙ୍କ ନିକଟକୁ ପଠାଇଲେ ।

ମେଷପାଳକଙ୍କର କନ୍ୟା ମସିଣାର ସୂକ୍ଷ୍ମକୁଶଳତାକୁ ପ୍ରଶଂସା କଲେ ଏବଂ ତାଙ୍କର ବିବାହ ରାଜପୁତ୍ରଙ୍କ ସହିତ ଅନୁଷ୍ଠିତ ହେଲା । ଦିନେ ରାଜକୁମାର ବାଗ୍‌ଦାଦ୍ ନଗରୀ ଭ୍ରମଣ କରୁଥିଲେ । ସେ ଗୋଟିଏ ଭୋଜନାଳୟକୁ ଦେଖିଲେ ଏବଂ ଏହାର ପରିଚ୍ଛନ୍ନତା ଏବଂ ସୁଶୀତଳ ପରିବେଶ ଦେଖି ସେଠାରେ ଏକ ଟେବୁଲ୍‌ରେ କିଛି ଖାଇବା ପାଇଁ ବସିଥିଲେ । ସେହି ସମୟରେ ଦଳେ ଚୋର ଆସି ତାଙ୍କୁ ବଳପୂର୍ବକ ଭୂ-ଗର୍ଭସ୍ଥ ଏକ ବିରାଟ ବନ୍ଦୀଗୃହ ଭିତରକୁ ନେଇଗଲେ । ସେଠାରେ ସହରର ଅନେକ ବଡ଼ ବଡ଼ ବ୍ୟକ୍ତି ଥିବାର ସେ ଆଶଙ୍କା କଲେ । ସେଠାରେ ବନ୍ଦୀଥିବା ଅସାମାଜିକ ବ୍ୟକ୍ତିମାନେ ବନ୍ଦୀଥିବା ମୋଟା ବ୍ୟକ୍ତିମାନଙ୍କୁ ହତ୍ୟାକରି ପତଳା ଥିବା ବ୍ୟକ୍ତିମାନଙ୍କୁ ଖାଇବାକୁ ଦେଉଥିଲେ । ରାଜକୁମାର ପତଳା ଥିବାରୁ ତାଙ୍କର ଜୀବନ ରକ୍ଷା ପାଇଯାଇଥିଲା ଏବଂ ସେ ଛଦ୍ମବେଶରେ ଥିବାରୁ ତାଙ୍କୁ କିଏ ଚିହ୍ନି ପାରି ନଥିଲେ ।


ବର୍ତ୍ତମାନ ଯୁବରାଜ ନିଜକୁ ଓ ଅନ୍ୟାନ୍ୟ ଅତ୍ୟାଚାରିତ ବନ୍ଧୀମାନଙ୍କୁ ମୁକୁଳାଇବା ପାଇଁ ଉପାୟ ପାଞ୍ଚିଲେ । ନିଜର କଳାକୌଶଳ ବିଦ୍ୟା

ସଂପର୍କରେ ସେ ଦିନେ ଅପରାଧୀମାନଙ୍କୁ ଜଣାଇଲେ । ସେମାନେ ସଙ୍ଗେ ସଙ୍ଗେ ତାଙ୍କୁ ବେଣା ଦେଲେ । ତିନି ଦିନରେ ଛଦ୍ମବେଶୀ ରାଜକୁମାର ତିନୋଟି ସୁନ୍ଦର ମସିଣା ବୁଣିଲେ ଏବଂ ଏଗୁଡ଼ିକ ପାରସ୍ୟ ରାଜାଙ୍କ ନିକଟକୁ ଅପରାଧୀମାନଙ୍କ ହାତରେ ପଠାଇ ଦେଲେ । ରାଜା ମସିଣାଗୁଡ଼ିକ ଦେଖି ଆନନ୍ଦିତ ହୋଇ ଉଠିଲେ । କାରଣ ମସିଣାଗୁଡ଼ିକ ଥିଲା ତାଙ୍କ ପୁଅର ଯାଦୁକାରୀ ବୁଣା ଶୈଳୀ । ସେ ଏଗୁଡ଼ିକୁ ନିଜର ବୋହୂକୁ ନେଇ ଦେଲେ । ଫଳରେ ବୋହୂ ଏହି ମସିଣାଗୁଡ଼ିକରେ ଲେଖାଥିବା ତାଙ୍କ ସ୍ୱାମୀଙ୍କର ପାରସ୍ୟ ଭାଷାରେ ଲିଖିତ ସନ୍ଦେଶକୁ ଜାଣି ପାରିଲେ । ଏ ସମସ୍ତ କଥା ସେ ତାଙ୍କର ଶଶୁରଙ୍କୁ ଜଣାଇ ଦେଲେ ।

ତେଣୁ ରାଜା ତାଙ୍କ ପୁତ୍ରର ବନ୍ଦୀଗୃହ ନିକଟକୁ ଏକ ଦଳ ସୈନ୍ୟ ପଠାଇଲେ । ସୈନ୍ୟମାନେ ସେହି ଚୋର ଏବଂ ହତ୍ୟାକାରୀମାନଙ୍କୁ ଅତର୍କିତ ଭାବରେ ଆକ୍ରମଣ କଲେ ଏବଂ ରାଜପୁତ୍ର ଓ ଅନ୍ୟମାନଙ୍କୁ ଏ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ । ରାଜପୁତ୍ର ତାଙ୍କର ସ୍ତ୍ରୀର ଚତୁରତା ପାଇଁ କୃତଜ୍ଞତାରେ ବିହ୍ୱଳିତ ହୋଇ ଉଠିଲେ ଏବଂ ନିଜ ସ୍ତ୍ରୀକୁ କହିଲେ ସତରେ ତମେ କେତେ ମହାନ୍ । ତୁମର ଚତୁରତା ଯୋଗୁଁ ଆଜି ମୋର ପ୍ରାଣ ରକ୍ଷା ପାଇଲା ।

ବୁଢ଼ୀ ମା'ଙ୍କ କାହାଣୀଟି ଲେଖକଙ୍କ ମନକୁ ଖୁବ୍ ପାଇଲା । ସେହି ଦିନଠୁଁ ସେ କିଛି କର୍ମକୁଶଳତା ଶିଖି ଦି'ପଇସା ରୋଜଗାର କରିବା ଓ ନିଜ ଜୀବନକୁ ସାର୍ଥକ କରିବା ପାଇଁ ମନେ ମନେ ଶପଥ କଲେ । ଏଥିରୁ ଆମ୍ଭେମାନେ ଶିକ୍ଷା ପାଇବା ଯେ, ରାଜକୁମାର ପରି ଆମ୍ଭେମାନେ ମଧ୍ୟ କୌଣସି ହସ୍ତକାର୍ଯ୍ୟ ଶିଖିବା ଦରକାର ତେବେଯାଇ ଆମ୍ଭମାନଙ୍କର ଜୀବନ ରକ୍ଷା ପାଇବ ଏବଂ ଆମ୍ଭେମାନେ ଦି'ପଇସା ରୋଜଗାର କରି ସୁଖରେ ଜୀବନ ବିତାଇ ପାରିବା ।

**ମାଳତୀ ପରଜା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



**କୁସୁମିତା ଭୂମିଆ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

# ଜଙ୍ଗଲ ଜଗିଛି କମ୍ପୁଟର ବାଘ

ଦୀପ୍ତି ଗାଁ ସ୍କୁଲରେ ପଢ଼େ । ଗାଁକୁ ଲାଗି ଗୋଟିଏ ବଡ଼ ଜଙ୍ଗଲ । ସେ ମଝିରେ ମଝିରେ ସେଠାକୁ ବୁଲିଯାଏ । ଗଛଲତାକୁ ବହୁତ ଭଲପାଏ । କୌଣସି ଜୀବ ଦେଖିଲେ ସେ ଭାରି ଖୁସି ହୁଏ ।

ଦୀପ୍ତି ଦେଖିଲା ସେଇ ଜଙ୍ଗଲର ଗଛ ସବୁ ଆସ୍ତେ ଆସ୍ତେ କମିଯାଉଛି । ଲୋକମାନେ ଗଛ କାଟି ପକାଉଛନ୍ତି । ଜୀବଜନ୍ତୁଙ୍କ ସଂଖ୍ୟା କମିଯାଉଛି । ଆଗ ଭଳି ପକ୍ଷୀମାନେ ରାବୁ ନାହାନ୍ତି । ତା'ର ଚିନ୍ତା କିପରି ଜଙ୍ଗଲ ସୁରକ୍ଷା ହେବ ।

ଦୀପ୍ତି ମାଟ୍ରିକ୍ ପାଶ୍ ହେବା ପରେ ବିଜ୍ଞାନ କଲେଜ୍‌ରେ ନାଆଁ ଲେଖାଇଲା । ପରେ ବହୁତ ପଢ଼ି ସେ କମ୍ପୁଟର ଇଞ୍ଜିନିୟର ହେଲା । ସେ ଜଙ୍ଗଲ ପାଇଁ ଏକ ନୂଆ କୌଶଳ ବାହାର କଲା । ତିଆରି କଲା 'କମ୍ପୁଟର ବାଘ' । ସେ ବାଘ ଭଳି ଗର୍ଜନ କରୁଥାଏ । ବାଘ ଭଳି କୁଦାମାରେ । କିନ୍ତୁ ବନ୍ଧୁକ ତା'ର କିଛି କରିପାରେ ନାହିଁ । ନିଆଁରେ ପୋଡ଼ିବ ନାହିଁ କି ଫାଶରେ ଧରା ଦେବ ନାହିଁ । ନିଜକୁ ବଞ୍ଚାଇବା ପାଇଁ ସେଥିରେ ସବୁ ବ୍ୟବସ୍ଥା ଥାଏ । ଏ ବାଘ କେବଳ ମଣିଷକୁ ଆକ୍ରମଣ କରି କ୍ଷତବିକ୍ଷତ କରି ପକାଇବ । କିନ୍ତୁ ଜୀବନରେ ମାରିବ ନାହିଁ । ଏ କମ୍ପୁଟର ବାଘର କାମ ହେଲା "କାଠକଟା ଶବ୍ଦ" ଶୁଣିଲେ ସେଠିକି ଝପଟିଯିବ, କାଠୁରିଆକୁ ମାଡ଼ିବସିବ । ଖଣ୍ଡିଆଖାବରା କରିଦେବ ।

ଦୀପ୍ତି ତା'କୁ ନେଇ ଗାଁ ଜଙ୍ଗଲରେ ଛାଡ଼ିଦେଲା । କାହାକୁ ଜଣାଇଲା ନାହିଁ ।

ୟା' ଭିତରେ ଦଶବର୍ଷ କଟିଯାଇଛି । ଏବେ ଗାଁ ଜଙ୍ଗଲରେ ବହୁତ ଗଛଲତା । ଜୀବଜନ୍ତୁ ମଧ୍ୟ ଅନେକ । ଲୋକେ କେହି ବୁଝିପାରୁ ନଥାନ୍ତି ଏମିତି ଘଞ୍ଚ ଜଙ୍ଗଲ ହେଲା କେମିତି ? ଇଏ ବାଘ ଆସିଲା କୁଆଡୁ । ଧୀରେ ଧୀରେ ସମସ୍ତେ ଜାଣିଗଲେ ଯେ ଏ ଦୀପ୍ତିର କାମ ।


ସମସ୍ତେ ଦୀପ୍ତି ପାଖକୁ ଯାଇ ପଚାରିଲେ - 'ସତରେ କ'ଣ ତମର କମ୍ପୁଟର ବାଘ ଅଛି ନା କୁହୁକ ବଳରେ ଏସବୁ କରୁଛ' ?

ଦୀପ୍ତି କହିଲା - ଏ କୁହୁକ ନୁହେଁ ଏ ବିଜ୍ଞାନର କରାମତି । ଦେଖିବ, ମୁଁ କମ୍ପୁଟର ବାଘକୁ ଡକାଇବି, ଡରିବ ନାହିଁ । ସେ ତମର କିଛି କ୍ଷତି କରିବ ନାହିଁ ।

ଅପେକ୍ଷା ନକରି ସେ ରିମୋର୍ଟ କଣ୍ଟ୍ରୋଲ୍‌ଟା ବ୍ୟବହାର କଲା । ଯେମିତି ସୁଇଚ ଟିପିଦେଇଛି ବାଘ ଆସି ସାମ୍ନାରେ ଠିଆ ହୋଇଗଲା । ନାଚିଲା ଆଉ ନାଚିଲା ।

ସେତେବେଳେ ଲୋକଙ୍କର ବିଶ୍ୱାସ ହେଲା ଯେ ଜଙ୍ଗଲକୁ ଏଇ କମ୍ପୁଟର ବାଘ ଏକା ବଞ୍ଚାଇଛି ।

**ଜାନକୀ ଜାନୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ



# ପ୍ରଜାପତି ଓ ମହୁମାଛିର ଝଗଡ଼ା

ଥରେ ମଙ୍କିମ୍ୟାନ କ'ଣ କରିଛି ନା' ପିଜୁଳି ଗଛରେ ଚଢ଼ିଥିଲା । ବାଛିବାଛି ବଢ଼ିଆ ପିଜୁଳି ଖାଉଥିଲା । ତଳକୁ ଚାହିଁ ଦେଖିଲା, ଗୋଲାପ ଫୁଲଟିଏ ଫୁଟିଛି, ତା' ଉପରେ ମହୁମାଛି ଓ ପ୍ରଜାପତି ଦୁଇଟି । ତାଙ୍କ ଭିତରେ ଲଢ଼େଇ ଚାଲିଛି ।

ମହୁମାଛି କହୁଛି ତୁ ଏଠୁ ବାହାର । ଏ ଫୁଲଟା ମୋର । କାହିଁକି ନା ପ୍ରଥମେ ମୁଁ ଏଠିକି ଆସିଛି । ଏ ଫୁଲର ଯେତେ ରସ ସବୁ ମୋର । ନା' ଭୁଲ୍ କହୁଛୁ । ତୋ' ଆଗରୁ ମୁଁ ଏଠିକି ଆସିଥିଲି, ତେଣୁ ଏ ଫୁଲ ଆଉ ତା' ରସର ମାଲିକ ମୁଁ ।

ଏମିତି ଦୁହିଁଙ୍କ ଭିତରେ ଝଗଡ଼ା ଲାଗିଛି । କେହି ଆଉ ଫୁଲ ପାଖରେ ପହଞ୍ଚି ପାରୁନାହାନ୍ତି । ମଙ୍କିମ୍ୟାନ୍ ସବୁ ଦେଖୁଥାଏ । ସେ ଦୁହିଁଙ୍କୁ ପାଖକୁ ଡାକିଲା । ପଚାରିଲା - "କିରେ କାହିଁକି ଲଢୁଛ" ? ପ୍ରଜାପତି କହିଲା - ମାମୁଁ ତମେ ତ ସବୁ ଦେଖୁଛ, ମୁଁ ପ୍ରଥମେ ଗୋଲାପ ଫୁଲ ପାଖକୁ ଆସିଥିଲି, ତେଣୁ ଏହାର ରସ ମୋର ନା' ନୁହଁ ?

ମହୁମାଛି କହିଲା - ନା' ଅଙ୍କଲ୍ ସେ ଭୁଲ୍ କହୁଛି, ମୁଁ ପ୍ରଥମେ ଫୁଲ ପାଖକୁ ଆସିଥିଲି । ତମେ ଯେଉଁ ନ୍ୟାୟ କରିବ ମୁଁ ମାନିବାକୁ ତିଆର ।

ମଙ୍କିମ୍ୟାନ ଦୁହିଁଙ୍କୁ ବୁଝାଇଲା । କହିଲା - ତୁ କେତେବେଳେ ଆସିଲୁ ଆଉ ପ୍ରଜାପତି କେତେବେଳେ ଆସିଲା ମୁଁ ଦେଖି ନାହିଁ । କିନ୍ତୁ ତୋ' ପରି ମାଛିଙ୍କ ସ୍ୱଭାବ ମୋତେ ଭଲଭାବେ ଜଣା । ସେଦିନ ତୋ ପରି କେତେଟା ମହୁମାଛି ଆସି ମୋତେ ମଧ୍ୟ ବିନ୍ଧିଲେ । ଛାଡ଼ ସେକଥା । ମୁଁ ଠିକ୍ ନ୍ୟାୟ କରିବି, ପକ୍ଷପାତ ବିଚାର କରିବି ନାହିଁ । ତୁମେ ଦୁହେଁ ଏ ଫୁଲର ରସ ଅଧା ଅଧା ବାଣ୍ଟି ନିଅ ।

ପ୍ରଜାପତି କହିଲା - "ନା, ସେକଥା ହେବ ନାହିଁ । ଫୁଲ ଉପରେ ମୋର ପୂରା ଅଧିକାର । ମୁଁ କାହିଁକି ଅଧା ଭାଗ ନେବି ? ସେ କଥା ହେବନାହିଁ । ମୁଁ ଏଥିରେ ରାଜି ନୁହଁ ।

ଠିକ୍ ସେତିକିବେଳେ ଭାଲୁଟିଏ ବୁଲୁଥିଲା । ସେ ଆସି ସେଇ ଗଛ ପାଖରେ ପହଞ୍ଚିଗଲା । ମଙ୍କିମ୍ୟାନ ଭାଲୁକୁ କହିଲା - "ଆରେ ଭାଇ, ତୁ ଟିକିଏ ଦୁହିଁଙ୍କ କଳି ମେଣ୍ଟାଇ ଦେଲୁ । ଭାଲୁ ଜଣ ଜଣ କରି ଦୁହିଁଙ୍କୁ ପଚାରିଲା, ତାଙ୍କ କଥା ଶୁଣିଲା । ଭାଲୁ କହିଲା - ଆଚ୍ଛା, ଏମିତି କଥା ? ମୁଁ ତୁମ ଦୁହିଁଙ୍କ କଥା ଶୁଣିଲି । ମୁଁ ଫଇସଲା କରୁଛି ଯେ ଏ ଫୁଲ ଉପରେ ଅଧିକାର ହେଉଛି ମହୁମାଛିର । ପ୍ରଜାପତି ରାଗିଗଲା । ଜୋର୍‌ରେ କହିଲା- "ଏ ନ୍ୟାୟରେ ମୁଁ ଖୁସି ନୁହେଁ ।" ତମେ ମହୁମାଛି ପକ୍ଷ ନେଇ କହୁଛ ମୁଁ ଏହାକୁ ମାନିବି ନାହିଁ । ଭାଲୁ କହିଲା - "ନାଇରେ ମୁଁ କାହାପଟ ନେଉନାହିଁ । ମୁଁ ଯାହା କହିଲି ଠିକ୍ ନ୍ୟାୟ କଥା । ଟିକିଏ ଚିନ୍ତା କର । ତୁ ଯେଉଁ ରସ ନେଇଛୁ, ତାହା ନିଜ ପାଇଁ, କିନ୍ତୁ ମହୁମାଛି ଯେଉଁ ରସ ନେଉଛି, ତାକୁ ସାଇତି ରଖୁଛି, ଅନ୍ୟମାନଙ୍କୁ ବାଣ୍ଟୁଛି ।

ଭାଲୁ ପୁଣି କହିଲା - " ସେ ଯେଉଁ ରସ ବାଣ୍ଟୁଛି, ତାହା ହେଉଛି "ମହୁ" ।

ସବୁରି ଉପକାରରେ ଲାଗେ । ଅନ୍ୟ ପାଇଁ ଯିଏ କାମ କରେ । ସିଏ ହେଉଛି ବଡ଼ । ତେଣୁ, ଏହା ଉପରେ ଅଧିକାର ହେଉଛି ମହୁମାଛିର ।

ପ୍ରଜାପତି ବୁଝିଗଲା । ଆଉ କ'ଣ କହିବ ? "ନମସ୍ତେ କହି ଉଡ଼ି ଚାଲିଗଲା । ସେଇଦିନଠୁଁ ଦୁହେଁ ଦୁହିଁଙ୍କୁ ଦେଖିଲେ କହନ୍ତି ନମସ୍ତେ । ଆଉ କଳି ନାହିଁ କି କଜିଆ ନାହିଁ ।

**ଜାନକି ପରଜା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

# ଗୁରୁଙ୍କ ଆଶିର୍ବାଦ

ଗୋଟିଏ ଗ୍ରାମରେ ରାଜୁ ବୋଲି ପିଲାଟି ଥିଲା । ସେ ଭାରି ଦୁଷ୍ଟ ଥିଲା । ଘରେ ବାପା ମାଆଙ୍କ କଥା ମାନେ ନାହିଁ । ସ୍କୁଲରେ ମଧ ଶିକ୍ଷକଙ୍କ କଥା ଶୁଣେ ନାହିଁ । ସେଥିପାଇଁ ବାପା ମାଆ ଏବଂ ଶିକ୍ଷକମାନେ ଭଲ ପାଆନ୍ତି ନାହିଁ । ଦିନେ ତାଙ୍କର ପରୀକ୍ଷା ଫଳ ବାହାରିଥିଲା । ପରୀକ୍ଷାରେ ତା ସାଙ୍ଗ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା । ରାଜୁ ଭଲ ନମ୍ବର ରଖିନଥିଲା । ତେଣୁ ତାକୁ ପୁରସ୍କାର ଦିଆଯାଇ ନଥିଲା । ରାଜୁ ରାଗିଯାଇ ତା' ସାଙ୍ଗ ହାତରୁ ପୁରସ୍କାର ଛଡ଼େଇ ପଳେଇ ଯାଉଥିଲା । ଶିକ୍ଷକ ଏବଂ ଉପସ୍ଥିତ ଅବିଭାବକମାନେ ତାକୁ ଧରିଥିଲେ । ସେଦିନ ରାଜୁ ଶିକ୍ଷକଙ୍କଠାରୁ ମାଡ଼ ଖାଇଥିଲା । ଶିକ୍ଷକ କହିଲେ, "ତୁ ଯଦି ପୁରସ୍କାର ପାଇବାକୁ ଚାହୁଁଛୁ ତାହା ହେଲେ ମନ ଦେଇ ପାଠପଢ଼, ଶିକ୍ଷକ,ପିତାମାତାଙ୍କ କଥାକୁ ମାନ ଏବଂ ସେମାନଙ୍କର ସେବା କର । ତାହା ହେଲେ ଯାଇଁ ତୋ' ସାଙ୍ଗ ପରି ପୁରସ୍କାର ପାଇବୁ ।"

ରାଜୁ ଘରେ ପହଞ୍ଚିଲା ପରେ ବାପା ତାକୁ ବହୁତ ଗାଳି କରିଥିଲେ । ରାଜୁ ରାତି ସାରା କାନ୍ଦିଲା ଏବଂ ସେ ଭଲ ପାଠ ପଢ଼ିବା ପାଇଁ ଇଛା କଲା । ସେ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା । ପ୍ରତିଦିନ ବାପାମାଆଙ୍କ ସେବାରେ ଲାଗିପଡିଲା । ବାପାମାଆ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇ ଥିଲେ । ଠିକ୍ ସମୟରେ ପାଠ ପଢ଼ିବା ପାଇଁ ସେ ସ୍କୁଲକୁ ଯାଏ । କିଛି ଦିନ ପରେ ରାଜୁ ସବୁ କାମ ଅଭ୍ୟାସରେ ପରିଣତ କରିଦେଲା । ପିତାମାତା, ଶିକ୍ଷକମାନେ ତା'ର ଭଲ କର୍ମ ଦେଖି ଖୁସି ହେଲେ । ପିତାମାତା ତା ସେବାରେ ଅତ୍ୟନ୍ତ ପ୍ରୀତ ହୋଇ ଆଶୀର୍ବାଦ ଦେଲେ । ଯଥାର୍ଥରେ କୁହାଯାଇଛି, "ଗୁରୁଙ୍କୁ ବହୁତ କଲେ ସେବା, ଗୁରୁ କହିଲେ କିଛି ନେବା"। ରାଜୁ ସେହି ବର୍ଷ ପରୀକ୍ଷାରେ ପ୍ରଥମ ହୋଇ ପୁରସ୍କୃତ ହେଲା । ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଏବଂ ପିଲାମାନେ ବହୁତ ଖୁସି ହୋଇଥିଲେ ।

**ସରସ୍ୱତୀ ବାନରା**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଲିଗାଁ

## ମାନେ କ'ଣ ?

ଚିନୁ - ଭାଇ, ନଥିଙ୍ଗ୍ ମାନେ କ'ଣ ?
ଭାଇ - କିଛି ନାଇଁ ।
ଚିନୁ - ତମେ ମିଛ କହୁଛ । ଆମ ସାର୍ ତ କହୁଥିଲେ, ସବୁ ଶବ୍ଦର କିଛି ନା କିଛି ଅର୍ଥ ଥାଏ । ନଥିଙ୍ଗ୍ ମାନେ କେମିତି କିଛି ନୁହେଁ ?

**କୁମାରୀ ବାସନ୍ତୀ ସୋରେନ୍**
କସ୍ତୁରିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ପ୍ରକୃତ ବନ୍ଧୁ

ଗୋଟେ ଗାଁରେ ଦୁଇ ଜଣ ସାଙ୍ଗ ଥିଲେ । ବହୁତ ଘନିଷ୍ଠ ବନ୍ଧୁ ଥିଲେ । ଜଣକ ନାଁ ସତ୍ୟ ଆଉ ଜଣକ ନାଁ କାଳିଆ । ଏକାଠି ବୁଲୁଥିଲେ । ଏକାଠି ପଢୁଥିଲେ । ଏକାଠି ସବୁ କରୁଥିଲେ । ସତ୍ୟ ଧନୀ ଘରର ପୁଅ, କାଳିଆ ଗରିବ ଘରର ପୁଅ । କାଳିଆର ଘର ଲୋକ ସତ୍ୟକୁ ଭଲ ପାଉଥିଲେ କିନ୍ତୁ ସତ୍ୟର ଘର ଲୋକ କାଳିଆକୁ ଭଲ ପାଉ ନଥିଲେ ।

ଦିନେ କାଳିଆ ଆଗ ସ୍କୁଲ୍ ଚାଲି ଆସିଲା । ଶ୍ରେଣୀରେ ପାଠ ପଢ଼ା ଚାଲିଲା । ସାର୍ ଦେଖିଲେ ସତ୍ୟ ଆସିନି । କାଳିଆ କହିଲା, "ସାର୍ ମୁଁ ଜାଣିନି ସେ କ'ଣ ପାଇଁ ଆସିନି । ସାର୍ କହିଲେ, "ସିଏ ତୋ ସାଙ୍ଗ, ତୁ କେମିତି ଜାଣିନୁ" । ସେତେବେଳେ ପିଅନ ଆସି କହିଲା, "ସାର୍ ସତ୍ୟର ଦୁର୍ଘଟଣା ହେଇ ଯାଇଛି ।" ସାର୍ କହିଲେ, ପିଲେ ତମେମାନେ ପଢୁଥିବ ମୁଁ ମେଡ଼ିକାଲ ଯାଉଛି" । କାଳିଆ କହିଲା, "ସାର୍ ମୁଁ ଆପଣଙ୍କ ସହିତ ଯିବି । ହଉ ଚାଲ, ସାର୍ କହିଲେ । ମେଡ଼ିକାଲରେ ସତ୍ୟର ବାପା, ମାଆ ଓ ତା'ର ଭଉଣୀ ଥାଆନ୍ତି । ସାର୍ ଆସି ପହଞ୍ଚିଲେ । କାଳିଆ ବି ଆସିକି ପହଞ୍ଚିଲା । ସାର୍ ସତ୍ୟର ବାପାକୁ ପଚାରିଲେ, "ସତ୍ୟର କେମିତି ଦୁର୍ଘଟଣା ହେଲା" । ବେଶି କିଛି ହେଇନି ତ ?" ସତ୍ୟର ବାପା କହିଲେ "ସ୍କୁଲକୁ ଗଲା ବେଳେ ବାଟରେ ମୋଟର ଗାଡ଼ି ସହିତ ଧକ୍କା ହେଇଗଲା । ମୁଣ୍ଡରେ ଆଘାତ ଲାଗିଛି । ସେତେ ବେଳେ ଡାକ୍ତର କହିଲେ, "ସତ୍ୟର ରକ୍ତ ଦରକାର ଓ ତା' ବ୍ଲଡ୍ ଗ୍ରୁପ୍ ଯାହାର ସେ ସତ୍ୟକୁ ଦେଇ ପାରିବ ।" କାଳିଆ କହିଲା "ଡାକ୍ତର ବାବୁ ମୁଁ ରକ୍ତ ଦେବି ସତ୍ୟକୁ । ସତ୍ୟର ବାପା ରାଗି କି କହିଲା, "ନା ସେ ଗୋଟେ ଗରିବ ଘରର ପୁଅ, ମୋ ପୁଅକୁ ସେ ରକ୍ତ ଦେଇ ପାରିବନି ।" ସାର୍ କହିଲେ, "ଆପଣ ଗରିବ ଧନୀ କାହିଁକି ଫରକ୍ ବାଛୁଛନ୍ତି । ମଣିଷ ତ ଏକା । ସତ୍ୟର ବାପା ଆହୁରି ରାଗିକି କହିଲେ, "ନା କାଳିଆ ମୋ ପୁଅକୁ ରକ୍ତ ଦେଇ ପାରିବନି । ମୁଁ ଯେଉଁଠୁ ହେଲେ ବି ରକ୍ତ ଆଣିବି" । ଡାକ୍ତର କହିଲେ,"ଦେଖନ୍ତୁ ଆପଣ ପୁଅକୁ ଯଦି ବଞ୍ଚିବାରେ ଦେଖିବାକୁ ଚାହାନ୍ତି, ତେବେ କାଳିଆକୁ ମନା କରନ୍ତୁ ନି ।" ସତ୍ୟର ବାପା ବାଧ ହେଇ ଆଉ କିଛି କହିଲେ ନାହିଁ । କାଳିଆ ସତ୍ୟକୁ ରକ୍ତ ଦେଲା । ତା'ପରଦିନ ସତ୍ୟ ପୂରା ପୂରି ଠିକ୍ ହେଇ ଆସିଲା ଘରକୁ । ତା' ବାପା ଖୁସି ହେଇ ପୁଅକୁ କୁଣ୍ଢେଇ ପକାଇଲେ । ସତ୍ୟର ବାପା ନିଜ ଭୁଲ୍ ବୁଝିପାରିଲେ । କାଳିଆ ପାଖକୁ ଯାଇ କହିଲେ, "ପୁଅରେ ମତେ କ୍ଷମା କରିଦେ । ମୁଁ ତତେ ବହୁତ ଗାଳି ଦେଇଛି । ତୁ ଯଦି ମୋ ପୁଅକୁ ରକ୍ତ ଦେଇ ନ ଥାନ୍ତୁ, ତେବେ ମୋ ପୁଅକୁ ପାଇନଥାନ୍ତି । ତୋ ପାଇଁ ଆଜି ମୋ ପୁଅକୁ ଦେଖି ପାରୁଛି ।" କାଳିଆ କହିଲା, "ମଉସା ସେମିତି କୁହନ୍ତୁନି । ସତ୍ୟ ମୋର ବନ୍ଧୁ, ବନ୍ଧୁର କର୍ତ୍ତବ୍ୟ ପାଳନ କରିଛି । ସତ୍ୟର ବାପା ସାର୍‌ଙ୍କ ପାଖକୁ ଯାଇ କାନ୍ଦିକି କହିଲେ, "ସାର୍ ମତେ କ୍ଷମା କରିଦିଅନ୍ତୁ" । ସାର୍ କହିଲେ, "କ୍ଷମା ମାଗିବାର କ'ଣ ଅଛି । ଯାହା ହେବାର ଥିଲା ହୋଇଗଲା ।" ସତ୍ୟ କାଳିଆ ପାଖକୁ ଆସି କୁଣ୍ଢେଇ ପକେଇ କହିଲା, "କାଳିଆ ତୁ ମୋର ପ୍ରକୃତ ବନ୍ଧୁ ମୁଁ ତୋ ଋଣ କେମିତି ଶୁଝିବି ବୁଝିପାରୁନି । କାଳିଆ କହିଲା, "ସତ୍ୟ କିଛି ଶୁଝିବାର ନାହିଁ । ଆମେ ଦୁଇ ବନ୍ଧୁ, ବନ୍ଧୁ ହେଇ ରହିଥିବା । ସତ୍ୟ, କାଳିଆ ବହୁତ ଭଲରେ ରହିଲେ ।

**ସିମ୍ରନ୍ ମିଞ୍ଜ୍**
କସ୍ତୁରବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ଦଶରଥପୁର, ଯାଜପୁର

# ତିନିଭାଇ ଓ ଯାଦୁଗର

ଗୋଟିଏ ଗାଁରେ ତିନି ଭାଇ ରହୁଥିଲେ । ସେମାନେ ବହୁତ ଗରିବ ଥିଲେ । ଗାଁରେ ସେମାନେ ଲୋକମାନଙ୍କ କାମ ମଜୁରି ହିସାବରେ କରୁଥିଲେ । ସେମାନେ ଦିନେ ଚିନ୍ତା କଲେ । ଆମେ ସହରକୁ ଯାଇ କାମ କରିବା । ତିନିହେଁ ସକାଳୁ ବାହାରି ପଡ଼ିଲେ ସହରକୁ ଯିବା ପାଇଁ । ବାଟରେ ଯାଉଯାଉ ଗୋଟିଏ ବୁଢ଼ାକୁ ଦେଖିଲେ । ସେ ବୁଢ଼ାର ଲମ୍ବା ନିଶ ଥିଲା । ସେ ବହୁତ ବୁଢ଼ା ହୋଇଯାଇଥିଲା । ସେ ତିନି ଜଣଙ୍କୁ ପଚାରିଲା ତୁମେ କୁଆଡ଼େ ଯାଉଛ ବାବୁ ? ମୁଁ ତମ ସାଙ୍ଗରେ ଯାଇ ପାରିବି କି ? ତିନିହେଁ କହିଲେ ଆମେ ସହରକୁ କାମ କରିବା ପାଇଁ ଯାଉଛୁ । ତମର ଯଦି ସହର ଯିବାର ଅଛି ତେବେ ଚାଲ ।

ଚାରି ଜଣ ସାଙ୍ଗ ହୋଇ ଗଲେ । ବାଟରେ ଯାଉଥିବା ବେଳେ ଗୋଟିଏ ନଦୀ ପଡ଼ିଲା । ବଡ଼ଭାଇ କହିଲା ଏଇ ନଦୀର ପାଣି ଯଦି ମଦ ପାଲଟି ଯାଆନ୍ତା ଓ ପାଖରେ ଗୋଟିଏ ଧର୍ମଶାଳା ଥାଆନ୍ତା ତେବେ ମୁଁ ସେଇଠି ରହି ଲୋକମାନଙ୍କର ଦୁଃଖ ସୁଖ ବୁଝନ୍ତି ଓ ତାଙ୍କୁ ମଦ ପିଇବାକୁ ଦିଅନ୍ତି । ସେତେବଳେ ବୁଢ଼ାଟି ଏମିତି ଯାଦୁ କଲା ଯେ ବଡ଼ଭାଇ ଯେମିତି ଇଚ୍ଛା କରୁଥିଲା । ସେପରି ହେଲା । ବଡ଼ଭାଇ ଖୁସି ହୋଇ ସେଠାରେ ରହିଲା । ତିନିହେଁ ଚାଲିଲେ ବାଟରେ ।


ବାଟରେ ଗୋଟିଏ ସ୍ଥାନରେ ବହୁତ କଳାଧଳା ପଥର ଥିଲା । ସେଠାକାର ମାଟି ଚାଷ କରିବା ପାଇଁ ବହୁତ ଭଲ ଥିଲା । ମଝିଆଁ ଭାଇ କହିଲା ଏଇ ଜାଗାରେ ଥିବା କଳାଧଳା ପଥର ବଳଦ ପାଲଟି ଯାଆନ୍ତା କି ମୁଁ ଏଠାକାର ମାଟିରେ ଗହମ ଚାଷ କରିଚଳନ୍ତି । ଯିଏ ଆସିଲେ ମୁଁ ରୁଟି ଖାଇବା ପାଇଁ ଦିଅନ୍ତି । ବୁଢ଼ାଟି ତାର ଯାଦୁକରୀ ଶକ୍ତିରେ ତା'ର ମନର ଇଚ୍ଛା ପୂରଣ କରିଦେଲା । ସେ ସେଠାରେ ରହିଲା । ବୁଢ଼ା ଓ ସାନଭାଇ ଏବେ ବାଟରେ ଯାଉଥିବା ବେଳେ ଗୋଟିଏ ଗାଁରେ ଜମିଦାରଙ୍କ ଝିଅର ବିବାହ ପାଇଁ ସଜାସଜି ଚାଲିଥାଏ । ଝିଅଟି ଅତ୍ୟନ୍ତ ସୁନ୍ଦରୀ ଓ ଗୁଣବତୀ ମଧ୍ୟ । ସାନ ଭାଇ ଝିଅକୁ ଦେଖିବା ମାତ୍ରେ ପସନ୍ଦ କରି ପକାଇଲା । ସେ ବୁଢ଼ାକୁ କହିଲା - "ମୁଁ ଏ ଝିଅକୁ ବିବାହ କରି ସୁଖରେ ଚଳନ୍ତି" । ବୁଢ଼ା ଏଥର ରାଜି ହୋଇ ସାନ ଭାଇର ବାପା ହିସାବରେ ସେ ଝିଅର ବାହାଘର କରାଇ ଦେଲା । ସେ ଦିନ ବୁଢ଼ା ବହୁତ ଖୁସିଥିଲା । ସେ ରାତିଟା ଜାଗିରହି ସକାଳେ ନିଜ ଗାଁକୁ ଫେରିଲା । ବହୁତ ବର୍ଷ ବିତିଗଲା । ବୁଢ଼ା ଭାବିଲା ତିନି ଜଣ ଭାଇ କେମିତି ଚଳୁଥିବେ ଥରେ ଦେଖି ଆସିବା । ବଡ଼ ଭାଇ ଘରକୁ ଗଲା କିନ୍ତୁ ବଡ଼ ଭାଇ ଭାରି ହିଂସା ଓ ଗର୍ବୀ ହୋଇ ଯାଇଥିଲା । ସେ ବୁଢ଼ାକୁ ଚିହ୍ନି ନ ପାରି ବହୁତ ଗାଳି ଗୁଲଜ କଲା ଓ ଧକ୍କା ମାରି ବାହାର କରିଦେଲା । ବୁଢ଼ା ରାଗିଯାଇ ଯାଦୁଶକ୍ତି ବଳରେ ତା'ର ଇଚ୍ଛାକୁ ଭଙ୍ଗ କରିଦେଲା । ପାଣି ଆଉ ମଦ ହୋଇ ରହିଲା ନାହିଁ ଏବଂ ଧର୍ମଶାଳା ଉଭେଇଗଲା । ବଡ଼ ଭାଇ ସେତେବେଳେ ବୁଢ଼ାର ଗୋଡ଼ ତଳେ ପଡ଼ି କ୍ଷମା ମାଗିଲା କିନ୍ତୁ ବୁଢ଼ା ତାକୁ କ୍ଷମା ନ ଦେଇ ଚାଲି ଗଲା । ତା'ପରେ ମଝିଆ ଭାଇ ଘରକୁ ଗଲା । ସେତେବେଳେ ସେ ଚାଷ କାମ କରୁଥିଲା ସେ ବୁଢ଼ାକୁ ଦେଖି କହିଲା, - "ଛି ! ଏ ବେକାର ବୁଢ଼ାଟା ମୋ ପାଖରେ ଭିକ୍ଷା ମାଗିବା ପାଇଁ ଆସିଛି

କହି ଘରୁ ବାହାର କରିଦେଲା । ସେତିକି ବେଳେ ବଳଦ ପଥର ପାଲଟି ଗଲା ଓ ଗୁଷ ହୋଇ ଥିବା ମାଟି ଆଗରୁ ଯେମିତି ଥିଲା ସେମିତି ହୋଇଗଲା । ମଝିଆ ଭାଇ ବୁଢ଼ାର ଗୋଡ଼ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲା । କିନ୍ତୁ ବୁଢ଼ା ମୁହଁ ମୋଡ଼ି ଗୁଲିଗଲା ।

ତା'ପରେ ସାନ ଭାଇ ଘରକୁ ଗଲା । ସେତେବେଳେ ସାନ ଭାଇ ନଥିଲା । ତାର ସ୍ତ୍ରୀ ଓ ଛୁଆ ଦୁଇଟି ଥାଆନ୍ତି । ବୁଢ଼ାକୁ ଦେଖି ତା'ର ସ୍ତ୍ରୀ ପଚାରିଲା ଆପଣ କିଏ କାହିଁକି ଆସିଛନ୍ତି ? ବୁଢ଼ା କହିଲା - "ମୁଁ ତୋ ଶ୍ୱଶୁର, ମୁଁ ତମ ଘର କୁଣିଆ ଆସିଛି । ସାନ ଭାଇର ସ୍ତ୍ରୀ ଖୁସି ହୋଇ ପ୍ରଣାମ କଲା । ସେ କହିଲା, "ଏ ଛୁଆମାନଙ୍କର ବାପା ନାହାନ୍ତି । ବଜାର ଯାଇଛନ୍ତି ଆସୁଥିବେ । ଆମ ପାଖରେ ତ କିଛି ନାହିଁ । ସେ ଆସିଲେ ଯାହା ଆଣିବେ ତାକୁ ଖାଇବାକୁ ଦେବୁ । ବୁଢ଼ା ଖୁସି ହୋଇଗଲା । ସାନ ଭାଇ ଆସିଲା ସେ ବୁଢ଼ାକୁ ଦେଖି ଖୁସି ହୋଇ ମୁଣ୍ଡ ନୁଆଁଇ ପ୍ରଣାମ କଲା । ସେ ବଜାରରୁ ଖଜା ଓ ସୁଜି ଆଣିଥିଲା । ତା'ର ସ୍ତ୍ରୀ ଖଜା ଓ ସୁଜି ଘାଣ୍ଟି କରି ଖାଇବାକୁ ଦେଲେ । ତା'ପରେ ସେମାନେ କଥାବାର୍ତ୍ତାରେ ଦିନ କାଟିଲେ । ରାତିରେ ସେମାନେ ସମସ୍ତେ ଖାଇପିଇ ଆରାମରେ ଶୋଇଲେ । ରାତିରୁ ବୁଢ଼ା ଉଠି ଗ୍ଲିଗଲା । ସକାଳୁ ଉଠି ଦେଖିଲେ ତ ବୁଢ଼ା ନାହିଁ । ତାଙ୍କ ଘର ଧାନ ଗ୍ଉଳରେ ପରିପୂର୍ଣ୍ଣ ଥିଲା । ସେମାନେ ଆଶ୍ଚର୍ଯ୍ୟ ହୋଇ ଗଲେ । ତାଙ୍କର କିଛି ଅଭାବ ହେଲା ନାହିଁ । ସେମାନେ ସୁଖ ଶାନ୍ତିରେ ଚଳିଲେ ।

**ବର୍ଷା ମାଝୀ**
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ତୁଡାଲଗ, ସୁନ୍ଦରଗଡ





# ଜନଜାତି ଭାଷା ବିଭାଗ

## ସାଉଁତି ସେରେଞ୍ଜ

ଜହାର ଜହାର ସେର୍ମା ବଙ୍ଗା
ଜହାର ଜହାର ଜାହେର ବଙ୍ଗା
ନେହର ଜହାର ଆତାଙ୍ଗ ତାଲେପେ.........(୨)
ସେର୍ମା ମାଙ୍ଗିମ୍‌ରେ ଏନେଞ୍ଜ୍ ଜଙ୍ଗ୍ କିନ୍
ଜହାର ବିନ୍ଦୁ ଗ୍ନନ୍ଦାନ୍ ତିକିନ୍
ଆଟକାଗେ ଆହାଲା କିନ୍ ଗିଡ଼ିୟା...........(୨)
ଉନୁକିନ୍ ନାଃ ଆହାଲା ଆୟକଞ୍ଚତେ
ଉନ୍‌କିନ୍ ଠେନ୍ ଗଡ଼ ଲାଗିଦତେ
ଉନ୍‌କିନ୍ ସେନ୍‌ଇଞ୍ଜ କୟଗ୍ ଆକାଦ୍ ଆ.......(୨)
ଉନ୍‌କିନ୍ ମାର୍‌ସାଲ୍ ଲାସାଣ ହେଦ୍ କିନ୍
ଜହାର୍ ବିନ୍ଦୁ ଗ୍ନନ୍ଦାନ ତିକିନ୍
ମାର୍‌ସାଲ୍ ରେକିନ୍ ଆଣ୍‌ଗ ହିଜୁଃ ମା........(୨)
ଗଡ୍ ତିଞ୍ଜ୍ କିନ୍ ଆତାଙ୍ଗ କାଃ ମା
ଧିଲ୍ ଦାଲେକିନ୍ ଗ୍ନଲାଞ୍ଜ ମା
ଜିଇଇ ଇଞ୍ଜା ଲାସାଣ ହେଦ୍ ମା............(୨)

**କୁମାରୀ ସୀତା ହାଁସଦାଃ**
ରାସଗୋବିନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଣିଦା

## ଜେଗେଦ୍ ଉତ୍‌ନାଉ (ଜଗତ ଉଦ୍ଧାର ହେଉ)

ସେଦାୟ କାହେଁ କାନ ସତ ତାହେଁ କାନ
ବିର ବୁରୁ ଦାରେ ତାହେଁ କାନ,
ହିସିଦ ହୟତେ ସେର୍ମା ଜାଳୀତେ
ଦିନଗେ ସାର୍ୱାୟ ଲେତେ ।
ମାହାଃ ବାନୁ ଆନ, ସତ ବାନୁଃ ଆମ
ବିରବୁରୁ ଫାଦାୟେନା
ଅନା ତେଗେ ଧାର୍ତ୍ତି ରେମା
ଆକାଲ୍ ସେଟେ ରେନା ॥
ସାଣେଃଦ ଜୁଗ୍‌ରେ ଅଲବନ୍ ସେଣାୟ
ଗେୟାନ୍ ସେୟାନ୍ ଦେବନ୍ ଆର୍ଜାଉ
ଅନାତେଗେ ଧାର୍ତ୍ତି ରେଦ
ଜୀୱନ ମାର୍ଶା ଲଃଆ ॥

**ଶ୍ରୀ ଧାନୀ ସୋରେନ୍**
ମହାଖଳା ଆଶ୍ରମ ସ୍କୁଲ, ବଡ଼ଚଣା, ଯାଜପୁର୍





## କାଳ କୁଇଲି

ଆଲିଞ୍ଜଦ ଦୁଲାଳ ଟୁଆର ହଳକ

ଟୁଆର ହାକାନ ହଳକ ଦୁଲାଳ

ଆଲିଞ୍ଜା ଆଶା ଭରସା ତାହେଁ କାନ୍

ମାମ ମାମି ଅଳାଃରେ

ମାମ ଦୟ ଦୁଲାଳାଃ ଲିଞ୍ଜା

ମାମି ଦୟ ଏଗେର ଲିଞ୍ଜ ଆରହଃ କଲସା ଗିଡ଼ିକାଲିଞ୍ଜା

ଦାରାୟ କାନା ଗହ୍ମା ପରବ ଦିନରେ

ମାମି ଦୟ ଭେଜା ଲିଞ୍ଜ ବାଦ୍ କାମି

ମାମଦ ହେଜ୍ କାତେ ଆଲେ ଟଟରେ ଦୁଲୁବ କାତେ

ଦେଲା ଗ ଭାଗନା ଲେଲାଗ ଭାଗନୀ ଦେଲାଗ ଅଳାଃ ତେ

ଆଆଃ ଦ ମାମ ଲିଞ୍ଜା ବିଞ୍ଜା ହାକାନ୍

ଆଧାଃ ଦ ମାମ ଲିଞ୍ଜା ହଳଃ ହାକାନ୍

ଆଲିଞ୍ଜ ଦ ମାମ କାଳ କୁଇଲି ଗାଡା ଲିଞ୍ଜା ବେନାଆ

ଦୁଗ ମାମ ଅଳାଃତେ ସେନଃ ବିନ୍ ମାମିଦ ଲାୟହାଉ ବିନ୍


ଆଲିଞ୍ଜ୍ ଞୁତୁମ ତେ ସୁନୁମ୍ ସିନ୍ଦୁର ଆତାଗ ଗିଡ଼ି କାଆବିନ୍ ।

**କୁମାରୀ ବାସି ଚପେୟାର୍**
ରାସଗୋବିନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଣିଦା

## ଜାନାମ୍ ଆୟ ବାବା

ଜାନାମ୍ ଆୟ
ଜାନାମ୍ ବାବା
ଇଞ୍ଜକିନ୍ ଜାନାମ୍ଲିଦିଞ୍ଜ୍
ଜାନାମ୍ ଆୟଦୟ
ଦାଲିଞ୍ଜା ତଲିଞ୍ଜା
ଆରହୟ ଦୁଲାଳରୁଆଲିଞ୍ଜା
କାକି ଆୟଦୟ
ଦାଲିଞ୍ଜା ତଲିଞ୍ଜା
ଆରହୟ କଲ୍ସା ଗିଡିକାଞ୍ଜା
ଦେଗୋ ଆୟ
ରାପୁଦ୍ବାଟି
ଦେଗୋ ବାବା
ଆଳେଜ୍ଝୁଲା
କୟ କୟ ତିଞ୍ଜଅଡ଼କ ଗ୍ଲା
ଇଞ୍ଜିଞ୍ଜ୍ ଦାଣାନ୍
ବାଜାର୍ ବାଗିର୍

**କୁମାରୀ ରଶ୍ମିତା ମୁର୍ମୁ**
ରାସଗୋବିନ୍ଦପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଣିଦା



**ରଶ୍ମିତା ଶାନ୍ତା**
ସରକାରୀ ଆଶ୍ରମ ବିଦ୍ୟାଳୟ, ବାଲିଗାଁ

# ବଡ଼ବାହାଲିରିଆ ରାଂସାଜୀବନ

ହାତୁ ଲେଲୁଆ ଇମିନ୍ ହୁଜିଙ୍ ।
ଜାଗାର୍ ତାକୁଆ ଇମିନ୍ ବୁଗିନ୍ ॥

ଡିଏଙ୍ ରାଣି ଆକୁଆ ଏସୁ ବାଣିଏ ଲେକା ।
ହାତୁ ତାକ ଗଡବାହାଲି ସୁଇଜରଲ୍ୟାଣ୍ଡ୍ ଲେକା ॥

ହାତୁ ତାକ ବଡବାହାଲି ।
ଉଆ ତାକ ବାର୍‌ଚାହାଲି ॥

ବଇତରଣୀ ଗାଲା ତାକ ଏସୁ ବାଣିଏ ଲେକା ।
ଗିତିଲ ଲେଲୁଆ ସୁନାଚାନ୍ଦୀ କୁନି ଲେକା ॥

ଆୟାଁ ସାଙ୍ଗ ନୁରିୟେ ଦାମାଂ ସାଲିଏ ଏସୁ ବାଣିଏ ଲେକା ।
ଦାମାଙ୍ ଚାପାଳାୟା ବାର୍‌ଦାଉଁ ଏସୁ ରାଂସା ଲେକା ॥

ହେକ ସୁସୁନ୍‌ନେକ ଉଇ୍ ଉଇ୍ ତେ ପୁସ୍ତେକଲେକା ।
ନେନ୍ ବଡବାହାଲି ଆକୁଆ ରାଂସା ହାତୁ ଲେକା ॥

ପାସାନା ତାକୁଆ ମାରାଙ୍ ଦେହୁରି ଲେକା ।
ହୋକ ବୁଗିନ୍ କୁଆ ଇମିନ୍ ଆଁଜା ଲେକା ॥

ଲାକଚୋଜିନୀ ଆକୁଆ ହଳିଙ୍ ମାଇଁ ଲେକା ।
ମେତ୍‌ମୁଏଁ ତାଏ ସରଗ୍‌ରିଆ ଚାଣ୍ଡୁ ଲେକା ॥

ବାଣିଏଁ ଆକୁଆ ବଙ୍ଗାପାଇଟି ସାପାସୁତୁରା ଉଆଲେକା ।
ଧରମ୍ ବାବା ବଙ୍ଗା ତାକ ଯିଶୁଖ୍ରୀଷ୍ଟ ଲେକା ॥

**କୁମାରୀ ବିଜୟ ମୁଣ୍ଡା**
ସରକାରୀ ଉଚ୍ଚ ବିଦ୍ୟାଳୟ, ବକ୍ସିବାରିଗାଁ

## ସାଓ୍ବତା ସେରେଞ୍ଚ

ଆୟ ବାବା ଜାନାମ ଟୁଆର
ଦାରେ ବୁଟା ହିର୍‌ଲା
ଅଲଃପାଲ ହାଓ୍ବ ବୁଧି ଗେୟାନ
ଜିଓ୍ବିଜ ଲୁକୁଦ୍ ଲୁକୁଦଃ
ଆୟଠେନ ଖନ ରଲଦ ବୟହା
ବାବାଠେନ୍ ଖନ ଅଲଦ
ଅଲଗେ ଯତନ ହାରା ମେୟାୟ
ମହା ସାଦେଇ ହଳମ
ନାଞ୍ଚା ଜିଞ୍ଚି ହିଲୁରେଦ ଦିସମହଳକ ଞେଲା
ମାରେ ଜିଓ୍ବି ଗ୍ଲାଃ ରେଦ
ଚିଲି ହଁ ବାଳ ଞେଲା........................।

**କୁମାରୀ ପମା ହେମ୍ବ୍ରମ୍**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ମାଣିଦା



**କୁମାରୀ ଉର୍ମିଳା ମୁଦୁଲି**
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବୈପାରିଗୁଡ଼ା, ବାଲିଗାଁ

## ଗାତେ କୁଲି

ଆଲଙ୍ଗେ ଜିରାଡ଼ାର୍
ପତାଅକାତେ
ଭିଡ଼ ପିଣ୍ଡାରେ ରୁପ୍‌ଲାଙ୍ଗ୍ ରାକାବ୍
ରଳ ଲାଦାତେ ଗୁନ୍‌ଲାଙ୍ଗ୍ ସଦରା
ଜିଞ୍ଜିଲାଙ୍ଗ୍ ଉଲାସ୍ ଗଦା...........(୨)
ହରଅ ବାଦ୍ଧେତେ ଜାତି ଦୟ ଉପୁରୁମ୍
ରଦ୍‌ନାକିଜ୍‌ରେ ହଳମୟ ସୋଭାୟା
ଆଇନମ୍ ଖୋଦାରେ ଆଙ୍ଗାମେମ୍ ଦହୟା
ମନେଦୟ ମାର୍‌ସାଲ୍ ଗଦା............(୨)
କୁଲି ହପନ ଜାନାମ୍ ଜିରାଡ଼ାର୍
ଏଟାଅଳାଃ ଆପାନାର୍ ହୁୟୁଞ୍ଜ
କୁଲି ଧୂଳି ଡ଼ାଡ଼ି କୁଞ୍ଚ ଘାଟ
ଧରମ୍ ଆଖାଳାମ୍ ଦେୟାୟ.............(୨)
ଇରିଲ୍ ଇପିରିଲ୍ ସୁଲୁଖ୍ ସାଗାୟ
ହାନାର୍ ହଞ୍ଜାରା ଦୁପୁଲାଲ୍ ଦହ
ବଙ୍ଗା ବୁରୁରେ ଲାସାଲ୍ ହେଦ୍ ବେଭାର୍
ଘାରଞ୍ଜଲାଂଙ୍ଗ୍ ଉର୍‌ଗାଲ୍ ଗଦା........(୨)

**କୁମାରୀ ଛିତା ହାଁସଦାଃ**
ରାସଗୋବିନ୍ଦପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ମାଣିଦା

